CMYK

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- Vol.- 46, Issue No. 190
- Friday, 09 October 2026
- ଶୁକ୍ରବାର,୦୯ ଅକ୍ଟୋବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com




# ଓଡ଼ିଶା ବନ୍ଦ: ଲୋକେ ନାକେଦମ୍

## ଟ୍ରେନ୍, ବସ୍ ଓ ଅଟୋ ଚଳାଚଳ ଠପ୍




ଭୁବନେଶ୍ୱର,୮।୧୦: କଂଗ୍ରେସ ନେତୃତ୍ୱାଧୀନ 'ଇଣ୍ଡିଆ ବ୍ଲକ୍'ର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ପାଳନ କରାଯାଇଛି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ଏମ୍ଏମଡିଆର ବିଲ୍ ପ୍ରତ୍ୟାହାର ଓ ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ରାଜ୍ୟ କଂଗ୍ରେସ ଓ ବାମ ଦଳ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଥିଲା । ବନ୍ଦ ପାଳନରେ ସିପିଆଇ, ସିପିଆଇ (ଏମ୍), ସିପିଆଇ (ଏମ୍ଏଲ୍), ଏନସିପି, ଫରୱାର୍ଡ ବ୍ଲକ, ସମାଜବାଦୀ ପାର୍ଟି, ଆରଜେଡି, ଜେଏମ୍ଏମ୍ ସାମିଲ ହୋଇଛି । ଏ ନେଇ ଗୁରୁବାର ଭୁବନେଶ୍ୱରରେ ଏକ ପଦଯାତ୍ରା ଓ ବାଇକ୍ ରାଲି କରାଯାଇଛି । ବନ୍ଦ ପାଳନ ବେଳେ ଗାଡ଼ି ମୋଟର ଓ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି । ସକାଳୁ ସକାଳୁ ଓଡ଼ିଶା ବନ୍ଦ ପ୍ରଭାବ ରାଜଧାନୀ ଭୁବନେଶ୍ୱରରେ ଦେଖିବାକୁ ମିଳିଛି । ସକାଳ ୬ଟାରୁ ଆନ୍ଦୋଳନକାରୀମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରିବା ସହ ରାସ୍ତାରୋକ କରିଥିଲେ । ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକରେ କଂଗ୍ରେସ ଓ ଇଣ୍ଡିଆ ବ୍ଲକ୍ କର୍ମକର୍ତ୍ତା ହରତାଳ କରିଛନ୍ତି । ରେଳ ଷ୍ଟେସନକୁ ପ୍ରବେଶ ଉଦ୍ୟମ ବେଳେ ପୁଲିସ ସହ ଇଣ୍ଡିଆ ବ୍ଲକର କର୍ମୀଙ୍କ ମଧ୍ୟରେ ଠେଲା ପେଲା ପରିସ୍ଥିତି ସୃଷ୍ଟି ହୋଇଛି । ସେହିପରି କଟକ ରେଳ ଷ୍ଟେସନରେ ଟ୍ରେନ ରୋକିବାକୁ ଚେଷ୍ଟା କରିଛନ୍ତି କଂଗ୍ରେସ କର୍ମୀ । ଫଳରେ ଆରପିଏଫ୍ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ସ୍ଥିତି ଦେଖିବାକୁ ମିଳିଛି । ସେହିପରି ବନ୍ଦର ପ୍ରଭାବ ବାଲେଶ୍ୱର ସୋରରେ ଦେଖିବାକୁ ମିଳିଛି । ଉତ୍ତରେଶ୍ୱର ୧୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି କଂଗ୍ରେସ କର୍ମୀ । ଫଳରେ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଛି । ଭଦ୍ରକରେ ରାସ୍ତାରେ ଟାୟାର ଜାଳି ଆନ୍ଦୋଳନ କରିଛନ୍ତି । ପୁରୀ ରେଳ ଷ୍ଟେସନ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ରେଳଷ୍ଟେସନ ଭିତରକୁ ପ୍ରବେଶ ପାଇଁ ଉଦ୍ୟମ ବେଳେ ରେଲୱେ ପୁଲିସ ସହିତ ବିକ୍ଷୋଭକାରୀ ମୁହାଁମୁହିଁ ହୋଇଥିଲେ । ସେହିପରି ବସ୍ ଷ୍ଟାଣ୍ଡ, ଅଠରନଳା, ତଥା ପୁରୀ କଚେରି ଏବଂ ସମସ୍ତ ସ୍କୁଲ ଓ କଲେଜ, ବ୍ୟାଙ୍କ, ଆଦି ବନ୍ଦ ରଖିବା ପାଇଁ ନିବେଦନ କରିଥିଲେ ଇଣ୍ଡି ମେଣ୍ଟ ବିକ୍ଷୋଭକାରୀ । ଇଣ୍ଡିଆ ମେଣ୍ଟର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରାର ପ୍ରଭାବରେ କୋରାପୁଟରେ ଦେଖିବାକୁ ମିଳିଛି । ଅଖଚକ ସମ୍ପୂର୍ଣ୍ଣ ବନ୍ଦ । ଜରୁରୀକାଳୀନ ସେବାକୁ ବାଦ୍ ଦେଇ ସମସ୍ତ ଦୋକାନ ବଜାର ଓ ଗାଡ଼ି ମୋଟର ବନ୍ଦ କରାଯାଇଛି । ଓଡ଼ିଶା ପୁଲିସ ଓଡ଼ିଶା ବନ୍ଦ ବେଳେ ସାରା ରାଜ୍ୟର ସୁରକ୍ଷା ବ୍ୟବସ୍ଥା ଉପରେ କଡ଼ା ନଜର ରଖିଛି । ପୁଲିସ ମହାନିର୍ଦ୍ଦେଶକ ବିନୟ ତୋଷ ମିଶ୍ର ସ୍ଥିତିର ସମୀକ୍ଷା କରିଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜନସାଧାରଣଙ୍କ ସୁରକ୍ଷା, ଯାତାୟାତ ବ୍ୟବସ୍ଥା ଓ ସରକାରୀ ତଥା ଜନସାଧାରଣଙ୍କ ସମ୍ପତ୍ତିର ସୁରକ୍ଷା ନେଇ ବ୍ୟାପକ ପୁଲିସ ମୁତୟନ ହୋଇଥିଲେ ।

### ଅବଢ଼ା ଯୋଜନାରେ ନୂଆ ପ୍ରକଳ୍ପ

# ଅତିରିକ୍ତ ୧୦୧ କୋଟି ଟଙ୍କା ବ୍ୟୟବରାଦ

- ଜଗନ୍ନାଥବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ମାର୍କେଟ କମ୍ପ୍ଲେକ୍ସ, ଶ୍ରୀସେତୁ ତଥା ମୁସା ନଦୀର ସଂପ୍ରସାରଣ ପ୍ରକଳ୍ପ
- ପୂର୍ବରୁ ପ୍ରକଳ୍ପ ମୂଲ୍ୟ ଥିଲା ୫୫୭.୧୯ କୋଟି, ଏବେ ହେଲା ୬୫୮.୦୩ କୋଟି
- ୨ ହଜାର ଆସନ ବିଶିଷ୍ଟ ମଲ୍ଟି ପର୍ପୋଜ୍ ହଲ୍ ନିର୍ମାଣ କରାଯିବ
- ଯେତେ ଅର୍ଥ ଆବଶ୍ୟକ ଦିଆଯିବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୮।୧୦: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଅବଢ଼ା ଯୋଜନା ଅଧୀନରେ ପୁରୀରେ କାର୍ଯ୍ୟକାରୀ ହେଉଥିବା ଜଗନ୍ନାଥବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ମାର୍କେଟ କମ୍ପ୍ଲେକ୍ସ, ଶ୍ରୀସେତୁ ତଥା ମୁସା ନଦୀର ସଂପ୍ରସାରଣ ପ୍ରକଳ୍ପ ପାଇଁ ୬୫୮.୦୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏହା ଦ୍ୱାରା ପ୍ରକଳ୍ପ ପାଇଁ ପୂର୍ବ ଅପେକ୍ଷା ଅଧିକ ୧୦୦.୮୩ କୋଟି ଟଙ୍କା ବିନିଯୋଗ ହେବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରଭୁଙ୍କ ଧାମର ବିକାଶ ପାଇଁ ଯେତେ ଅର୍ଥ ଆବଶ୍ୟକ ନିଶ୍ଚୟ ଦିଆଯିବ । ଏଥିପାଇଁ ଅର୍ଥର ଅଭାବ ହେବ ନାହିଁ । ସୂଚନାଯୋଗ୍ୟ ଯେ, ପୁରୀରେ ଅବଢା ଯୋଜନାରେ ଜଗନ୍ନାଥ ବଲ୍ଲଭ ପିଲ୍‌ଗ୍ରିମ୍ ସେଣ୍ଟର, ମାର୍କେଟ କମ୍ପ୍ଲେକ୍ସ, ଶ୍ରୀସେତୁ ଏବଂ ଏହା ସହିତ ମୁସା ନଦୀର ସଂପ୍ରସାରଣ ଆଦି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ପ୍ରାରମ୍ଭିକ ବଜେଟ ଅନୁଯାୟୀ ଏଥିପାଇଁ ୫୫୭.୧୯ ଟଙ୍କା ମଞ୍ଜୁର ହୋଇଥିଲା । ତେବେ ଏହି ପ୍ରକଳ୍ପରେ ଆଉ ଅଧିକ ନିର୍ମାଣ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି । ଜେବିପିସିର ପଞ୍ଚମ ମହଲାରେ ୨ ହଜାର ଆସନ ବିଶିଷ୍ଟ ଏକ ମଲ୍‌ଟି ପର୍ପୋଜ୍ ହଲ୍ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହାସହିତ ପ୍ରକଳ୍ପଜନିତ ଅନ୍ୟାନ୍ୟ ଆବଶ୍ୟକତା ଯୋଗୁ ଏଥିପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିଲା । ମୁଖ୍ୟମନ୍ତ୍ରୀ ଏହି ଆବଶ୍ୟକତାକୁ ଅନୁଭବ କରି ପ୍ରକଳ୍ପ ମୂଲ୍ୟ ବୃଦ୍ଧି କରି ବର୍ତ୍ତମାନ ଏହି ପ୍ରକଳ୍ପ ପାଇଁ ୬୫୮,୦୩, ୭୦,୦୦୦ ଟଙ୍କା ମଞ୍ଜୁର କରିଛନ୍ତି । ଏହା ଦ୍ୱାରା ପ୍ରକଳ୍ପ ମୂଲ୍ୟରେ ୧୦୦,୮୩,୮୫,୦୦୦ ଟଙ୍କା ବୃଦ୍ଧି ପାଇଛି ।

### ୪୨ ଜଣ ଜଜ୍‌ଙ୍କ ଖୋଲା ଚିଠି

## 'ସତ୍ୟତା ବିନା କୋର୍ଟ ବାହାରେ ଅଭିଯୋଗ ଗ୍ରହଣୀୟ ନୁହେଁ'

ନୂଆଦିଲ୍ଲୀ,୮।୧୦: ସାଧାରଣ ନିର୍ବାଚନ ଆୟୋଗ, ନ୍ୟାୟପାଳିକା ଏବଂ ଅନ୍ୟାନ୍ୟ ସାମ୍ବିଧାନିକ ସଂସ୍ଥାଗୁଡ଼ିକ ବିରୋଧରେ ଚାଲିଥିବା କ୍ରମାଗତ ଅପପ୍ରଚାରକୁ ନେଇ ୪୨ ଜଣ ପୂର୍ବତନ ବିଚାରପତି ଏବଂ ବରିଷ୍ଠ ଆଇନଜ୍ଞ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି । ଏକ ଖୋଲା ଚିଠି ମାଧ୍ୟମରେ ସେମାନେ ସ୍ପଷ୍ଟ କରିଛନ୍ତି ଯେ, ସାମ୍ବିଧାନିକ ପ୍ରତିଷ୍ଠାନଗୁଡ଼ିକ ଉପରେ ରାଜନୈତିକ ସ୍ୱାର୍ଥ ରଖି ଆକ୍ରମଣ କରାଯାଉଛି । ଆମର ନୀରବତା କୌଣସି ନିରପେକ୍ଷ ବିକଳ୍ପ ନୁହେଁ ବୋଲି ଦର୍ଶାଇ ସେମାନେ ନିର୍ବାଚନ ଆୟୋଗକୁ ସର୍ବସାଧାରଣରେ 'ଚୋର' କିମ୍ବା 'କାଠ କଣ୍ଢେଇ' କହି ସମ୍ବୋଧନ କରିବା ଏବଂ କୌଣସି ପ୍ରମାଣ ନଥାଇ ଭୋଟ୍ ଚୋରି ଭଳି ସଙ୍ଗୀନ୍ ଅଭିଯୋଗ ଆଣିବା ଗଣତନ୍ତ୍ର ପ୍ରତି ବିପଜ୍ଜନକ ବୋଲି ଚେତାବନୀ ଦେଇଛନ୍ତି । ସେହିପରି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଆଇନସଙ୍ଗତ ଦର୍ଶାଇ ସେମାନେ କହିଛନ୍ତି ଯେ, ୧୯୫୦ ମସିହାର ଜନପ୍ରତିନିଧିତ୍ୱ ଆଇନର ଧାରା ୨୧(୩) ଅନୁଯାୟୀ ଭୋଟର ତାଲିକା ସଂଶୋଧନ କରିବା ନିର୍ବାଚନ ଆୟୋଗର ସାମ୍ବିଧାନିକ ଅଧିକାର । ମୃତ ଭୋଟର, ନକଲି ନାମ ଏବଂ ସ୍ଥାନାନ୍ତରିତ ଲୋକଙ୍କ ନାମ ବାଦ୍ ଦେଇ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତ କରିବା ଏହି ପ୍ରକ୍ରିୟାର ମୂଳ ଲକ୍ଷ୍ୟ । ଚିଠିରେ ଦର୍ଶାଯାଇଛି ଯେ, ଗଣତନ୍ତ୍ରରେ ଆକ୍ରୋଶମୂଳକ ଆକ୍ରମଣ ପରିବର୍ତ୍ତେ ଆଇନଗତ ପ୍ରମାଣ ଓ କୋର୍ଟ ମାଧ୍ୟମରେ ଅଭିଯୋଗର ସମାଧାନ କରାଯିବା ଉଚିତ୍ ।

## ରାଜ୍ୟରୁ ବିଦାୟ ନେଉଛି ମୌସୁମୀ



ଭୁବନେଶ୍ୱର,୮।୧୦: ରାଜ୍ୟରୁ ମୌସୁମୀ ବିଦାୟ ନେବା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଜିଠାରୁ ଓଡ଼ିଶାରୁ ଫେରିବା ପ୍ରକ୍ରିୟା ଆରମ୍ଭ କରିଥିବା ନେଇ ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ସୂଚନା ଦେଇଛନ୍ତି । ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱାଭାବିକଠୁ ଢେର ଅଧିକ ରହିଛି । ଉମାଶଙ୍କର ଦାସ କହିଛନ୍ତି, ବର୍ତ୍ତମାନ ପଶ୍ଚିମ ଓଡ଼ିଶାର କିଛି ଅଞ୍ଚଳରୁ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଛି । ଏଥିପାଇଁ ପାଗ ସଂପୂର୍ଣ୍ଣ ଅନୁକୂଳ ରହିଛି । ଆଗାମୀ ୩ରୁ ୪ ଦିନ ଦିନରେ ରାଜ୍ୟର ଆହୁରି ଅଧିକାଂଶ ଅଞ୍ଚଳରୁ ମୌସୁମୀ ସମ୍ପୂର୍ଣ୍ଣ ଭାବେ ଅପସାରିତ ହୋଇଯିବ । ରାଜ୍ୟରୁ ମୌସୁମୀ ବିଦାୟ ନେବା ସାଙ୍ଗକୁ ଧୀରେ ଧୀରେ ବର୍ଷାର ପରିମାଣ କମିବା ଏବଂ ରାତି ଓ ସକାଳ ସମୟରେ ହାଲୁକା ଥଣ୍ଡା ଅନୁଭୂତ ହେବା ଆରମ୍ଭ ହେବ ବୋଲି ଆଶା କରାଯାଉଛି ।

## ବାଣ ବିସ୍ଫୋରଣ: ବାପ-ପୁଅ ମୃତ

ଜଗତସିଂହପୁର,୮।୧୦: ଜଗତସିଂହପୁର ଚାନ୍ଦପୁର ମହିଳ ଗ୍ରାମରେ ବାଣ ବିସ୍ଫୋରଣ ଘଟି ଦୁଇଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଜଣ ଆହତ ହୋଇଛନ୍ତି । ମୃତକ ହେଲେ ମନୋରଞ୍ଜନ ସ୍ୱାଇଁ ଓ ତାଙ୍କ ପୁଅ ସୌମ୍ୟ ସାହିଲ ସ୍ୱାଇଁ । ପ୍ରଥମେ ଘଟଣାସ୍ଥଳରେ ମନୋରଞ୍ଜନଙ୍କ ମୃତ୍ୟୁ ଘଟିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି ପୁଅ । ଅନ୍ୟପକ୍ଷରେ ମନୋରଞ୍ଜନଙ୍କ ଘରେ ଭଡ଼ା ରହୁଥିବା ଜଣେ ଶିକ୍ଷକ ମଧ୍ୟ ଆହତ ହୋଇଛନ୍ତି । ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଅନ୍ୟପଟେ କେମିତି ହେଲା ଏତେ ବଡ଼ ବିସ୍ଫୋରଣ, ତା'ର କାରଣ ଏବେବି ଅସ୍ପଷ୍ଟ । ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ତେବେ ଘର ଭିତରେ କେଉଁ ପରିସ୍ଥିତିରେ ବାଣ ବିସ୍ଫୋରଣ ଘଟିଲା ଏବଂ ସେଠାରେ ବାଣ କାହିଁକି ରଖାଯାଇଥିଲା, ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ । ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ତଦନ୍ତ କରୁଛି ।

## ଆନ୍ କାର୍ସନ୍‌ଙ୍କୁ ସାହିତ୍ୟରେ ନୋବେଲ୍



ନୂଆଦିଲ୍ଲୀ,୮।୧୦: ୨୦୨୬ ମସିହାର ସାହିତ୍ୟ ନୋବେଲ୍ ପୁରସ୍କାର ପାଇଁ କାନାଡାର ବିଶିଷ୍ଟ ଲେଖିକା ଓ କବି ଆନ୍ କାର୍ସନଙ୍କ ନାମ ଘୋଷଣା କରାଯାଇଛି । ଗୁରୁବାର ସ୍ୱିଡିଶ୍ ଏକାଡେମୀ ପକ୍ଷରୁ ତାଙ୍କୁ ଚଳିତବର୍ଷର ସାହିତ୍ୟ ନୋବେଲ୍ ବିଜେତା ଭାବେ ଚୟନ କରାଯାଇଛି । ସାହିତ୍ୟରେ ନୂଆ ଶୈଳୀ ଓ ସୃଜନଶୀଳ ପରୀକ୍ଷା ପାଇଁ ଆନ୍ କାର୍ସନ୍ ବେଶ୍ ପରିଚିତ । ପ୍ରାଚୀନ ଗ୍ରୀକ୍ ସାହିତ୍ୟ ଓ ପରମ୍ପରାକୁ ଆଧୁନିକ ଜୀବନ ସହ ଯୋଡ଼ି ସେ ଲେଖାଲେଖି କରିଆସୁଛନ୍ତି । କବିତା, ଗଦ୍ୟ, ନିବନ୍ଧ ଓ ନାଟକର ବିଭିନ୍ନ ଶୈଳୀକୁ ମିଶାଇ ଆଧୁନିକ ସାହିତ୍ୟରେ ନୂଆ ରୂପ ସୃଷ୍ଟି କରିବା ତାଙ୍କ ରଚନାର ବିଶେଷତ୍ୱ । ସ୍ୱିଡିଶ୍ ଏକାଡେମୀ ତାଙ୍କର ସାହସିକ ଓ ଅଭିନବ ସାହିତ୍ୟ ସୃଷ୍ଟିକୁ ସ୍ୱୀକୃତି ଦେଇଛି । ପ୍ରାଚୀନ ସାହିତ୍ୟ ପରମ୍ପରା ସହ ନୂଆ ଢଙ୍ଗରେ ସମ୍ପର୍କ ସ୍ଥାପନ କରି ଆଧୁନିକ ସାହିତ୍ୟ ପାଇଁ ନୂତନ ରୂପ ସୃଷ୍ଟି କରିଥିବାରୁ ତାଙ୍କୁ ଏହି ସମ୍ମାନ ପାଇଁ ଚୟନ କରାଯାଇଛି ।

## ନାନା ପାଟେକରଙ୍କ ପରଲୋକ



ପାଣାଜୀ,୮।୧୦: ପ୍ରସିଦ୍ଧ ଅଭିନେତା ନାନା ପାଟେକରଙ୍କ ପରଲୋକ ଘଟିଛି । ହୃଦଘାତରେ ତାଙ୍କର ପରଲୋକ ହୋଇଛି । ପ୍ରଖ୍ୟାତ ଭାରତୀୟ ଅଭିନେତା, ଲେଖକ, ଚଳଚ୍ଚିତ୍ର ନିର୍ମାତା ଏବଂ ପରୋପକାରୀ ବ୍ୟକ୍ତି ଥିଲେ ନାନା ପାଟେକର । ୭୫ ବର୍ଷ ବୟସରେ ପ୍ରାଣତ୍ୟାଗ କରିଛନ୍ତି । ଗୋଆର ଦୋନା ପାଉଲାସ୍ଥିତ ନିଜ ବାସଭବନରେ ସେ ଅଚେତ ଅବସ୍ଥାରେ ମିଳିଥିଲେ । ଡାକ୍ତରଖାନା ନେବା ପରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା । ନିଜର ଶକ୍ତିଶାଳୀ ଅଭିନେତ୍ରୀ ଶୈଳୀ ଓ ସଂଳାପ ପରିବେଷଣ ପାଇଁ ଜଣାଶୁଣା ନାନା ପାଟେକର ହିନ୍ଦୀ ଏବଂ ମରାଠୀ ସିନେମା ଜଗତରେ ଏକ ଅଭୁଲା ଛାପ ଛାଡି ଯାଇଛନ୍ତି । ୧୯୭୮ରେ ଗମନ ଚଳଚ୍ଚିତ୍ରରୁ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ । ୧୯୮୯ରେ ପରିନ୍ଦା ଫିଲ୍ମ ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ । କ୍ରାନ୍ତିବୀର, ଏବଂ ଅଗ୍ନି ସାକ୍ଷୀ ଚଳଚ୍ଚିତ୍ରରେ ଦମଦାର ଅଭିନୟ ପାଇଁ ୩ ଥର ଜାତୀୟ ପୁରସ୍କାର ଲାଭ କରିଥିଲେ । କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୧୩ ମସିହାରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

### 'ପ୍ରୟାସ' ବୈଠକରେ ମୁଖ୍ୟମନ୍ତ୍ରୀ

## ଶିକ୍ଷାର ମାନ ବୃଦ୍ଧି କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୮।୧୦: ରାଜ୍ୟର ସାମାଜିକ କ୍ଷେତ୍ରର ସମସ୍ୟା ସମାଧାନ ଏବଂ ଉନ୍ନତି ନିମନ୍ତେ ଏକ ଉଚ୍ଚସ୍ତରୀୟ 'ପ୍ରୟାସ' ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସାମାଜିକ କ୍ଷେତ୍ରର ବିଭିନ୍ନ ଜଟିଳ ସମସ୍ୟାଗୁଡ଼ିକୁ ତୃଣମୂଳ ସ୍ତରରେ ଅନୁଧ୍ୟାନ କରି ସେଗୁଡ଼ିକର ସ୍ଥାୟୀ ତଥା ତ୍ୱରିତ ସମାଧାନ ପାଇଁ ଏକ ସୁଦୃଢ଼ ଓ ଗଠନମୂଳକ ପ୍ଲାଟଫର୍ମର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଏହି ବୈଠକରେ ମୁଖ୍ୟତଃ ତିନୋଟି ପ୍ରମୁଖ ବିଭାଗ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକାରିତାକୁ ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା । ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଏବଂ ଗୁଣାତ୍ମକ ଶିକ୍ଷା ଏହି ତିନୋଟି କ୍ଷେତ୍ର ମାଧ୍ୟମରେ ହିଁ ଏକ ମଜବୁତ ସମାଜ ଗଠନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସଂପୃକ୍ତ ବିଭାଗଗୁଡ଼ିକୁ ଅଧିକ ତତ୍ପର ହେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ସହ ଜଡ଼ିତ ଏହି କ୍ଷେତ୍ରଗୁଡ଼ିକର କାର୍ଯ୍ୟଦକ୍ଷତାକୁ ଆହୁରି ଉନ୍ନତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ବୈଠକରେ ମାତୃ ମୃତ୍ୟୁ ହାରକୁ ସର୍ବନିମ୍ନ ସ୍ତରକୁ ଆଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଦୃଢ଼ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହା ସହିତ ଶିଶୁ ମୃତ୍ୟୁ ହାର ତଥା ନବଜାତ ଶିଶୁ ମୃତ୍ୟୁ ହାର କମାଇବାର ଲକ୍ଷ୍ୟକୁ ଏକ ଅଭିଯାନ ସ୍ୱରୂପ ଗ୍ରହଣ କରି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦେଇଛନ୍ତି । ଶିଶୁମାନଙ୍କ ମଧ୍ୟରେ ଦେଖାଯାଉଥିବା ପୁଷ୍ଟିହୀନତା ଯୋଗୁ ଷ୍ଟଣ୍ଟିଂ ଏବଂ ୱେଷ୍ଟିଂ ପରି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି । ଏହିସବୁ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିବା ପାଇଁ 'ସୁପୋଷିତ ଓଡ଼ିଶା' ଅଭିଯାନକୁ ଅଧିକ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶିକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ପ୍ରାଥମିକ ସ୍ତରରୁ ହିଁ ପିଲାଙ୍କ ମୌଳିକ ଶିକ୍ଷାର ମାନରେ ବୃଦ୍ଧି କରିବା ପାଇଁ ସମସ୍ତ ଚେଷ୍ଟା କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଛନ୍ତି ।

# ମାନବତାର ବିରାଟ ମିଳନ ଉତ୍ସବ: ଦୁର୍ଗାପୂଜା

ଆର୍ଯ୍ୟଭୂମି ଭାରତ ବର୍ଷରେ ଶାକ୍ତ ସଂସ୍କୃତିର ଏକ ବିରାଟ ଐତିହ୍ୟ ରହି ଆସିଛି । ଆର୍ଯ୍ୟ ଓ ଆର୍ଯ୍ୟୋତର ବିଶ୍ୱାସ ଓ ସଂସ୍କାରର ସମନ୍ୱୟରୁ ଶକ୍ତି ଉପାସନା ଆରମ୍ଭ ହୋଇଥିଲା । ପ୍ରଚଳିତ ଶାକ୍ତ ବ୍ରତ ଗୁଡ଼ିକରେ ଦୁର୍ଗା, ଲକ୍ଷ୍ମୀ, ମହାକାଳୀ, ମଙ୍ଗଳା, ସାବିତ୍ରୀ, ଉତ୍ତରାୟଣୀ, ପାର୍ବତୀ, ଆରାଧ ଦେବୀ ରୂପେ ପୂଜା ପାଆନ୍ତି । ମୁଖ୍ୟତଃ ଏକ ଈଶ୍ୱର ଉପରେ ବିଶ୍ୱାସ ରଖୁଥିଲେ ହେଁ ବହୁ, ଦେବଦେବୀ ପୂଜା ହିନ୍ଦୁ ସଂସ୍କୃତିର ଏକ ଉଲ୍ଲେଖଯୋଗ୍ୟ ବିଶିଷ୍ଟ୍ୟ । ତେଣୁ ଭାରତ ବର୍ଷରେ ବିଭିନ୍ନ ସମୟରେ ଜୈନ, ବୌଦ୍ଧ, ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ, ସୌର, ପଞ୍ଚସଖାଦି ବହୁ ଧର୍ମ ଓ ଦର୍ଶନ ସମ୍ପ୍ରଦାୟର ଉଦ୍ଭବ, ବିକାଶ ଓ ଅପୂର୍ବ ସମନ୍ୱୟ ସଂଘଟିତ ହୋଇ ସେହି ଧର୍ମାନୁସୃତ ବିଭିନ୍ନ ଦେବତା ମାନଙ୍କର ପୂଜା, ଉପାସନା ବ୍ୟାପକ ଭାବରେ ଜନ ସମାଜରେ ପ୍ରଚଳିତ ହୋଇଅଛି । ଠାକୁର ଅନୁକୂଳଚନ୍ଦ୍ର ମା'ଦୁର୍ଗାଙ୍କୁ କେବେହେଲେ ମାଟିର ପ୍ରତିମା ହିସାବରେ ଦେଖୁନାହାନ୍ତି । ପ୍ରତିମାରେ ଯାହାଙ୍କୁ ପୂଜା ହେଉଛି ସେ ହେଉଛନ୍ତି ପ୍ରତି ଘରେ ଘରେ ଦେହଧାରୀ ମା' । ନିଜ ମା'ଙ୍କ ଉପରେ ଭକ୍ତି ଓ ଭଲ ପାଇବା ଯେତେ ଜୀବନ୍ତ, ଦୁର୍ଗାପୂଜାର ସାର୍ଥକତା ତାଙ୍କ ପାଖରେ ସେତେ ବେଶୀ । ଭଗବତୀ ପୂଜା କରିବା ଅର୍ଥ ନିଜ ମା'ଙ୍କୁ ହିଁ ଉପାସନା କରିବା । ମା' କେବଳ ପୂଜାର ବେଦୀରେ ଦଶଭୁଜା ପ୍ରତିମା ନୁହନ୍ତି, ଘରେ ଘରେ ଜୀବନ୍ତ ଦ୍ୱିଭୁଜା ଜନନୀ । ଘରର ମା' ଓ ଜଗତର ମା'ଙ୍କର ଏକ ରୂପ । ଦଶଭୁଜା ଅର୍ଥ ହେଉଛି ଦୁଇ ହାତରେ ମା' ଦଶହାତର କାମ କରନ୍ତି । ମା'ଙ୍କର ଦଶହାତରେ ତ୍ରିଶୂଳ, ପାଶ, ପରଶୁ ଓ ଧନୁର୍ବାଣ ଇତ୍ୟାଦି ଦଶ ପ୍ରକାର ଅସ୍ତ୍ର ରହିଛି । ତେଣୁ ମା'ହେଉଛନ୍ତି ଦଶପ୍ରହର ଧାରିଣୀ । ଏହି ଅସ୍ତ୍ର ହେଉଛି ମାତୃ ଐଶ୍ୱର୍ଯ୍ୟର ବିଭିନ୍ନ ଶକ୍ତି ଯାହାଦ୍ୱାରା ମା' ଅସତ୍ ବା ଅସୁରଶକ୍ତିକୁ ପରାଭୂତ ଓ ପ୍ରତିହତ କରନ୍ତି ସ୍ୱୀୟ ସନ୍ତାନଙ୍କୁ ରକ୍ଷା କରିବା ପାଇଁ । ମା'ଦୁର୍ଗତି ନାଶିନୀ ହୋଇ ଦଶପ୍ରହରଣ ଧାରଣ କରି ସନ୍ତାନ ସଂରକ୍ଷଣରେ ନିୟୋଜିତା । ଚଣ୍ଡ, ମୁଣ୍ଡ, ଶୁମ୍ଭ, ନିଶୁମ୍ଭ ଓ ମହିଷାସୁର ପ୍ରଭୃତି ଅସୁରଦଳକୁ ଦମନ କରିଛନ୍ତି ମା'ଦୁର୍ଗା । ଯେତେବେଳେ ମା'ଙ୍କ ଚରଣରେ ମୁଁ ଆନତ ହୁଏ ସ୍ୱତଃସମ୍ବିତ ଓ ସକ୍ରିୟତାରେ ସେତେବେଳେ ମା'ମୋର ଦୁର୍ଗତିନାଶିନୀ ଦୁର୍ଗା । ମା'ସିଂହବାହିନୀ । ମହାପରାକ୍ରମୀ ପଶୁରାଜର ପୃଷ୍ଠରେ ମା'ଙ୍କର ଚରଣ ନ୍ୟସ୍ତ, ତାର ଅର୍ଥ ପଶୁଭାବର ଉପରେ ମାତୃଭାବର ପ୍ରତିଷ୍ଠା । ଦୁର୍ଗାପୂଜା ଶରତ ଋତୁରେ ପାଳିତ ହୁଏ ବୋଲି ମା'ଦୁର୍ଗାଙ୍କର ଅନ୍ୟ ଏକ ନାମ ଶାରଦା । ଶାରଦା ବ । ଶରତ ଆସିଛି ଶୃ ଧାତୁ ଠାରୁ - ଅର୍ଥ ବଧ ଓ ହିଂସା । ହିଂସାତ୍ମକ ଯାହା କିଛିକୁ ନିହତ କରି ମା'ରକ୍ଷାକୁ ସମୃଦ୍ଧ କରି ତୋଳନ୍ତି । ସେ ଅସତ୍ ନିରୋଧୀ ପ୍ରଚଣ୍ଡା । ମା'ଦୁର୍ଗାଙ୍କ ଧ୍ୟାନମନ୍ତ୍ରରେ ମଧ୍ୟ ଅଛି ତାଙ୍କର ଅଷ୍ଟଶକ୍ତିର କଥା - ଉଗ୍ରଚଣ୍ଡା, ପ୍ରଚଣ୍ଡା, ଚଣ୍ଡୋଗ୍ରା, ଚଣ୍ଡନାୟିକା, ଚଣ୍ଡା, ଚଣ୍ଡବତୀ, ଚଣ୍ଡରୂପା ଓ ଅତିଚଣ୍ଡିକା । ମା'ହେଉଛନ୍ତି ଶିବଙ୍କ ଘରଣୀ - ଶିବାନୀ ଅର୍ଥାତ୍ ମଙ୍ଗଳବିଧାୟିନୀ । ମା'ସବୁ ସନ୍ତାନଙ୍କର ମଙ୍ଗଳ କାମନା କରନ୍ତି । ତେଣୁ ତାଙ୍କର ଅନ୍ୟ ନାମ ଜଗଦ୍ଧାତ୍ରୀ । ତେଣୁ ଦୁର୍ଗାପୂଜା କେବଳ ମାତ୍ର ପୁଷ୍ପବିଲ୍ୱପତ୍ରର ପୂଜା ନୁହେଁ, ଏହା ମାନବତାର ଏକ ବିରାଟ ମିଳନ ଉତ୍ସବ ।





# ତ୍ରୟୋଦଶୀ ଶ୍ରାଦ୍ଧ



ପିତୃପକ୍ଷ ବା ମହାଳୟ ପକ୍ଷ ସମୟରେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ସମ୍ପାଦିତ ହେଉଥିବା ଏକ ଅତ୍ୟନ୍ତ ପବିତ୍ର ଓ ମହତ୍ତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ରୀତିନୀତି । ଯେଉଁ ପିତୃପୁରୁଷମାନେ ଶୁକ୍ଳ କିମ୍ବା କୃଷ୍ଣ ପକ୍ଷର ତ୍ରୟୋଦଶୀ ତିଥିରେ ମୃତ୍ୟୁବରଣ କରିଥାନ୍ତି, ସେମାନଙ୍କ ଆତ୍ମାର ସଦ୍ଗତି ଓ ପରମ ଶାନ୍ତି ପାଇଁ ଏହି ଦିନ ଶ୍ରାଦ୍ଧ ଓ ତର୍ପଣ କରାଯାଏ ।

**ଉଲ୍ଲେଖନୀୟ ସ୍ୱତନ୍ତ୍ରତା:** ଗଜଛାୟା ଯୋଗ ଓ କାକବଳିର ମହତ୍ତ୍ୱ

ତ୍ରୟୋଦଶୀ ଶ୍ରାଦ୍ଧ ଦିନ ଯଦି ମଘା ନକ୍ଷତ୍ରର ସଂଯୋଗ ହୁଏ, ତେବେ ଏହାକୁ 'ଗଜଛାୟା ଶ୍ରାଦ୍ଧ' ବୋଲି କୁହାଯାଏ, ଯାହା ପିତୃପୁରୁଷଙ୍କୁ ଅକ୍ଷୟ ତୃପ୍ତି ପ୍ରଦାନ କରିଥାଏ । ଓଡ଼ିଆ ଶ୍ରାଦ୍ଧ ପଦ୍ଧତି ଅନୁସାରେ ଏହି ଦିନ ପାଳନ କରାଯାଉଥିବା ମୁଖ୍ୟ ନୀତିଗୁଡ଼ିକ ଏହିପରି:

**ଶ୍ରାଦ୍ଧ କର୍ତ୍ତାଙ୍କ ଶୁଦ୍ଧତା:**
ଘରର ବଡ଼ପୁଅ ବା କର୍ତ୍ତା ସକାଳୁ ନଦୀ କିମ୍ବା ପୁଷ୍କରିଣୀରେ ସ୍ନାନ ସାରି ପବିତ୍ର ଅରୁଆ ବସ୍ତ୍ର ଧାରଣ କରନ୍ତି ଏବଂ ଶ୍ରାଦ୍ଧ କର୍ମ ଶେଷ ନହେବା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଉପବାସ ରୁହନ୍ତି ।



**ଦକ୍ଷିଣାଭିମୁଖୀ ସଙ୍କଳ୍ପ ଓ ତର୍ପଣ:**
କର୍ତ୍ତା ଦକ୍ଷିଣ ଦିଗକୁ ମୁହଁ କରି ବସି ହାତରେ କୁଶ ଘାସ, ଗଙ୍ଗାଜଳ, ଜଅ ଏବଂ କଳାତିଳ ଧରି ପିତୃପୁରୁଷଙ୍କ ନାମ ଓ ଗୋତ୍ର ସ୍ମରଣ କରି ସଙ୍କଳ୍ପ କରନ୍ତି । ଏହାପରେ ତମ୍ବା ପାତ୍ରରୁ ପବିତ୍ର ଜଳ ଓ କଳାତିଳ ଦ୍ୱାରା ତିଳ ତର୍ପଣ ପ୍ରଦାନ କରାଯାଏ ।

**ପିଣ୍ଡ ଦାନ:** ଅରୁଆ ଅନ୍ନ (କିମ୍ବା ଅଟା), ମହାପ୍ରସାଦ ଘିଅ, ମହୁ ଓ କଳାତିଳ ମିଶାଇ ଗୋଲାକାର ପିଣ୍ଡ ପ୍ରସ୍ତୁତ କରାଯାଏ ଏବଂ ଓଡ଼ିଆ ପରମ୍ପରା ମତେ ଏହାକୁ କଦଳୀ ପତ୍ର ଉପରେ ସ୍ଥାପନ କରି ପୂଜାର୍ଚ୍ଚନା କରାଯାଏ ।

ସାତ୍ତ୍ୱିକ ଭୋଗ ଓ 'ପଞ୍ଚ ବଳି' ରୀତି
ଏହି ଦିନ ପିତୃପୁରୁଷଙ୍କୁ ଲାଗି କରାଯାଉଥିବା ଭୋଗ ସମ୍ପୂର୍ଣ୍ଣ ସାତ୍ତ୍ୱିକ ଓ **ପିଆଜ-ରସୁଣ ବିହୀନ ହୋଇଥାଏ:**

**ଓଡ଼ିଆ ହବିଷାନ୍ନ:** ଅରୁଆ ଅନ୍ନ, ମସୁର ଡାଲି ବର୍ଜିତ ଓଡ଼ିଆ ହବିଷ ଡାଲମା (ସାରୁ, କନ୍ଦମୂଳ, କଞ୍ଚାକଦଳୀ, ଓଉ ପକାଇ ପ୍ରସ୍ତୁତ), ଶାଗ ଭଜା ଏବଂ ଗାଈ କ୍ଷୀରରେ ତିଆରି ସୁଆଦିଆ ପାୟସ (ଖିରି) ରନ୍ଧାଯାଏ ।





ପଞ୍ଚ ବଳି ଓ ବ୍ରାହ୍ମଣ ସେବା: ବ୍ରାହ୍ମଣ ଭୋଜନ ପୂର୍ବରୁ ଗୋମାତା, କୁକୁର, ପିମ୍ପୁଡ଼ି, ଦେବତା ଏବଂ ବିଶେଷ କରି କାଉ (ବାୟସ ଅନ୍ନ) ଙ୍କୁ ଶ୍ରାଦ୍ଧାନ୍ନ ଅର୍ପଣ କରାଯାଏ । ଓଡ଼ିଆ ବିଶ୍ୱାସ ଅନୁଯାୟୀ, କାଉ ମାଧ୍ୟମରେ ପିତୃପୁରୁଷମାନେ ଏହି ଅନ୍ନ ଗ୍ରହଣ କରି ସନ୍ତୁଷ୍ଟ ହୁଅନ୍ତି । ଏହାପରେ ଯୋଗ୍ୟ ବ୍ରାହ୍ମଣଙ୍କୁ ସାଦରେ ଭୋଜନ କରାଇ ଦକ୍ଷିଣା ଦିଆଯାଏ ।



# କେଉଁ ତିଥିରେ ଶ୍ରାଦ୍ଧ, କେଉଁ ଫଳ ଲାଭ

# ପିତୃପକ୍ଷ







## କେଉଁ ତିଥିରେ ଶ୍ରାଦ୍ଧ ଦେଲେ କେଉଁ ଫଳ ଲାଭ ହୁଏ

**ପ୍ରତିପଦ** -- ଧନପ୍ରାପ୍ତି
**ଦ୍ୱିତୀୟା** -- ସନ୍ତାନଦାୟକ
**ତୃତୀୟା** -- ପୁତ୍ର ପ୍ରାପ୍ତି
**ଚତୁର୍ଥୀ** -- ଶତ୍ରୁନାଶ
**ପଞ୍ଚମୀ** -- ଲକ୍ଷ୍ମୀପ୍ରାପ୍ତି
**ଷଷ୍ଠୀ** -- ସର୍ବତ୍ର ପୂଜନୀୟ

**ସପ୍ତମୀ** -- ଗଣମାନଙ୍କ ଆଧିପତ୍ୟ
**ଅଷ୍ଟମୀ** -- ଉତ୍ତମ ବୁଦ୍ଧି
**ନବମୀ** -- ସ୍ତ୍ରୀ ପ୍ରାପ୍ତି
**ଦଶମୀ** -- ମନୋରଥ ପୂର୍ଣ୍ଣ
**ଏକାଦଶୀ** -- ଚତୁର୍ବେଦ ପ୍ରାପ୍ତ
**ଦ୍ୱାଦଶୀ** -- ବିଜୟ ଲାଭ

**ତ୍ରୟୋଦଶୀ** -- ସନ୍ତାନ ବୃଦ୍ଧି, ପଶୁ, ମେଧା, ସ୍ୱତନ୍ତ୍ରତା, ଉତ୍ତମ ପୁଷ୍ଟି, ଦୀର୍ଘାୟୁ ତଥା ଐଶ୍ୱର୍ଯ୍ୟର ଭାଗୀ ହୋଇଥାଏ ।
**ଚତୁର୍ଦ୍ଦଶୀ** -- ଯାହାଙ୍କ ପିତା ଯୁବାବସ୍ଥାରେ ମୃତ୍ୟୁକୁ ପ୍ରାପ୍ତି ହୋଇଥିବେ ଅଥବା ଅସ୍ତ୍ରଶସ୍ତ୍ର ଦ୍ୱାରା ନିହତ ହୋଇଥିବେ, ସେହି ପିତୃପୁରୁଷଙ୍କ ତୃପ୍ତ ନିମନ୍ତେ ଚତୁର୍ଦ୍ଦଶୀ ତିଥିରେ ଶ୍ରାଦ୍ଧ କରିବା ଉଚିତ୍ ।



ଆଶ୍ୱିନମାସ କୃଷ୍ଣପକ୍ଷ ପ୍ରତିପଦାଠାରୁ ଆରମ୍ଭ ହୋଇ ଆଶ୍ୱିନ ମାସ ଅମାବାସ୍ୟା ପର୍ଯ୍ୟନ୍ତ ସମୟକୁ ପିତୃପକ୍ଷ ବା ଅପରପକ୍ଷ କୁହାଯାଏ । ଅର୍ଥାତ୍ ପରିବାରର ସେହି ସଦସ୍ୟ ଯିଏ ପୂର୍ଣ୍ଣିମାରେ ପରଲୋକ ଗମନ କରିଥାନ୍ତି ତାଙ୍କ ଲାଗି ଏହି ଦିନ ଶ୍ରାଦ୍ଧ ଦିଆଯାଇପାରିବ । ଯଦି କୌଣସି କାରଣରୁ ପୂର୍ଣ୍ଣିମାରେ ଶ୍ରାଦ୍ଧଦାନ କରି ନ ହେଲା ତେବେ ପିତୃମୋକ୍ଷ ଅମାବାସ୍ୟାରେ ଶ୍ରାଦ୍ଧଦାନ କରାଯାଇପାରେ । ପିତୃପୁରୁଷମାନେ ଯେଉଁ ତିଥିରେ ପରଲୋକ ଗମନ କରିଥାନ୍ତି ଏହି ଅପରପକ୍ଷ ସମୟରେ ସେହି ତିଥିରେ ହିଁ ତାଙ୍କ ଉତ୍ତର ପୁରୁଷ ତିଳତର୍ପଣ ସହ ମହାଳୟା ବିଧିରେ ଶ୍ରାଦ୍ଧ ପ୍ରଦାନ କରିବା ଉଚିତ । ଯେଉଁମାନେ ପିତୃପୁରୁଷଙ୍କ ପରଲୋକ ଗମନ ତିଥିରେ ଶ୍ରାଦ୍ଧ କରିପାରନ୍ତି ନାହିଁ ସେମାନେ ମହାଳୟାରେ ଶ୍ରାଦ୍ଧ ପ୍ରଦାନ କରିବା ଉଚିତ ।







**ଅମାବାସ୍ୟା** -- ଯିଏ ଯତ୍ନପୂର୍ବକ ପବିତ୍ର ହୋଇ ଅମାବାସ୍ୟାରେ ଶ୍ରାଦ୍ଧ ଦିଅନ୍ତି, ସେ ଅକ୍ଷୟ ସ୍ୱର୍ଗ ତଥା ସମସ୍ତ କାମନାକୁ ପ୍ରାପ୍ତ କରିଥାଆନ୍ତି । ଏତତ୍ ବ୍ୟତୀତ ସତେଇଶ ନକ୍ଷତ୍ରମାନଙ୍କରେ ଶ୍ରାଦ୍ଧ କରାଯିବା ଫଳଲାଭ ବିଷୟରେ କିଛି ଏଠାରେ ଉପସ୍ଥାପିତ ।

**ଅଶ୍ୱିନୀ** -- ଘୋଟକ ପ୍ରାପ୍ତ
**ଦ୍ୱିଜା** -- ଉତ୍ତମ ଆୟୁ
**କୃତ୍ତିକା** -- ସ୍ୱର୍ଗଲୋକ ପ୍ରାପ୍ତି
**ରୋହିଣୀ** -- ସନ୍ତାନ ପ୍ରାପ୍ତି
**ମୃଗଶିରା** -- ତେଜସ୍ୱୀ
**ଆର୍ଦ୍ରା** -- ଶୌର୍ଯ୍ୟ
**ପୁନର୍ବସୁ** -- ସ୍ତ୍ରୀ ପ୍ରାପ୍ତି
**ପୁଷ୍ୟା** -- ଅକ୍ଷୟ ଧନପ୍ରାପ୍ତ
**ଅଶ୍ଳେଷା** -- ଉତ୍ତମ ଆୟୁ
**ମଘା** -- ସନ୍ତାନ ତଥା ପୁଷ୍ଟି
**ପୂର୍ବାଫାଲ୍ଗୁନୀ** -- ସନ୍ତାନବାନ୍ ତଥା ଶ୍ରେଷ୍ଠ
**ଉତ୍ତରା ଫାଲ୍ଗୁନୀ** -- ବେଦପ୍ରାପ୍ତ
**ହସ୍ତା** -- ଶାସ୍ତ୍ରଜ୍ଞାନ
**ଚିତ୍ରା** -- ରୂପ, ତେଜ ତଥା ସନ୍ତତି ପ୍ରାପ୍ତ
**ସ୍ୱାତୀ** -- ବ୍ୟାପାର ଲାଭ
**ବିଶାଖା** -- ପୁତ୍ରଲାଭ
**ଅନୁରାଧା** -- ଚକ୍ରବର୍ତ୍ତୀ ପଦପ୍ରାପ୍ତ
**ଜ୍ୟେଷ୍ଠା** -- ପ୍ରଭୁତ୍ୱ ପ୍ରାପ୍ତି
**ମୂଳା** -- ଉତ୍ତମ ଆରୋଗ୍ୟ

**ପୂର୍ବାଷାଢା** -- ଯଶପ୍ରାପ୍ତି
**ଉତ୍ତରାଷାଢା** -- ଶୋକ ଦୂର ହୁଏ
**ଶ୍ରବଣା** -- ଶୁଭଲୋକ ପ୍ରାପ୍ତ
**ଧନିଷ୍ଠା** -- ଅଧିକ ଧନପ୍ରାପ୍ତ
**ଶତଭିଷା** -- ବୈଦ୍ୟ କାର୍ଯ୍ୟରେ ସିଦ୍ଧିପ୍ରାପ୍ତ
**ପୂର୍ବାଭାଦ୍ର**-- ଛେଳି, ମେଣ୍ଢା ଆଦି ପଶୁ ପ୍ରାପ୍ତ
**ଉତ୍ତରଭାଦ୍ର**-- ଗୋଧନ ପ୍ରାପ୍ତି
**ରେବତୀ** -- ଦସ୍ତା ଆଦି ଧାତୁ ପଦାର୍ଥ ପ୍ରାପ୍ତ

ଏହିସବୁ ନକ୍ଷତ୍ରରେ ଶ୍ରାଦ୍ଧ କଲେ ଉପରୋକ୍ତ ଫଳ ପ୍ରାପ୍ତ ହୋଇଥାଏ କିନ୍ତୁ ମଘା ନକ୍ଷତ୍ରରେ ମଧୁମିଶ୍ରିତ କ୍ଷୀର ଅର୍ପଣ କରିବା ପିତୃପୁରୁଷଙ୍କ ଅହୋଭାଗ୍ୟ ଅଟେ । ଏଥିରେ ପିତୃପୁରୁଷଙ୍କ ଆଶା ନିଜ କୁଳର ସନ୍ତାନମାନଙ୍କ ଉପରେ ରହିଥାଏ ଏହି ସମୟ ଭିତରେ ମଧ୍ୟ ଯଦି କେହି କରିପାରିବେ ନାହିଁ ତେବେ ସୂର୍ଯ୍ୟ ବିଛା ରାଶିରେ ଥିବା ସମୟରେ ମଧ୍ୟ କରିପାରିବେ, କାରଣ ଯମରାଜାଙ୍କ ଯମପୁରୀ ସେତେ ସମୟ ପର୍ଯ୍ୟନ୍ତ ଖାଲି ରହିଥାଏ । ବିଛା ରାଶି ବିତିଯିବା ପରେ ମଧ୍ୟ ଯଦି କେହି କୌଣସି ଶ୍ରାଦ୍ଧ କରିନଥାଏ, ତେବେ ଦେବଗଣଙ୍କ ସହିତ ପିତୃଗଣ ସେହି ମନୁଷ୍ୟକୁ ଦୁଃସହ ଅଭିଶାପ ପ୍ରଦାନ କରି ଦୀର୍ଘଶ୍ୱାସ ନେଇ ନିଜ ପୁରକୁ ଫେରି ଯାଇଥାନ୍ତି । ପୁଷ୍କର ଆଦି ତୀର୍ଥ, ପବିତ୍ର ମନ୍ଦିର, ପର୍ବତଶିଖର, ପାବନ ପ୍ରଦେଶ, ପୁଣ୍ୟସଲିଳା ନଦୀ, ନଦ, ସରୋବର, ସଙ୍ଗମ, ସପ୍ତସମୁଦ୍ରର ତଟ, ଲିପାପୋଛା ହୋଇଥିବା ସ୍ୱଗୃହ, ଦିବ୍ୟ ବୃକ୍ଷର ମୂଳରେ, ଯଜ୍ଞକୁଣ୍ଡ -- ଏହି ସବୁ ସ୍ଥାନ ଶ୍ରାଦ୍ଧ ନିମନ୍ତେ ଉତ୍ତମ ସ୍ଥାନ ଅଟେ ।

## ମାର୍ଚ୍ଚ ୨୦୨୭ ସୁଦ୍ଧା ସୋଲାର ଫେନ୍ସିଂ ସମ୍ପୂର୍ଣ୍ଣ ନେଇ ଲିଖିତ ପ୍ରତିଶ୍ରୁତି

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଚାଷୀ ଏବଂ ଖୋର୍ଦ୍ଧା ବନ ବିଭାଗର ସହକାରୀ ବନ ସଂରକ୍ଷକଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିପିନ ଜୟସିଂହ, ବିଜୟ କୁମାର ପାଲଟା ସିଂହ, ବିଜୟ



ଜୟସିଂହ, ଆଲୋକ ଛୋଟରାୟଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଏହି ବୈଠକରେ ଉପସ୍ଥିତ ରହି ନିଜ ନିଜର ସମସ୍ୟା ଉପସ୍ଥାପନ କରିଥିଲେ। ବନ ବିଭାଗ ପକ୍ଷରୁ ଖୋର୍ଦ୍ଧା ଏସିଏଫ ସୁଶାନ୍ତ କୁମାର ବନ୍ଧ ଏବଂ ରେଞ୍ଜର ପ୍ରମୋଦ କୁମାର ପଣ୍ଡା, କଣ୍ଟ୍ରାକ୍ଟର ଅଜୟ ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଧାନ କଟା ପରେ କାମ ହେବ, ଯେହେତୁ ବର୍ତ୍ତମାନ ବିଲଗୁଡ଼ିକରେ ପାଣି ରହିଛି । ବୈଠକରେ ଚାଷୀମାନେ ଅଭିଯୋଗ କରିଥିଲେ ଯେ, ସୋଲାର ଫେନ୍ସିଂ ପାଇଁ ନିୟମାନୁସାରେ ସେମାନେ ୨୦୨୪ ଏବଂ ୨୦୨୫ ମସିହାରେ ନିଜର ୧୦ ପ୍ରତିଶତ ଅଂଶଧନ ଜମା କରିସାରିଛନ୍ତି। ହେଲେ ବାରମ୍ବାର ବନ ବିଭାଗ ସହ ଯୋଗାଯୋଗ କରିବା ସତ୍ତ୍ୱେ ଦୀର୍ଘ ଦୁଇ ବର୍ଷ ବିତିଯାଇଥିଲେ ବି ସୋଲାର ଫେନ୍ସିଂ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ଫସଲ ଅମଳ ସମୟରେ ହାତୀ ଓ ବାର୍‌ହାଙ୍କ ପ୍ରାଦୁର୍ଭାବ ଯୋଗୁଁ ବ୍ୟାପକ ଫସଲ ହାନି ଘଟୁଛି। ଆସନ୍ତା ନଭେମ୍ବର ମାସ ଶେଷ ସୁଦ୍ଧା ଧାନ ଅମଳ ଋତୁ ଆରମ୍ଭ ହେବାକୁ ଥିବାରୁ ଚାଷୀମାନେ ଗଭୀର ଚିନ୍ତା ବ୍ୟକ୍ତ କରିଥିଲେ।ଚାଷୀଙ୍କ ଅଭିଯୋଗ ଶୁଣିବା ପରେ ଏସିଏଫ.ସୁଶାନ୍ତ କୁମାର ବନ୍ଧ ଆସନ୍ତା ମାର୍ଚ୍ଚ ୨୦୨୭ ସୁଦ୍ଧା ସୋଲାର ଫେନ୍ସିଂ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପଟେ, କାର୍ଯ୍ୟ ଚାଲୁଥିବା ସମୟରେ ଠିକାଦାରଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସ୍ଥାନୀୟ ଚାଷୀମାନେ ଆଶ୍ୱାସନା ଦେଇଛନ୍ତି। ଏହାସହ ଯଦି କୌଣସି ସୋଲାର ସାମଗ୍ରୀ ଚୋରି ନଜରକୁ ଆସେ, ତେବେ ଚାଷୀ କମିଟି ନିଜେ ଏହାର ଦାୟିତ୍ୱ ନେଇ ସମାଧାନ କରିବ ବୋଲି ନିଷ୍ପତ୍ତି ହୋଇଛି।

## ୨୫ ରୁ ଅନୁଗୁଳ ଲକ୍ଷ୍ମୀପୂଜା

ଅନୁଗୋଳ, : ଅନୁଗୋଳ ସହରରେ ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜା ଉତ୍ସବକୁ ବ୍ୟବସ୍ଥିତ ଓ ଶାନ୍ତି ଶୃଙ୍ଖଳା ସହିତ ପାଳନ କରିବା ନିମନ୍ତେ ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଏଥିରେ ଯୋଗ ଦେଇଥିଲେ। ଚଳିତ ବର୍ଷ ଅନୁଗୋଳ ସହରରେ ଦୁର୍ଗା ପୂଜା ଉତ୍ସବ ନିମନ୍ତେ ମା ଙ୍କର ମେଢ ୧୦ ଗୋଟି, ଲକ୍ଷ୍ମୀ ପୂଜା ଉତ୍ସବ ନିମନ୍ତେ ମା ଙ୍କର ୨୯ ଗୋଟି ମେଢ ପ୍ରତିଷ୍ଠା କରାଯିବ । ଚଳିତ ମାସ ୧୭ ତାରିଖ ଠାରୁ ଦୁର୍ଗାପୂଜା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ଅକ୍ଟୋବର ୨୨ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ସେହିପରି ଅକ୍ଟୋବର ୨୫ ତାରିଖରୁ ଲକ୍ଷ୍ମୀ ପୂଜା ଆରମ୍ଭ ହୋଇ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତଚାଲିବ। ୪ ତାରିଖରେ ଭସାଣି ଉତ୍ସବ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମଧ୍ୟ ବଳ ପୂର୍ବକ ଚାନ୍ଦା ଆଦାୟ ନ କରିବା ନିମନ୍ତେ ମତ ପ୍ରକାଶ ପାଇଥିଲା । ପୂଜା ସମୟରେ ଡାକବାଜି ଯନ୍ତ୍ରର ଅଧିକ ଓ ଅତ୍ୟଧିକ ଉଚ୍ଚ ଧ୍ୱନି ବ୍ୟବହାରକୁ ବାରଣ କରାଯାଇଛି । ପୂଜା ଓ ଭସାଣିରେ ଆତସବାଜି ପ୍ରଦର୍ଶନକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି । ପୂଜା ସମୟରେ ମେଲୋଡି ଓ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ସବୁ ରାତ୍ର ୧୧ ଘଟିକା ସୁଦ୍ଧା ସମାପନ କରିବାକୁ ପଡିବ ।

## ତରଭା ଅଞ୍ଚଳ ରେ ଡକାୟତି ଯୋଜନା ପଣ୍ଡ: ତିନି ଗିରଫ ଓ ଦୁଇ ଫେରାର

ତରଭା,(ନିପ୍ର): ତରଭା ଥାନା ଅଧିନସ୍ଥ କମସରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାଗରପାଲି ଗ୍ରାମରେ ବୁଧବାର ରାତିରେ ଡକାୟତି ଯୋଜନା କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ କମସରା ଓ ତରଭା ପୋଲିସ ମିଳିତ ଉଦ୍ୟମରେ ହଠାତ ଚଢ଼ାଉ କରି ତିନି ଜଣଙ୍କୁ ଗିରଫ କରିବା ବେଳେ ଦୁଇ ଜଣ ଫେରାର ହୋଇଥିଲେ, ଅଭିଯୁକ୍ତମାନଙ୍କ ଠାରୁ ଲଙ୍କା ଗୁଣ୍ଡ, ଲୁହା ରଡ଼, ଠେଙ୍ଗା, ରସି ଚାକୁ ଓ ତିନୋଟି ମୋବାଇଲ ଫୋନ ଜବତ କରି ତରଭା ଥାନାକୁ ଆଣିଥିଲେ।

## ସଡ଼କ ସୁରକ୍ଷା ସଚେତନତା ସହ ମାଗଣା ହେଲମେଟ ବଣ୍ଟନ

ନୟାଗଡ଼,(ନିପ୍ର): ନୟାଗଡ଼ ଜିଲ୍ଲା ସଦର ମହକୁମା ସ୍ଥିତ ଗୋଲେଇ ଛକଠାରେ ସେବା ସଂକଳ୍ପ ଅଭିଯାନ-୨୦୨୬ ଅବସରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ,ନୟାଗଡ଼ ତରଫରୁ ସଡ଼କ ସୁରକ୍ଷା ସଚେତନତା ଓ ମାଗଣା ହେଲମେଟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ ସୁବାଷ ଚନ୍ଦ୍ର ପଣ୍ଡା, ଆଞ୍ଚଳିକ ପରିବହନ ଅଧିକାରୀ ବିଭୁ ରଞ୍ଜନ ନାୟକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଉପସ୍ଥିତ ରହି ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ନେଇ ସଚେତନ କରିଥିଲେ। ଦୁଇଚକିଆ ଯାନ ଚାଳନା ସମୟରେ ହେଲମେଟ ପିନ୍ଧିବା, ଅତ୍ୟଧିକ ବେଗରେ ଯାନ ନ ଚଳାଇବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା ଆଦି ଟ୍ରାଫିକ୍ ନିୟମ ପାଳନ ଉପରେ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ।

# ପାର୍ବଣକୁ ନେଇ ମୂର୍ତ୍ତି କାରିଗରଙ୍କ ପ୍ରତିଯୋଗିତା
## ପାରିଶ୍ରମିକ ନେଇ କାରିଗରଙ୍କ ଚିନ୍ତା




ରମ୍ଭା,(ନିପ୍ର): ନିକଟତର ହେଉଛି ବିଜୟା ଦଶମୀ ଓ ଗଜଲକ୍ଷ୍ମୀ ପୂଜା। ପୂଜାକୁ ନେଇ ରମ୍ଭା ସହରାଞ୍ଚଳ ସମେତ ପାରିପାର୍ଶ୍ୱିକ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଏହାର ଆଖପାଖ ଅଞ୍ଚଳର ଶହେରୁ ଊର୍ଦ୍ଧ୍ୱ ଛୋଟବଡ଼ ପୂଜାମଣ୍ଡପରେ ବିଭିନ୍ନ ଦେବଦେବୀଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଇବେ। ଏଥିପାଇଁ ମୂର୍ତ୍ତି କାରିଗରଙ୍କ ହାତକୁ ତର ନାହିଁ। ଦିନରାତି ଏକ କରି ମୂର୍ତ୍ତି ନିର୍ମାଣରେ ଲାଗିପଡ଼ିଛନ୍ତି କାରିଗର। ମାଟି, ନଡ଼ା ଓ ରଙ୍ଗର ସ୍ପର୍ଶରେ କାରିଗରଙ୍କ ନିପୁଣ ହାତରେ ଧୀରେ ଧୀରେ ଜୀବନ୍ତ ରୂପ ନେଉଛି ଦେବଦେବୀଙ୍କ ପ୍ରତିମା। ଆସନ୍ତା ୨୦ ବିଜୟା ଦଶମୀ ଓ ଅକ୍ଟୋବର ୨୬ ତାରିଖ କୁମାର ପୂର୍ଣ୍ଣିମା ଥିବାରୁ ଏବେ ପ୍ରତିମାଗୁଡ଼ିକୁ ଶେଷ ସ୍ପର୍ଶ ଦେବାରେ ବ୍ୟସ୍ତ କାରିଗରମାନେ। ତେବେ ପାରମ୍ପରିକ ମୂର୍ତ୍ତି ନିର୍ମାଣ କଳାକୁ ବଞ୍ଚାଇ ରଖିବା ପାଇଁ କାରିଗରମାନେ ଦିବା ରାତ୍ର ଏକାକାର କରି ପରିଶ୍ରମ କରୁଥିଲେ ମଧ୍ୟ ସେହି ଅନୁପାତରେ ପାରିଶ୍ରମିକ ମିଳୁନଥିବା ଅଭିଯୋଗ ହୋଇଛି। ମୂଲ୍ୟବୃଦ୍ଧି ଯୋଗୁଁ ମାଟି, ନଡ଼ା, ରଙ୍ଗ ଓ ଅନ୍ୟାନ୍ୟ ସାମଗ୍ରୀର ଦାମ ବଢ଼ିଥିବା ବେଳେ ମୂର୍ତ୍ତି ନିର୍ମାଣରୁ ମିଳୁଥିବା ଆୟ ସେହି ଅନୁପାତରେ ବଢୁନାହିଁ। ଫଳରେ ପରିବାର ପ୍ରତିପୋଷଣ ସହ ପାରମ୍ପରିକ କଳାକୁ ଆଗକୁ ନେବା କାରିଗରଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ମୂର୍ତ୍ତି କାରିଗରମାନେ ମଧ୍ୟ ଏହି ପାରମ୍ପରିକ କଳାକୁ ଜୀବିତ ରଖିବା ପାଇଁ ସଂଘର୍ଷ କରୁଛନ୍ତି। ପିଢ଼ି ପରେ ପିଢ଼ି ଏହି କଳାକୁ ଆପଣାଇ ଆସିଥିବା କାରିଗରମାନେ ଆଜି ବିଭିନ୍ନ ସମସ୍ୟା ମଧ୍ୟରେ ନିଜ କଳାକୁ ଜାରି ରଖିଛନ୍ତି। ସରକାରୀ ସ୍ତରରେ କାରିଗରମାନଙ୍କୁ ପ୍ରୋତ୍ସାହନ, ଆର୍ଥିକ ସହାୟତା ଓ ଆବଶ୍ୟକ ସୁବିଧା ଯୋଗାଇ ଦିଆଗଲେ ଏହି ପାରମ୍ପରିକ ମୃଣ୍ମୟୀ ପ୍ରତିମା ନିର୍ମାଣ କଳା ଆଗାମୀ ପିଢ଼ି ପର୍ଯ୍ୟନ୍ତ ବଞ୍ଚି ରହିପାରିବ ବୋଲି କାରିଗରମାନେ ଆଶା ପ୍ରକାଶ କରିଛନ୍ତି।

### ଛାତ୍ର ସଂସଦ ନିର୍ବାଚନ ନେଇ ଜିଲ୍ଲା ପ୍ରଶାସନର ବୈଠକ
## ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ଉପରେ ଗୁରୁତ୍ୱ

ଭଦ୍ରକ,(ନିପ୍ର): ଭଦ୍ରକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀଙ୍କ ସମେତ ବିଭିନ୍ନ ଅଧିକାରୀ ଯୋଗଦେଇଥିଲେ।ଏଥିସହ ଜିଲ୍ଲାରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବା ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ, ସମସ୍ତ ଉପଖଣ୍ଡସ୍ତରୀୟ ଆରକ୍ଷୀ ଅଧିକାରୀ ଏବଂ ସମସ୍ତ ଥାନାର ଭାରପ୍ରାପ୍ତ ଅଧିକାରୀମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ।ବୈଠକରେ ନିର୍ବାଚନ ସମୟରେ ଆଇନଶୃଙ୍ଖଳା ବଜାୟ ରଖିବା, ନିର୍ବାଚନ ପ୍ରକ୍ରିୟାକୁ ନିରପେକ୍ଷ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ସହ ମହାବିଦ୍ୟାଳୟ ପରିସରରେ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ଆସିକା ଥାନା ଅଧୀନକୁ ଆସିଲା ଗହଙ୍ଗୁ ପଞ୍ଚାୟତର ୩ ଗ୍ରାମ

ଆସିକା,(ନିପ୍ର): ଆସିକା ଥାନା ଅଧୀନକୁ ଆସିଲା ଆସିକା ବ୍ଲକ ଗହଙ୍ଗୁ ପଞ୍ଚାୟତର ତିନୋଟି ଗ୍ରାମ। ପ୍ରକାଶ ଥାଉକି ରାଜ୍ୟ ଗୃହ ବିଭାଗଙ୍କ ପତ୍ର ସଂଖ୍ୟା ୩୪୮୫୨ -୦୧/୧୦/୨୦୨୬ ପ୍ରକାରେ ଚଳିତ ଅକ୍ଟୋବର ମାସ ୧ ତାରିଖ ଠାରୁ ଆସିକା ବ୍ଲକ ଅଧୀନ ଗହଙ୍ଗୁ ପଞ୍ଚାୟତର ଗହଙ୍ଗୁ, ଫାପଲପୁର ଓ ଚନ୍ଦନପେଢ଼ି ଏହି ତିନୋଟି ଗ୍ରାମ ଆସିକା ଥାନା ଅଧୀନକୁ ଆସିଯାଇଛି। ଗତକାଲି ସନ୍ଧ୍ୟା ସମୟରେ ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ ଗହଙ୍ଗୁ , ଫାପଲପୁର, ଚନ୍ଦନପେଢ଼ି ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ସହ କୌଣସି ପ୍ରକାର ମାଲି ମକଦ୍ଦମା ହେଲେ ଆସିକା ଥାନା ଓ ଆସିକା କୋର୍ଟ ଅଧୀନକୁ ଯିବା ପାଇ କହିଥିଲେ।

## ଯାତ୍ରାକଳାକାରଙ୍କୁ ସମ୍ବର୍ଦ୍ଧନା

ବାଙ୍କୀ, (ନିପ୍ର): ବାଙ୍କୀ ଡମପଡ଼ା ବ୍ଲକ ଶିମିଳିପୁରସ୍ଥିତ ସିଦ୍ଧେଶ୍ୱର ନାଟ୍ୟ ସଂସଦ ଆନୁକୂଲ୍ୟରେ ଗତ ତିନିଦିନ ଧରି ଯାତ୍ରା 'ରାଣୀ ସିଂହ ବାହିନୀ'ର ନାଟ୍ୟ ପରିବେଷଣ ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରା ଦେଖିବା ପାଇଁ ବାଙ୍କୀ ସମେତ ଆଠଗଡ଼, ତିଗିରିଆ, ବଡ଼ମ୍ବା, ଖୋର୍ଦ୍ଧା ଓ ନୟାଗଡ଼ ଆଦି ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଦର୍ଶକଙ୍କ



ସମାଗମ ହୋଇଥିଲା। ଚଳିତ ବର୍ଷ ପରିବେଷିତ ଚଳଚ୍ଚିତ୍ର ଓ ପାରିବାରିକ କାହାଣୀ ଆଧାରିତ ନାଟକ 'ଏଡ୍ମିଁ' ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ପାଲଟିଥିଲା। ବିଶେଷକରି କଳାକାର ପିୟୁଷ ତ୍ରିପାଠୀଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ତିନିଦିନ ଧରି କଳାକାରମାନଙ୍କ ନିଖୁଣ ଅଭିନୟ ଓ ମନମୁଗ୍ଧକର ନାଟ୍ୟ ପରିବେଷଣରେ ଦର୍ଶକ ଆନନ୍ଦିତ ହୋଇଥିଲେ।

## ବିଭିନ୍ନ ସ୍ଥାନରେ 'ବନ୍ଦ'ର ପ୍ରଭାବ

**ପୁରୀ,(ନିପ୍ର):** କଂଗ୍ରେସ ଓ ବାମପନ୍ଥୀ ଦଳ ପକ୍ଷରୁ ଚାରିଦଫା ଦାବି ନେଇ ବାରଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା । ବିଭିନ୍ନ ସ୍ଥାନରେ ବିକ୍ଷୋଭକାରୀମାନେ ପୁରୀ ରେଲଷ୍ଟେସନ୍ ସମ୍ମୁଖରେ ବିକ୍ଷୋଭ କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ ମଧ୍ୟ ଟ୍ରେନ ଚଳାଚଳ ସ୍ୱାଭାବିକ ଥିଲା। କିନ୍ତୁ କୌଣସି ସ୍ଥାନରୁ ବସ୍ ଚଳାଚଳ କରିନଥିଲା। ଦୂରଦୂରାନ୍ତକୁ ଯିବା ପାଇଁ ଯାତ୍ରୀମାନେ ବସଷ୍ଟାଣ୍ଡକୁ ଆସି ନିରାଶର ହୋଇ ଅପେକ୍ଷା କରି ବସିଥିବା ଦେଖାଦେଇଥିଲା। ବଡ଼ ଦାଣ୍ଡରେ ଦୋକାନ ବଜାରଗୁଡ଼ିକ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଥାନା, ପୋଷ୍ଟଅଫିସ, କୋର୍ଟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନଗୁଡିକରେ କଡା ପୋଲିସ୍ ପହରା ବ୍ୟବସ୍ଥା କରାଯାଇଥିଲା । ଫଳରେ କୌଣସି ଅପ୍ରୀତିକର ଘଟଣା ମଧ୍ୟ ଦେଖାଯାଇନାହିଁ । ପୋଲିସ ପ୍ରଶାସନ ପକ୍ଷରୁ ତୀକ୍ଷ୍ଣ ଦୃଷ୍ଟି ଦିଆଯାଇଥିଲା । ଜିଲ୍ଲା କଂଗ୍ରେସ ସଭାପତି ଇଞ୍ଜିନିୟର ରାଜେଶ୍ ମିଶ୍ର,ଜୟ ନାରାୟଣ ପଟ୍ଟନାୟକ ,ପ୍ରଦୀପ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଶରତ ରାୟ ଗୁରୁ ,ଜଗନ୍ନାଥ ଦେବ, ବିଦ୍ୟୁତ୍ ଲତା ଆଚାର୍ଯ୍ୟ ଓ ଅନ୍ୟାନ୍ୟ ମହିଳା ନେତ୍ରୀ ଛାତ୍ରନେତା ,ବାମ ପାର୍ଟି ପ୍ରମୁଖ ଉପସ୍ଥିତ ରହି ସ୍ଲୋଗାନ ଦେଇଥିଲେ।

**କୃଷ୍ଣପ୍ରସାଦ:** ବନ୍ଦ ଡାକରାର ପ୍ରଭାବ ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକରେ ଦେଖିବାକୁ ମିଳିଥିଲା। ବିଭିନ୍ନ ଦାବି ନେଇ କଂଗ୍ରେସ ଓ ସିପିଆଇ(ଏମ୍) ଦଳର କର୍ମୀମାନେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଥିଲେ। ଏହି ଆନ୍ଦୋଳନ ଯୋଗୁଁ ପ୍ରାୟ ଏକ ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା। କଂଗ୍ରେସ ଦଳର ଅଗ୍ରଣୀ ଯୁବନେତା ତଥା ଅବସରପ୍ରାପ୍ତ ସୈନିକ ଦୀପକ ଜେନାଙ୍କ ନେତୃତ୍ୱରେ ଚିଲିକା ନୂଆପଡ଼ା ଠାରେ ଦଳୀୟ କର୍ମୀମାନେ ଟାୟାର ଜାଳି ପ୍ରତିବାଦ କରିଥିଲେ। ପରେ ବ୍ଲକ ଛକଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ବିଜେପି ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ସେହିପରି ସିପିଆଇ(ଏମ୍) ଦଳର ନେତା ଜଗବନ୍ଧୁ ସେନାପତିଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ବ୍ଲକ, ତହସିଲ ଓ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଦେଇ ପଦଯାତ୍ରା କରି ସମାନ ଦାବି ଉଠାଇଥିଲେ।ଉଭୟ ଦଳର ଆନ୍ଦୋଳନ ଯୋଗୁଁ ଅଞ୍ଚଳରେ କିଛି ସମୟ ପାଇଁ ଯାତାୟାତ ପ୍ରଭାବିତ ହୋଇଥିଲା। ଆନ୍ଦୋଳନକାରୀମାନେ ବିଭିନ୍ନ ଦାବି ପୂରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**ଜଳେଶ୍ୱର:** କଂଗ୍ରେସ ସମେତ ବିଭିନ୍ନ ବାମପନ୍ଥୀ ମେଣ୍ଟ ପକ୍ଷରୁ ଦିଆଯାଇଥିବା ବନ୍ଦର ପ୍ରଭାବ ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି। କଂଗ୍ରେସ କର୍ମୀମାନେ ୫୭ ନମ୍ବର ରାଜ୍ୟ ରାଜପଥର ପିକେଟିସ କରି ବିଭିନ୍ନ ଛୋଟ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ କରିବାରେ ସଫଳ ହୋଇଛନ୍ତି। କେବଳ ଜରୁରୀକାଳୀନ ସେବା ପ୍ରଦାନକାରୀ ଯାନବାହାନ ବ୍ୟତୀତ ଅନ୍ୟ ସମସ୍ତ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଛି। ଜଳେଶ୍ୱର ନୂଆବଜାର, ବଡ଼ ବଜାର, ଷ୍ଟେସନ ବଜାର, ବ୍ଲକ ବଜାର ଆଦି ଛକ ମାନଙ୍କରେ କଂଗ୍ରେସ ଓ ବାମପନ୍ଥୀ ସଂଗଠନର



କର୍ମୀମାନେ ରାସ୍ତା ଅବରୋଧ କରି ବନ୍ଦକୁ ସଫଳ କରିବାରେ ପ୍ରୟାସ ଜାରୀ ରଖିଥିବା ଦେଖିବାକୁ ମିଳିଛି । ୧୬ନଂ ଜାତୀୟ ରାଜପଥ ଉଭୟ ପଟରେ ଶହ ଶହ ଗାଡି ମଟର ଅଟକି ରହିଥିବା ଦେଖିବାକୁ ମିଳିଛି। ଗାଡି ମଟର ଅଟକ ରହିଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ତ୍ରୁଟି ଯୁକ୍ତ ଏସ ଆଇଆର ପ୍ରକ୍ରିୟାକୁ ରଦ୍ଦ କରିବା,ଏମ ଏମ ଡି ଆର ଆଇନ ରଦ୍ଦ କରିବା, ନୈତିକତା ଦୃଷ୍ଟିରୁ ଓଡ଼ିଶାର ଶିକ୍ଷାମନ୍ତ୍ରୀ ନିତ୍ୟାନ୍ଦ ଗଣ୍ଡ ଇସ୍ତଫାଦେବା , ନିର୍ବାଚନ କମିଶନର ଜ୍ଞାନେଶ କୁମାରର ଇସ୍ତଫା ତଥା ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ପ୍ରଦାନ ଦାବିରେ ଏହି ବନ୍ଦ ଡାକରା ଦିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି। ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳ ମାନଙ୍କରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ତେବେ ବନ୍ଦକୁ ନେଇ କୌଣସି ଅପ୍ରିତିକାର ପରିସ୍ଥିତି ସୃଷ୍ଟି ହୋଇଥିବା ନଜରକୁ ଆସିନାହିଁ।

## ଭାପୁରର ବିକାଶ ପାଇଁ ଦୁଇ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସୁପାରିସ

ଭାପୁର,(ନିପ୍ର): ବିକଶିତ ଓଡିଶା ୨୦୩୬ ତଥା ବିକଶିତ ଭାରତ ୨୦୪୭ ଆଭିମୁଖ୍ୟରେ ରାଜ୍ୟ ସରକାର ଭାପୁର ବ୍ଲକକୁ ସମୃଦ୍ଧ କରିବା ଲକ୍ଷ୍ୟରେ ପଦକ୍ଷେପ ନେବା ପାଇଁ ଦାବି ହୋଇଛି । ଭାପୁର ବ୍ଲକର ଦୁଇ ଗୋଟି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଏକ ବ୍ଲୁ ପ୍ରିଣ୍ଟ ମୁଖ୍ୟ ଶାସନ ସଚିବ ଅନୁଗର୍ଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚିବସ୍ତରୀୟ ବୈଠକରେ ଆଭାସୀ ମାଧ୍ୟମରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ଉପସ୍ଥାପନ କରିଛନ୍ତି। ଭାପୁର ବ୍ଲକରେ ଏକ ହେଲିପ୍ୟାଡ଼ ନିର୍ମାଣ ସହିତ ଜଗନ୍ନାଥଙ୍କ ଆଦିପୀଠ ଧାନଚାଙ୍ଗଡ଼ା ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ବହୁଳ କାଳିଆପଲ୍ଲୀ ଗ୍ରାମକୁ ଐତିହ ପର୍ଯ୍ୟଟନସ୍ଥଳୀ ଭାବରେ ବିକଶିତ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଜିଲ୍ଲାପାଳଙ୍କ ବିକାଶମୂଳକ ଉପସ୍ଥାପନା ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ଏବଂ ବିଭିନ୍ନ ବିଭାଗର ସଚିବମାନେ ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତା ନେଇ ପରାମର୍ଶ ଦେଇଥିଲେ।

## ଛାତ୍ର ସଂସଦ ନିର୍ବାଚନ ନେଇ ଚଳଚଞ୍ଚଳ ୩ ଟି ମହାବିଦ୍ୟାଳୟ

କଣ୍ଟିଲୋ,(ନି.ପ୍ର): ଛାତ୍ର ସଂସଦ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟ ଓ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ରାଜନୈତିକ ବାତାବରଣ କ୍ରମଶଃ ଉଷ୍ମ ହେବାରେ ଲାଗିଛି। ମହାବିଦ୍ୟାଳୟ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାକୁ ଆଗ୍ରହୀ ଥିବା ଛାତ୍ର ନେତାମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଆଗ୍ରହ ଓ ଉତ୍ସାହ ପରିଲକ୍ଷିତ ହୋଇଛି। ଗତ ୧୯୭୮ ମସିହାରେ ପ୍ରତିଷ୍ଠା ହୋଇଥିବା ପଠାଣି ସାମନ୍ତ ମହାବିଦ୍ୟାଳୟରେ ଚଳିତ ବର୍ଷ ପ୍ରଥମ କରି ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ କିଭଳି ନିର୍ବାଚନ ଅନୁଷ୍ଠିତ ହେବ ସେ ନେଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଥିବା ଜଣାପଡିଛି। ଛାତ୍ର ସଂସଦ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଆଗେଇ ଆସିଥିବା ବେଳେ ଅନ୍ୟ ପ୍ରମୁଖ ରାଜନୈତିକ ଦଳ ଗୁଡିକ ମଧ୍ୟ ନିର୍ବାଚନରେ ପ୍ରାର୍ଥୀ ଦେବା ପାଇଁ ଛାତ୍ର ନେତାମାନଙ୍କ ସହ ବିଚାର ବିମର୍ଶ ଚଳାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏବିଭିପି ପକ୍ଷରୁ ବରିଷ୍ଠ ସଂଗଠକ ଜିତେନ୍ଦ୍ର କୁମାର କାଟିଆ ଓ ପରମେଶ୍ୱର ମହାନ୍ତି ଛାତ୍ର ନେତାମାନଙ୍କୁ ଭେଟି ଶେଷ ପର୍ଯ୍ୟାୟରେ ଆଲୋଚନା ଜାରି ରଖିଥିବା ସୂଚନା ମିଳିଛି। ପଠାଣିସାମନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସ୍ୱଚ୍ଛ ସଳିଳା ମହାପାତ୍ର ଛାତ୍ର ସଂସଦ ନିର୍ବାଚନର ସୁପରିଚାଳନା ଉପରେ ବିଶେଷ ଭାବେ ଗୁରୁତ୍ୱାରୋପ କରିବା ସହ ଏ ପରିପ୍ରେକ୍ଷୀରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେବା ସହ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ତେବେ ଛାତ୍ର ସଂସଦ ନିର୍ବାଚନ ନେଇ ଆସନ୍ତା ୯ ତାରିଖ ଶୁକ୍ରବାର ନାମାଙ୍କନପତ୍ର ଦାଖଲ ସହ ୧୦ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିବା ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡିଛି।

## ଡେରାବିଶରେ ବନ୍ଦ ଶାନ୍ତିପୂର୍ଣ୍ଣ




ଡେରାବିଶ,(ନିପ୍ର): ଇଣ୍ଡିଆ ମେଣ୍ଟର ଆହ୍ୱାନ କ୍ରମେ ଗୁରୁବାର ଓଡ଼ିଶା ବନ୍ଦ ଡାକରା ପରିପ୍ରେକ୍ଷୀରେ ଡେରାବିଶ ବ୍ଲକ ଅଞ୍ଚଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ବ୍ଲକ ଅଧିନସ୍ଥ ପ୍ରମୁଖ ବ୍ୟବସାୟ ସ୍ଥଳ ଚାନ୍ଦୋଳ ବଜାରରେ ପ୍ରାୟ ୮୦ ପ୍ରତିଶତ ଦୋକାନ ବଜାର ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ପାଟକୁରା କଂଗ୍ରେସ ନେତା ଡ଼ ରତିକାନ୍ତ କାନୁନଗୋ ଓ ବରିଷ୍ଠ କଂଗ୍ରେସ ନେତା ସୁଖଦାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ମାନେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଫାଣ୍ଡି ଛକ ଠାରେ ରାସ୍ତାରୋକ କରିଥିଲେ। ଏମ. ଏମ.ଡି.ଆର ଆଇନ ରଦ୍ଦ,ଜ୍ଞାନେଶ କୁମାରଙ୍କ ଇସ୍ତଫା, ଦରଦାମ୍ ବୃଦ୍ଧି, ବନ୍ୟା ବିପନ୍ନଙ୍କୁ ସହାୟତା ଓ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଆଦି ପ୍ରମୁଖ ପ୍ରସଙ୍ଗ ଥିବା କଂଗ୍ରେସ ନେତା ଶ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ। ପୂର୍ବାହ୍ନରେ କଂଗ୍ରେସ କର୍ମୀ ମାନେ ସ୍କୁଲ,କଲେଜ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ଓ ବ୍ୟବସାୟ ପ୍ରତିଷ୍ଠାନକୁ ଯାଇ ବନ୍ଦ କରାଉଥିବା ଦେଖିବାକୁ ମିଳିଥିଲା। କୈଳାସ ଚନ୍ଦ୍ର କର,କୃଷ୍ଣପ୍ରିୟା ବାରିକ, ରଶ୍ମିତା ମହାନ୍ତି, ସୁଧୀର ରାଉତ, ହରିହର ଜେନା ଓ ନିମାଇଁ ଯେନା ପ୍ରମୁଖ ସଂଗଠକ ମାନେ ଚାନ୍ଦୋଳ ଫାଣ୍ଡି ଛକ ରାସ୍ତାରୋକ ରେ ସାମିଲ ହୋଇଥିଲେ।

## କେଉଁଠି ସମର୍ଥନ, କେଉଁଠି ପ୍ରତିବାଦ



**ତରଭା:** କଂଗ୍ରେସ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରା ଯୋଗୁଁ ତରଭା ସହରରେ ଜନଜୀବନ ପ୍ରଭାବିତ ହୋଇଛି। ଏମଏମଡିଆର ସଂଶୋଧିତ ଅଧିନିୟମ ରଦ୍ଦ କରିବା, ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାରଙ୍କ ବହିଷ୍କାର ଓ ଗିରଫଦାରୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ବିପନ୍ନଙ୍କ ପ୍ରତି ସରକାରୀ ଉଦାସୀନତା ଦାବିକୁ ନେଇ ଆଜି କଂଗ୍ରେସ ପକ୍ଷରୁ ଏହି ଶାନ୍ତିପୂର୍ଣ୍ଣ ବନ୍ଦ ଡାକରା ଦିଆଯାଇଥିଲା। କଂଗ୍ରେସ କର୍ମୀ ଓ କର୍ମକର୍ତ୍ତାମାନେ ତହସିଲ କାର୍ଯ୍ୟାଳୟ, ବ୍ଲକ, ଏନଏସି କାର୍ଯ୍ୟାଳୟ,ଆଇସିଡିଏସ,ଷ୍ଟେଟ ବ୍ୟାଙ୍କ,ୟୁନିଅନ ବ୍ୟାଙ୍କ, ପ୍ୟାକ୍ସ, ସ୍କୁଲ, କଲେଜ ଓ ଅନ୍ୟାନ୍ୟ ସରକାରୀ / ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, ପୋଷ୍ଟ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ବନ୍ଦ କରିଥିଲେ। ସହରର ସମସ୍ତ ପେଟ୍ରୋଲ ପମ୍ପ ଓ ବସ ଚଳାଚଳ ବନ୍ଦ ରହିଥିବାରୁ ଜନସାଧାରଣ ଅସୁବିଧା ଭୋଗ କରିଥିଲେ। ୫୭ ନମ୍ବର ଜାତୀୟ ରାଜପଥରେ ଯାନବାହନ ଚଳାଚଳ ଠପ ହୋଇଯାଇଥିଲା। ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଚାଲିଥିବା ପରୀକ୍ଷାକୁ ଦୃଷ୍ଟିରେ ରଖି ସ୍କୁଲକୁ ବନ୍ଦରୁ ବାଦ ଦିଆଯାଇଥିଲା। ଆଜିର ଏହି ବନ୍ଦରେ ବରିଷ୍ଠ କଂଗ୍ରେସ ନେତା ବ୍ଲକ ସଭାପତି କାର୍ତ୍ତିକ ନାଗ ଜିଲ୍ଲା ସମ୍ପାଦକ ମକୁନ୍ଦ ବିଶ୍ୱାଳ, ରାମକୃଷ୍ଣ ସାହୁ, ରାଜେନ୍ଦ୍ର ଝାଙ୍କର, ଇନ୍ଦ୍ରଜିତ ନାଗ, ସୁରୁସିଂ ସୁନାଙ୍କ ସହ ଅନେକ କଂଗ୍ରେସ କର୍ମୀ ସାମିଲ ଥିଲେ।




ସାଲେପୁର,: ଚାରି ଦଫା ଦାବି ନେଇ କଂଗ୍ରେସ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ସାଲେପୁରରେ ସଫଳ ହୋଇଥିବା ଦେଖିବାକୁ ମିଳିଛି। ଓଡ଼ିଶା ପ୍ରଦେଶ ସଂଖ୍ୟାଲଘୁ ସେଲ୍‌ର ସଭାପତି ତଥା ସାଲେପୁର କଂଗ୍ରେସ ନେତା ଇଂ. ଆକ୍ୟୁବ୍ ଖାଁଙ୍କ ନେତୃତ୍ୱରେ ଆଜି ଶତାଧିକ କଂଗ୍ରେସ କର୍ମୀ ସାଲେପୁର-କୁଆଁପାଳ ରାସ୍ତାରେ ରାସ୍ତାରୋକ ଆନ୍ଦୋଳନ କରିବା ସହ ଏମ୍.ଏମ୍.ଡି.ଆର. ବିଲ୍ ପ୍ରତ୍ୟାହାର କରିବା, ନିର୍ବାଚନ କମିଶନରଙ୍କୁ ବହିଷ୍କାର କରିବା, ଛାତ୍ରଛାତ୍ରୀଙ୍କ ପାଠ୍ୟ ପୁସ୍ତକରେ ତ୍ରୁଟି ପାଇଁ ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ନେଇ କଂଗ୍ରେସ ପକ୍ଷରୁ ଆଜି ରାସ୍ତାରୋକ ଆନ୍ଦୋଳନ କରାଯାଇଥିଲା। ସାଲେପୁର ଅଞ୍ଚଳରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିବାବେଳେ ସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ ଖୋଲାରହିଥିବାବେଳେ ସରକାରୀ ବସ୍ ଚାଲୁଥିବାବେଳେ ଘରୋଇ ବସ୍ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ଏହି ଆନ୍ଦୋଳନରେ ସାଲେପୁର ବ୍ଲକ୍ କଂଗ୍ରେସ କମିଟି ସଭାପତି ସରୋଜ କର, ଇସାକ୍ ଖାଁ, ଚନ୍ଦ୍ରକାନ୍ତ କର, ରାଜୁ ନାରାୟଣ ମିଶ୍ର, କାମିନୀ କାଞ୍ଚନ ସ୍ୱାଇଁ, ମୁସ୍ତାକିନ୍ ଖାଁ, ଅସଲମ ଖାଁ, ଅଜୟ ଦାସ, ଭରତ ବାରିକ, ଅଶ୍ୱିନୀ କୁମାର ଦାସ, ସେକ୍ ପୀର ବକ୍ସ, ବିସ୍ମୟ ରଂଜନ ଭୂୟାଁ, ପ୍ରସନ୍ନ ପରିଡ଼ା, ହରେକୃଷ୍ଣ ବେହେରାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

ନିଆଳି: କଂଗ୍ରେସ ଓ ଇଣ୍ଡିଆ ମେଣ୍ଟ ଆହ୍ୱାନ କ୍ରମେ ୪ ଦଫା ଦାବି ପୂରଣ ପାଇଁ ଦିଆଯାଇଥିବା ଓଡିଶାବନ୍ଦ ଡାକରା ଶାନ୍ତିପୂର୍ଣ୍ଣ ରହିଛି। ସରକାରୀ କାର୍ଯ୍ୟାଳୟ ବାହାରୁ ବନ୍ଦ ରହିଥିବା ବେଳେ ଚାରିଚକିଆ ଯାନ ଚଳାଚଳ ପ୍ରାୟତଃ ବନ୍ଦ ଥିଲା। ଏହି ଅବସରରେ ନିଆଳି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ କଂଗ୍ରେସ ସଭାପତି ଡଃ କେଦାରନାଥ ସାହୁଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ରବିନ୍ଦ୍ର କୁମାର ମଲ୍ଲିକଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇ ଏମ୍ ଏମ୍ ଡିଆର୍ ଆଇନ୍ ରଦ୍ଦ, ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା,ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେନ୍ଦ୍ର କୁମାରଙ୍କ ଇସ୍ତଫା,ଆଦି ଦାବି କରିଥିଲେ।

ଖଣ୍ଡପଡ଼ା,: ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନକ୍ରମେ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାକୁ ସଫଳ କରିବା ନିମନ୍ତେ କଂଗ୍ରେସ କର୍ମୀ ଓ ସଙ୍ଗଠକମାନେ ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଗୁରୁବାର ଶାନ୍ତିପୂର୍ଣ୍ଣ ଭାବେ ହରତାଳ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିବା ଜଣାଯାଇଛି। ନୟାଗଡ ଜିଲ୍ଲା ମହିଳା କଂଗ୍ରେସ କମିଟିର ସଭାପତି ବୈଜୟନ୍ତୀମାଳା ମହାନ୍ତିଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ, କର୍ମକର୍ତ୍ତା ଓ ସଙ୍ଗଠକମାନେ ବିଭିନ୍ନ ସ୍ଥାନରେ ଏକତ୍ରୀତ ହୋଇ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କ ଶାଖା ଗୁଡିକୁ ବନ୍ଦ କରିଥିଲେ।




ଚାରିଛକ,(ନିପ୍ର): ବିଭିନ୍ନ ଦାବିରେ ଆଜି ଇଣ୍ଡିଆ ବ୍ଲକ ଅଂଶୀଦାର ଦଳ ସମୂହ ଓଡିଶାର ସାମୁହିକ ହିତ ଦୃଷ୍ଟିରୁ ଆଜି ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଚାରିଛକ ଠାରେ ଗୋବିନ୍ଦ ଚନ୍ଦ୍ର ମଳିକଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସ କମିଟି ସଂପାଦକ ବନ ବିହାରୀ ଦାଶ,ବରିଷ୍ଠ ନେତୃତ୍ୱ ପୁର୍ବତନ ସରପଞ୍ଚ ରାମଚନ୍ଦ୍ର ଜେନା, ଅର୍ଜୁନ ପାତ୍ର, ସିପିଆଇ ନେତା କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ର, ପୂର୍ବତନ ସରପଞ୍ଚ ସନ୍ତୋଷ ବେହେରା, କାଳନ୍ଦୀ ବେହେରା, ଭଗବାନ ସ୍ୱାଇଁ, ସେକ କଲିମବତ, ଶିବ ବିଶ୍ୱାଳ, ବୈଷ୍ଣବ ଚରଣ ମହାନ୍ତି, ବସନ୍ତ କୁମାର ସ୍ୱାଇଁ, ଅଜୟ ବାରିକ, ନିଶିକାନ୍ତ ସ୍ୱାଇଁ, ପ୍ରମେଶ ମଲ୍ଲଙ୍କ ସମେତ ଶତାଧିକ କର୍ମୀ ଚାରିଛକ ମୁଖ୍ୟ ବଜାରରେ ରାସ୍ତା ଅବରୋଧ କରିଥିବା ବେଳେ ତୁଳସୀପୁର ବଜାରରେ ପଞ୍ଚାୟତ ସଭାପତି ରଘୁନାଥ ବେହେରାଙ୍କ ନେତୃତ୍ୱରେ ପୁର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ଦାସ, ବରିଷ୍ଠ ନେତୃତ୍ୱ ଜଟାଧାରୀ ବେହେରା ବନ ବିହାରୀ ଦାଶ, ଯୁବନେତା ହରିହର ବେହେରାଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

ତିଥି :(ଚତୁର୍ଦ୍ଦଶୀ): (ଉତ୍ତରାଫା କନ୍ୟା)
ଅମୃତ ବେଳା: ଦିବା ଘ ୬।୩୦ ମଧ୍ୟେ ଘ୭।୧୮ ଗତେ

## ଆଜିର ଅନୁଚିନ୍ତନ

ରଜୋଗୁଣ ବୃଦ୍ଧି ହେଲେ ଅଶାନ୍ତି, ସ୍ପୃହା ପ୍ରଭୃତି ବୃତ୍ତି ଜାତ ହୁଏ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଉପେକ୍ଷାର ସ୍ୱର !

ରାଜରାସ୍ତାରେ ବିରୋଧୀମେଣ୍ଟର ଶକ୍ତି ପ୍ରଦର୍ଶନ ବନ୍ଦ ପାଳନରେ ଲକ୍ଷ୍ୟ କରାଯାଉଛି ସେଥିରେ ନେତାଙ୍କ ରଣନୀତି ଅଧିକ ସାଧାରଣ ଜନତାଙ୍କ ସ୍ୱତଃସ୍ଫୂର୍ତ୍ତ ସମର୍ଥନ କମ୍ । ଏପରି କାହିଁକି ଘଟେ ? ସାଧାରଣତଃ ସାଧାରଣ ଲୋକ ବନ୍ଦ ପାଳନ ବେଳେ ଅଧିକ ପ୍ରଭାବିତ ହୋଇଥାଆନ୍ତି । କାରଣ ସ୍ୱାଭାବିକ ଯାତାୟାତ ଓ ଜୀବନଯାତ୍ରାରେ ଯେପରି ହେଉ ବାଧା ପହଞ୍ଚିଥାଏ। କୌଣସି ଲକ୍ଷ୍ୟ ପୂରଣ ପ୍ରୟାସ ପାଇଁ ଆଜିକାଲି ବନ୍ଦର ଧାରା ଗତାନୁଗତିକ ହୋଇଗଲାଣି। ଲକ୍ଷ୍ୟ କରାଗଲାଣି ବନ୍ଦ ଅବଧି ପ୍ରାୟତଃ ୧୨ ଘଣ୍ଟିଆ । ତାହାରି ମଧ୍ୟରେ ରାଲି, ପିକେଟିଂ ଓ ବିକ୍ଷୋଭ ଆଦି ଚାଲୁଛି। ଅବଶ୍ୟ ବନ୍ଦ ପାଳନ ବେଳେ ଜରୁରୀ ସେବା, ଔଷଧ ଦୋକାନ,ହସପିଟାଲ,ଆମ୍ବୁଲାନସ,କ୍ଷୀର ଗାଡ଼ି ଏସବୁ ମୁକ୍ତ ରହେ।

କଟକର ମାଲଗୋଦାମରୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ହୋଇଥାଏ। ଏହା ଉପରେ ରାଜ୍ୟର ୬ରୁ ୭ଟି ଜିଲ୍ଲା ସମ୍ପୂର୍ଣ୍ଣ ନିର୍ଭର କରନ୍ତି। ବ୍ୟବସାୟୀମାନେ ଅତ୍ୟାବଶ୍ୟକ ସାମଗ୍ରୀ କାରବାର କରୁଥିବାରୁ ସେମାନେ ଚାହିଁଲେ ବି ହଠାତ୍ ବନ୍ଦ କରିପାରିବେ ନାହିଁ। ଗଣତାନ୍ତ୍ରିକ ଅଧିକାର ଓ ସ୍ୱାର୍ଥ, ଲୋକଙ୍କ ଅଧିକାର ଓ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ପାଇଁ ଡାକରା ଏପରି ଦିଆଯାଇଛି ବୋଲି କୁହାଯାଇଛି। ତେବେ ଦାବିଗୁଡ଼ିକ ନେଇ ବିରୋଧୀ ଓଡ଼ିଶା ବନ୍ଦ ଅପେକ୍ଷା ରାଜଧାନୀରେ ଶକ୍ତି ପ୍ରଦର୍ଶନ କରିପାରନ୍ତେ। ମାତ୍ର ତାହା ସେପରି ଲକ୍ଷ୍ୟ କରାଯାଉନାହିଁ। ବନ୍ୟା ପ୍ରଭାବିତ ସମସ୍ତ ଲୋକଙ୍କୁ ତୁରନ୍ତ ରିଲିଫ୍ ଓ ପୁନର୍ବାସ ସହାୟତା ଯୋଗାଇବା ଦାବି ମଧ୍ୟ ଉଠିଛି। ଏକଥା ସତ ଯେ ବନ୍ୟା ପ୍ରଭାବିତ ଲୋକେ ଯେତେ ଶୀଘ୍ର ସହାୟତା ପାଇବେ ତାହା ଦ୍ୱାରା ଜୀବନଯାତ୍ରା ସ୍ୱାଭାବିକ ହେବାର ପଥ ପରିଷ୍କାର ହେବ। ଏ ଦିଗରେ ସରକାରୀ କଳ ସକ୍ରିୟ ରହିବା ଜରୁରୀ।

ସାଧାରଣତଃ ପ୍ରଶାସନରେ ଉତ୍ତରଦାୟିତ୍ୱ ଏକ ଜରୁରୀ ଆବଶ୍ୟକତା। ଲୋକଙ୍କ ପାଇଁ ସରକାର ଯେତେବେଳେ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରେ ତାହା ସପକ୍ଷରେ ବାହାବା ବଢ଼େ। ଦେଖିବାକୁ ମିଳେ ଯେ ଅନ୍ତୋଦୟ ବାସଗୃହ ଯୋଜନାରେ ଗାଁ ଗହଳରେ ଉପକୃତ ହେବା ପାଇଁ ଏମିତି କିଛି ଗରିବ ଥାଆନ୍ତି ସେମାନଙ୍କ ସ୍ୱର ପ୍ରଶାସନରେ ଶୁଭିବା କ୍ୱଚିତ୍ ଦେଖାଯାଏ । ମତଦାନର ଅଧିକାର ସମ୍ବନ୍ଧୀୟ ସମସ୍ୟା ହେଉ କି କୌଣସି ସରକାରୀ ଯୋଜନାରେ ଯୋଗ୍ୟ ହିତାଧିକାରୀ ଯଥାର୍ଥରେ ଉପକୃତ ହେବା ହେଉ ଏସବୁ ଆପଣାଛାଏଁ ଘଟିବା ଦେଖାଯାଉନାହିଁ, କେଉଁଠି ନା କେଉଁଠି ସମସ୍ୟା ଉପୁଜୁଛି। ସରକାରୀ କଳ ଆବଶ୍ୟକ ମାନବସମ୍ବଳ ଜରିଆରେ ପଦାଧିକାରୀମାନଙ୍କ ଜରିଆରେ ସଂପୃକ୍ତ ସ୍ଥାନରେ ପହଞ୍ଚିବା ଆବଶ୍ୟକ। ଯୋଜନା ହେଉ କି ବାର୍ଷିକ ବଜେଟ ବେଳେ କେତେ କଥା, କେତେ ପ୍ରତିଶ୍ରୁତି ଅବା ରାଜନେତାଙ୍କ ଶିଳ୍ପ ପ୍ରତିଷ୍ଠାନ ଖୋଲିବା ପ୍ରତିଶ୍ରୁତି ହେଉ କି ବେକାର ଯୁବକଯୁବତୀଙ୍କୁ କର୍ମସଂସ୍ଥାନ ହେଉ, ଏସବୁ ଠିକେ ଠିକେ କାର୍ଯ୍ୟକାରୀ ନ ହେଲେ ସମାଲୋଚନା ଓ ଅସନ୍ତୋଷ ଉପୁଜିବ ହିଁ ଉପୁଜିବ।ବିରୋଧୀ ଓ ଶାସକ ଯଦି ଦାବିଗୁଡ଼ିକ ନେଇ ଏକ ମଞ୍ଚରେ ଏକାଠି ବିତର୍କ ତଥା ସମାଧାନ ଲାଗି ଆଗାନ୍ତେ ତେବେ ବନ୍ଦ ପାଳନ ଯାଏଁ କଥା ଯାଆନ୍ତା ନାହିଁ, ମାତ୍ର ସେପରି ଘଟୁନାହିଁ। ଅନାବଶ୍ୟକ ଭାବରେ ଟାୟାରଜଳା ଅବା ଦୁଇ ବିରୋଧୀ ଦଳ ମୁହାଁମୁହିଁ ହେବା ଦେଖାଯାଉଛି,ଯାହା କି ଅନାବଶ୍ୟକ । ପୂର୍ବେ ଶାସନମୁଖ୍ୟ ଶାସନ ସତ୍ତ୍ୱେ କିଭଳି ଅଛନ୍ତି ପ୍ରଜା ତାହାର ତଦାରଖ କରିବା ପାଇଁ ଅନ୍ଧାରି ବିଜେ କରୁଥିଲେ, ଛଦ୍ମବେଶରେ ଯାତ୍ରା କରୁଥିଲେ, ଯାହାଦ୍ୱାରା ଶାସନର ସୁବିଧା କେତେ ମାତ୍ରାରେ ପହଞ୍ଚିଛି ତାହା ପରଖୁଥିଲେ। ମାତ୍ର ଆଜିକାଲି ଗଣମାଧ୍ୟମରେ ନାନା ସମସ୍ୟା ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଛି, ମାତ୍ର କେତେ ଦୂର ସମସ୍ୟାର ସମାଧାନ ହେଉଛି ତାହାର ତଦାରଖ କେତେ,ଏପରି ପ୍ରଶ୍ନ ଉଠୁଛି । ନାଗରିକ କୈନ୍ଦ୍ରିକ ବ୍ୟବସ୍ଥାରେ ଅବହେଳା ବା ଉପେକ୍ଷାର ସ୍ୱରକୁ ଯେତେ ଶୁଣାଯିବ ଓ ସମାଧାନ କରାଯିବ ତାହାଦ୍ୱାରା ପ୍ରଶାସନ ଲୋକାଭିମୁଖୀ ସେତିକି ହୋଇପାରିବ । ଏପରି ଦ୍ୱାରା ବନ୍ଦ ପାଳନର ଆବଶ୍ୟକତା ନିଶ୍ଚୟ ହ୍ରାସ ପାଇବ।

# କର୍ମଯୋଗୀ ଗୋପବନ୍ଧୁ : ଓଡ଼ିଆ ଅସ୍ମିତାର ଅନିର୍ବାଣ ଦୀପଶିଖା

ନନ୍ଦିତା ବାରିକ

ଓଡ଼ିଶାର ଇତିହାସରେ ଯେଉଁ ମହାନ ବ୍ୟକ୍ତିତ୍ୱମାନେ ନିଜର ତ୍ୟାଗ, ସେବା, ଦେଶପ୍ରେମ ଓ କର୍ମନିଷ୍ଠା ଦ୍ୱାରା ଜନମାନସରେ ଚିରସ୍ମରଣୀୟ ହୋଇ ରହିଛନ୍ତି, ତନ୍ମଧ୍ୟରୁ କର୍ମଯୋଗୀ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ଥାନ ସର୍ବାଗ୍ରେ। ସେ ଥିଲେ ଉତ୍କଳୀୟ ନବଜାଗରଣର ଅଗ୍ରଦୂତ। ଓଡ଼ିଆ ଭାଷା, ସାହିତ୍ୟ, ଶିକ୍ଷା ଓ ସମାଜଜୀବନର ବିକାଶ ପାଇଁ ସେ ନିଜର ସମଗ୍ର ଜୀବନକୁ ନିଷ୍କାମ ଭାବେ ସମର୍ପିତ କରିଥିଲେ। ଜନସେବାକୁ ଧର୍ମ ଏବଂ ଦେଶସେବାକୁ ସେ କର୍ମ ବୋଲି ମନେ କରୁଥିଲେ। ସେଥିପାଇଁ ଗୋପବନ୍ଧୁ ଆଜି ମଧ୍ୟ ଓଡ଼ିଆ ଜାତିର ପ୍ରେରଣା ଓ ଓଡ଼ିଆ ଅସ୍ମିତାର ଅମ୍ଳାନ ପ୍ରତୀକ ଭାବେ ସର୍ବତ୍ର ବନ୍ଦିତ ଓ ସମାଦୃତ।



ଲାଭଜନକ ଓକିଲାତି ପେସାକୁ ତ୍ୟାଗ କରି ସେ ଜନସେବା ଓ ଜାତିସେବାକୁ ଜୀବନର ବ୍ରତ କରିଥିଲେ।ଜନସାଧାରଣଙ୍କ ଦୁଃଖ ଓ କଷ୍ଟକୁ ସେ ନିଜର ଦୁଃଖ ଭାବେ ଅନୁଭବ କରୁଥିଲେ। ସେହି ମାନବିକ ଚେତନା ତାଙ୍କୁ ଜଣେ ସାଧାରଣ ମଣିଷରୁ ମହାମାନବରେ ପରିଣତ କରିଥିଲା। ତାଙ୍କର ବିଶ୍ୱାସ ଥିଲା ,"ମାନବସେବା ହିଁ ମାଧବସେବା। । ବ୍ୟକ୍ତିଗତ ସୁଖ, ସମ୍ପତ୍ତି, ପାରିବାରିକ ମୋହ ଏବଂ ଭୌତିକ ଆକାଂକ୍ଷା ତାଙ୍କୁ କେବେ ବନ୍ଧନରେ ଆବଦ୍ଧ କରିପାରିନଥିଲା। ନିଜ ପୁଅର ଗୁରୁତର ଅସୁସ୍ଥତା ସମୟରେ ମଧ୍ୟ ବନ୍ୟାପୀଡ଼ିତ ଲୋକଙ୍କ ସେବା ପାଇଁ ଆଗେଇ ଆସିବା ତାଙ୍କର ଅପୂର୍ବ ତ୍ୟାଗ ଓ ଜନସେବାଭାବର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ।

ପରୋପକାର ଗୋପବନ୍ଧୁଙ୍କ ଜୀବନର ଅନ୍ତଃସ୍ରୋତ ଥିଲା। ଅନ୍ୟର ଦୁଃଖ ଦେଖି ସେ ବିଚଳିତ ହୋଇପଡୁଥିଲେ ଏବଂ ସହାୟତା ପାଇଁ ତୁରନ୍ତ ଧାଇଁ ଯାଉଥିଲେ। ବନ୍ୟା, ଦୁର୍ଭିକ୍ଷ, ମହାମାରି, ଜନଦୁର୍ଦ୍ଦଶା, ପ୍ରତ୍ୟେକ ସମୟରେ ସେ ନିଜକୁ ଜନସେବାରେ ସମର୍ପିତ କରିଦେଉଥିଲେ। ତାଙ୍କ ପାଇଁ ମାନବତା ହିଁ ସର୍ବୋଚ୍ଚ ଧର୍ମ ଥିଲା। ଦରିଦ୍ର, ଅସହାୟ , ନିଷ୍ପୀଡ଼ିତ ଓ ଅବହେଳିତ ଲୋକଙ୍କ ଉନ୍ନତି ପାଇଁ ସେ ଆଜୀବନ ପ୍ରୟାସ କରିଥିଲେ। କବିଙ୍କ ଭାଷାରେ , 'କାପୁରୁଷ ପରି ମରିବା ଜଗତେ,ନୁହେଁ ନର ପଉରୁଷ /ପରହିତ ସାଧି ମରେ ଯେ, ମହୀରେ ସେହି ଏକା ସୁପୁରୁଷ ।' ଏହି ପଂକ୍ତିରେ କର୍ମ, ପରୋପକାର, ତ୍ୟାଗ, ସାହସ ଓ ମାନବସେବାର ଉଚ୍ଚ ଆଦର୍ଶ ପ୍ରତିଫଳିତ ହୋଇଛି। । ଏହା ଆମକୁ ଶିଖାଏ ଯେ ମହାନ ଜୀବନର ପରିଚୟ ଧନ, ପଦ କିମ୍ବା ଯଶରେ ନୁହେଁ, ବରଂ ପରହିତ ପାଇଁ କରାଯାଇଥିବା ନିଷ୍କାମ ସେବା ଓ ତ୍ୟାଗରେ ନିହିତ। ଗୋପବନ୍ଧୁ ଥିଲେ କର୍ମର ମହାଯୋଗୀ, ଯିଏ କର୍ମକୁ କେବଳ କର୍ତ୍ତବ୍ୟ ନୁହେଁ, ବରଂ ଜୀବନର ପରମ ସାଧନା ଭାବେ ଗ୍ରହଣ କରିଥିଲେ। । ତାଙ୍କର କର୍ମଯୋଗୀ ସ୍ୱରୂପର ସର୍ବୋତ୍କୃଷ୍ଟ ପରିଚୟ ତାଙ୍କ ରଚିତ 'ବନ୍ଦୀର ଆତ୍ମକଥା'ର ଏହି ଅମର ପଂକ୍ତିରେ ପ୍ରତିଫଳିତ ହୋଇଛି—

"ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ।"
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ପୁଣି ସେ ଲେଖିଛନ୍ତି –"ଦଗ୍ଧ ହେଉ ଦେହ, ଭସ୍ମ ହେଉ ଘର,ସ୍ୱରାଜ୍ୟ ସାଧନେ କେବେ ହେଁ ନ ଡର /ନ ଛାଡ଼ ସାହସ, ନ ହୁଅ ନିରାଶ, ହେଲେ ହେଉ ପଛେ କାରାଗାରେ ବାସ ।" ବ୍ୟକ୍ତିଗତ ସୁଖ ଓ ସ୍ୱାର୍ଥଠାରୁ ଦେଶର ହିତ ଅଧିକ ମହତ୍ତ୍ୱପୂର୍ଣ୍ଣ। ତାଙ୍କର ପ୍ରତ୍ୟେକ ପଂକ୍ତିରେ ଜାତିପ୍ରେମ, ଆତ୍ମବଳିଦାନ, ନିର୍ଭୀକତା, ଦେଶଭକ୍ତି ଓ କର୍ମଯୋଗର ଦର୍ଶନ ପ୍ରତିଫଳିତ ହୋଇଛି। ଓଡ଼ିଆ ଭାଷା ଓ ସଂସ୍କୃତି ଅସ୍ତିତ୍ୱ ସଙ୍କଟରେ ପଡ଼ିଥିବାବେଳେ ଓଡ଼ିଆ ଜାତିର ସ୍ୱାଭିମାନ ଓ ଆତ୍ମପରିଚୟକୁ ସୁଦୃଢ଼ କରିବା ପାଇଁ ଗୋପବନ୍ଧୁ ଆଗେଇ ଆସିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନରେ ମଧ୍ୟ ତାଙ୍କ ଅବଦାନ ଅପରିସୀମ। ଗୋପବନ୍ଧୁଙ୍କ ସମଗ୍ର ଜୀବନ ନିଷ୍କାମ କର୍ମଯୋଗର ଏକ ଅଦ୍ୱିତୀୟ ,ଅନନ୍ୟ ଦୃଷ୍ଟାନ୍ତ।ଯେପର୍ଯ୍ୟନ୍ତଓଡ଼ିଆ ଭାଷା, ସଂସ୍କୃତି ଓ ସ୍ୱାଭିମାନ ଜୀବନ୍ତ ରହିବ, ସେପର୍ଯ୍ୟନ୍ତ ଉତ୍କଳମଣି ଗୋପବନ୍ଧୁ ଓଡ଼ିଆ ଅସ୍ମିତାର ଅନିର୍ବାଣ ଦୀପଶିଖା ରୂପେ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଚିରପ୍ରଜ୍ଜ୍ୱଳିତ ହୋଇ ରହିବେ।

ସହକାରୀ ଶିକ୍ଷକ,ଗାଇସିଲଟ ,ବରଗଡ଼
ମୋ-୭୮୯୪୧ ୪୪୪୦୪

# ନିର୍ବାଚନ ଆୟୋଗ ପାରଦର୍ଶୀ ହେଉ

ଅଧ୍ୟାପକ ଗୋପବନ୍ଧୁ

**ସାମ୍ପ୍ରତିକ ପରିସ୍ଥିତିରେ ସମଗ୍ର ଭାରତବର୍ଷରେ ନିର୍ବାଚନ ଆୟୋଗ ସନ୍ଦେହ ଘେରରେ। ଅଭିଯୋଗମାନ ସତ୍ୟ ହୋଇଥିଲେ ବିଷୟ ଅତ୍ୟନ୍ତ ଗମ୍ଭୀର। ଏଥିପାଇଁ ଯେଉଁମାନେ ଦୋଷୀ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ। ଭୋଟ ଚୋରି ଗଣତନ୍ତ୍ରର ମେରୁଦଣ୍ଡକୁ ଭାଙ୍ଗିଦେବ। ଅଭିଯୋଗ ମିଥ୍ୟା ହୋଇଥିଲେ ବି ନିର୍ବାଚନ ଆୟୋଗକୁ ବିଶ୍ୱାସଭାଜନ ହେବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ହେବ। କୌଣସି ପ୍ରକାର ସନ୍ଦେହମୂଳକ ପଦକ୍ଷେପରୁ ଆୟୋଗ ବଞ୍ଚିତ ହେବା ଉଚିତ। ନିର୍ବାଚନ ଆୟୋଗକୁ ପୁନଃ ବିଶ୍ୱାସଭାଜନ ହେବା ପାଇଁ କିଛି ଲୋକାଭିମୁଖୀ ପଦକ୍ଷେପ ନେବାକୁ ହେବ। ପ୍ରେସବାର୍ତ୍ତା ଜରିଆରେ ସାଧାରଣ ଜନତାଙ୍କୁ ସମସ୍ତ ଅଭିଯୋଗ ମିଥ୍ୟା ବୋଲି ତାହାର ପ୍ରାମାଣିକ ତଥ୍ୟ ଉପସ୍ଥାପନ କରିବାକୁ ପଡିବ।**

ଗଣତନ୍ତ୍ରର ସ୍ଥିତି ଓ ଭବିଷ୍ୟତ ମୁକ୍ତ ଓ ଅବାଧ ନିର୍ବାଚନ ଉପରେ ନିର୍ଭର କରେ। ଯଦି ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ପରିଲକ୍ଷିତ ହୁଏ ଓ ଏହାକୁ ଯଥାର୍ଥତାର ପୋଷାକ ପିନ୍ଧାଇବାକୁ ଚେଷ୍ଟା କରାଯାଏ, ତେବେ ଗଣତନ୍ତ୍ର ପ୍ରତି ବିପଦ ମାଡ଼ି ଆସୁଛି ବୋଲି ଧରିନେବାକୁ ହେବ। ଗଣତନ୍ତ୍ରରେ ଜନସାଧାରଣଙ୍କ ଇଚ୍ଛାମତେ ସରକାର ଗଠିତ ହୁଏ। ଏଥିପାଇଁ ମୁକ୍ତ ଓ ଅବାଧ ନିର୍ବାଚନର ଆବଶ୍ୟକତା ରହିଛି। ନିର୍ବାଚନ ପ୍ରକ୍ରିୟାକୁ ତଦାରଖ ଓ ପରିଚାଳନା କରିବା ପାଇଁ ଏକ ରାଷ୍ଟ୍ରୀୟ ସଂସ୍ଥାର ଆବଶ୍ୟକତା ପଡେ। ଏହା ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥାର ଅନିବାର୍ଯ୍ୟ ବିଷୟ। ଭାରତବର୍ଷ ବିଶ୍ୱରେ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଏଥିପାଇଁ ଆମେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ। ଆମ ଦେଶରେ ମଧ୍ୟ ନିର୍ବାଚନ ପ୍ରକ୍ରିୟାର ତଦାରଖ ପାଇଁ ଓ ପରିଚାଳନା ପାଇଁ ଏକ ସାମ୍ବିଧାନିକ ସଂସ୍ଥା ରହିଛି, ଯାହା ଭାରତୀୟ ନିର୍ବାଚନ ଆୟୋଗ ଭାବେ ପରିଚିତ। ନିର୍ବାଚନ ଆୟୋଗ ଏକ ମୁକ୍ତ ଓ ନିରପେକ୍ଷ ସଂସ୍ଥା। ଦଳୀୟ ରାଜନୀତିର ଊର୍ଦ୍ଧ୍ୱରେ ଏହା କାର୍ଯ୍ୟ କରିବା ପାଇଁ ସାମ୍ବିଧାନିକ ନିର୍ଦ୍ଦେଶ ରହିଛି।

ହେଲେ ଏବେର ନିର୍ବାଚନ ଆୟୋଗ ତାର ସାମ୍ବିଧାନିକ ଗରିମାକୁ ଅତୁଟ ରଖିବାରେ ସକ୍ଷମ ହେଉନାହିଁ ବୋଲି ଅଭିଯୋଗ ହେଉଛି। କ୍ରମେ ଏହା ଦଳୀୟ ରାଜନୀତିର ଚକ୍ରବ୍ୟୂହରେ ଛନ୍ଦି ହୋଇ ଯାଉଛି ଓ ଶାସକ ଦଳର ଇଙ୍ଗିତରେ କାର୍ଯ୍ୟ କରୁଛି ବୋଲି ଅନେକଙ୍କ ମତ। ଏ ସନ୍ଦେହ ନିର୍ବାଚନ ଆୟୋଗର ଚୟନ ପ୍ରକ୍ରିୟାରୁ ଆରମ୍ଭ ହୋଇଥିଲା। ନିର୍ବାଚନ ଆୟୋଗ ତିନି ସଦସ୍ୟଙ୍କୁ ନେଇ ଗଠିତ, ତାଙ୍କ ଭିତରୁ ଜଣେ ମୁଖ୍ୟ। ଏମାନଙ୍କ ଚୟନ ପାଇଁ ଏକ କମିଟି ରହିଛି। ସେଥିରେ ତିନିଜଣ ସଦସ୍ୟ ରହନ୍ତି। ସେମାନେ ହେଉଛନ୍ତି ପ୍ରଧାନମନ୍ତ୍ରୀ, ବିରୋଧୀ ଦଳର ନେତା ଓ ଜଣେ କ୍ୟାବିନେଟ୍ ମନ୍ତ୍ରୀ। ଏ ବାବଦକୁ ସର୍ବୋଚ୍ଚ ନ୍ୟାୟାଳୟ ଏକ ମାର୍ଗଦର୍ଶିକା ପ୍ରଦାନ କରିଥିଲେ। ଏହି ଚୟନ କମିଟିରେ ତିନିଜଣ ସଦସ୍ୟ ରହିବେ ବୋଲି ଦର୍ଶାଇଥିଲେ। ସେମାନେ ହେଲେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ଉଚ୍ଚତମ ନ୍ୟାୟାଳୟର ପ୍ରଧାନ ବିଚାରପତି। ପରବର୍ତ୍ତୀ ସମୟରେ ଏହାର ପରିବର୍ତ୍ତନ କରି ସେହି ତିନି ଜଣିଆ ଚୟନ କମିଟିରୁ ପ୍ରଧାନ ବିଚାରପତିଙ୍କୁ ବାହାର କରି ଜଣେ ବରିଷ୍ଠ ମନ୍ତ୍ରୀଙ୍କୁ ସାମିଲ କରାଯିବାର ନିୟମ ପାରିତ କରାଗଲା।

ଯାହା ମନେ ହୁଏ,ଉଦ୍ଦେଶ୍ୟ ସ୍ୱଷ୍ଟ ଯେ କିପରି ଆୟୋଗକୁ ନିଜ ନିୟନ୍ତ୍ରଣରେ ରଖାଯାଇ ପାରିବ। ନିଜ ଲୋକଙ୍କୁ ଆୟୋଗରେ ରଖି ଇଚ୍ଛାମୁତାବକ କାମ କରାଯାଇପାରିବ। ଏ ସନ୍ଦେହ ଆହୁରି ଘନୀଭୂତ ହୋଇଛି ନିର୍ବାଚନ ଆୟୋଗଙ୍କୁ ଆଇନଗତ ସୁରକ୍ଷା ଦେବା ସମ୍ବନ୍ଧୀୟ ନିୟମକୁ ନେଇ। ଏହି ନିୟମ ଅନୁଯାୟୀ କାର୍ଯ୍ୟକାଳ ସମୟରେ କିମ୍ବା ସେବାନିବୃତ୍ତ ପରେ ତାଙ୍କ ବିରୁଦ୍ଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ନାହିଁ। ଅର୍ଥାତ୍ ସେ ତାଙ୍କ କାର୍ଯ୍ୟକଳାପ ପାଇଁ ଉତ୍ତରଦାୟୀ ନୁହନ୍ତି। ଏହି ନିୟମର ଆବଶ୍ୟକତା କ'ଣ ରହିଛି। ଏହି ନିୟମ ଆୟୋଗ ସ୍ୱେଚ୍ଛାଚାରୀ ହେବାକୁ ପ୍ରେରିତ କରୁଛି। ଏପରି ନିୟମ ଗଣତନ୍ତ୍ର ପ୍ରତି ବିପଦଜନକ। ଏପରି ଅଗଣତାନ୍ତ୍ରିକ ନିୟମ ଯଥାଶୀଘ୍ର ପ୍ରତ୍ୟାହୃତ ହେବା ଉଚିତ। ଏହା ସହିତ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ନିର୍ବାଚନ ଆୟୋଗ ଚୟନ ସମ୍ବନ୍ଧୀୟ ଦେଇଥିବା ମାର୍ଗଦର୍ଶିକା ଅନୁଯାୟୀ ଚୟନ ପ୍ରକ୍ରିୟା କର୍ଯ୍ୟକାରୀ ହେବା ଜରୁରୀ। ଏ ଦିଗରେ ରାଷ୍ଟ୍ରପତି ଓ ସର୍ବୋଚ୍ଚ ନ୍ୟାୟାଳୟ ସଂଜ୍ଞାନ ନେବା ଗଣତନ୍ତ୍ର ପ୍ରତି ଉପାଦେୟ ହେବ।

ପୂର୍ବରୁ ଭୋଟର ତାଲିକାରେ ଓ ଭୋଟ ପ୍ରଦାନରେ ଅନିୟମିତତାକୁ ନେଇ ଅନେକ ଅଭିଯୋଗ ଆସିଛି। ହେଲେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଭୋଟ ଚୋରି ଉପରେ ଗୋଟିଏ ପରେ ଗୋଟିଏ ସାମ୍ବାଦିକ ସମ୍ମିଳନୀ ସାରା ଦେଶରେ ଚହଳ ପକାଇଛି। ବିଭିନ୍ନ ସୋପାନରେ କିପରି ଭାବେ ଭୋଟ ଚୋରି ହେଉଛି ଓ ନିର୍ବାଚନ ଫଳାଫଳକୁ ନିୟନ୍ତ୍ରଣ କରାଯାଉଛି ତାହାର କିଛି ପ୍ରାମାଣିକ ତଥ୍ୟ ସେ ଉପସ୍ଥାପନ କରୁଛନ୍ତି। ସେ ସିଧାସଳଖ ନିର୍ବାଚନ ଆୟୋଗ ଉପରେ ଅଭିଯୋଗ ଆଣି ଏହା କିପରି ଶାସକ ସହିତ ମିଶି ଭୋଟ ହେରଫେର କରୁଛି ଓ ଏକ ଦଳକୁ ଫାଇଦା ଦେଉଛି ତାହା ଉଲ୍ଲେଖ କରିଛନ୍ତି। ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ସମେତ ଗତ ଲୋକସଭା ନିର୍ବାଚନରେ ମଧ୍ୟ ବ୍ୟାପକ ଭାବେ ଭୋଟ ଚୋରି ହୋଇଛି ବୋଲି ତାଙ୍କ ଅଭିଯୋଗ। ଭୋଟ ଚୋରି ନେଇ ମୋଦିଙ୍କୁ ସେ ସିଧାସଳଖ ଅଭିଯୋଗ କରିଛନ୍ତି। ବିଜେପି ରାହୁଲଙ୍କ ଏ ପ୍ରକାର ଅଭିଯୋଗକୁ ଖଣ୍ଡନ କରିଛି।

ରାହୁଲଙ୍କ ଅଭିଯୋଗ ହେଉଛି ଯେ ଭୋଟର ତାଲିକାରେ ବ୍ୟାପକ ହେରଫେର ହୋଇଛି। ଏଥିରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି। ତାଙ୍କ ଅଭିଯୋଗ ଯେ ସବୁଠାରୁ ଅଧିକ ସନ୍ଦେହ ସୃଷ୍ଟି କରୁଛି ନିର୍ବାଚନ ଆୟୋଗ ଭୋଟର ତାଲିକାର ଡିଜିଟାଲ ରେକର୍ଡ଼କୁ ସାର୍ବଜନୀନ ନ କରିବା ଓ ନିର୍ବାଚନ ସମୟର ସମସ୍ତ ଫୁଟେଜକୁ ସାଧାରଣ ଜନତାଙ୍କ ପାଇଁ ନ ଛାଡିବା ଯୋଗୁଁ। ପୁଣି ଏହାକୁ ୪୫ ଦିନ ମଧ୍ୟରେ ହଟାଇଦେବା ବିଷୟ ସୂଚିତ କରୁଛି କିଛି ହେରଫେର ହୋଇଥାଇପାରେ। ତେଣୁ ସେ ଦାବି କରିଛନ୍ତି ଭୋଟର ତାଲିକାର ଡିଜିଟାଲ ରେକର୍ଡକୁ ଓ ନିର୍ବାଚନ ସମୟର ଫୁଟେଜକୁ ସାର୍ବଜନୀନ କରିବା ପାଇଁ। ଅନେକ କ୍ଷେତ୍ରରେ ଅଭିଯୋଗ ଆସିଛି ଯେ ସୂଚିତ ଭୋଟ ପରିମାଣ ଓ ଭୋଟ ପ୍ରଦାନ ପରିମାଣ ମଧ୍ୟରେ ତାଳମେଳ ନାହିଁ। ଭୋଟର ତାଲିକାରୁ ବିରୋଧୀଙ୍କ ନାମକୁ ହଟାଯିବା ଓ ସମର୍ଥକଙ୍କ ନାମ ପୂରାଯିବା କାର୍ଯ୍ୟ ହୋଇଛି। ଭୋଟଦେବା ପ୍ରକ୍ରିୟାରେ ମଧ୍ୟ ଅନେକ ବ୍ୟତିକ୍ରମ ରହିଛି। ଏବେ ଚାଲିଥିବା ଏସଆଇଆର ବା ସ୍ୱତନ୍ତ୍ର ସଂଘନ ସଂଶୋଧନ ପ୍ରକ୍ରିୟା ଆହୁରି ଜଟିଳ ପରିସ୍ଥିତି ସୃଷ୍ଟି କରିଛି। କୋଟି କୋଟି ଭୋଟରଙ୍କ ନାମ କଟାଯାଉଛି।

ସାମ୍ପ୍ରତିକ ପରିସ୍ଥିତିରେ ସମଗ୍ର ଭାରତବର୍ଷରେ ନିର୍ବାଚନ ଆୟୋଗ ସନ୍ଦେହ ଘେରରେ। ଅଭିଯୋଗମାନ ସତ୍ୟ ହୋଇଥିଲେ ବିଷୟ ଅତ୍ୟନ୍ତ ଗମ୍ଭୀର। ଏଥିପାଇଁ ଯେଉଁମାନେ ଦୋଷୀ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ। ଭୋଟ ଚୋରି ଗଣତନ୍ତ୍ରର ମେରୁଦଣ୍ଡକୁ ଭାଙ୍ଗିଦେବ। ଅଭିଯୋଗ ମିଥ୍ୟା ହୋଇଥିଲେ ବି ନିର୍ବାଚନ ଆୟୋଗକୁ ବିଶ୍ୱାସଭାଜନ ହେବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ହେବ। କୌଣସି ପ୍ରକାର ସନ୍ଦେହମୂଳକ ପଦକ୍ଷେପରୁ ଆୟୋଗ ବଞ୍ଚିତ ହେବା ଉଚିତ। ନିର୍ବାଚନ ଆୟୋଗକୁ ପୁନଃ ବିଶ୍ୱାସଭାଜନ ହେବା ପାଇଁ କିଛି ଲୋକାଭିମୁଖୀ ପଦକ୍ଷେପ ନେବାକୁ ହେବ। ପ୍ରେସବାର୍ତ୍ତା ଜରିଆରେ ସାଧାରଣ ଜନତାଙ୍କୁ ସମସ୍ତ ଅଭିଯୋଗ ମିଥ୍ୟା ବୋଲି ତାହାର ପ୍ରାମାଣିକ ତଥ୍ୟ ଉପସ୍ଥାପନ କରିବାକୁ ପଡିବ। ଉଭୟ ସରକାରୀ ଓ ବିରୋଧୀ ଦଳଗୁଡିକୁ ସମାନ ଗୁରୁତ୍ୱ ଦେବାକୁ ହେବ। ସମସ୍ତ ସିଦ୍ଧାନ୍ତ ପଶ୍ଚାତ୍‌ରେ ଗଣତାନ୍ତ୍ରିକ ଭାବନା ପ୍ରତିଫଳିତ ହେଉଛି କି ନାହିଁ ତଦାରଖ କରିବାକୁ ପଡିବ। ନିର୍ବାଚନ ଆୟୋଗର ବିଶ୍ୱସନୀୟତା ସରକାରର ବିଶ୍ୱସନୀୟତାକୁ ମଜଭୁତ କରିବ।

ଭୋଟର ତାଲିକାକୁ ନିର୍ଭୁଲ ଭାବେ ପ୍ରସ୍ତୁତ କରିବା ନିର୍ବାଚନ ଆୟୋଗର ଦାୟିତ୍ୱ। ଏସଆଇଆର ପ୍ରକ୍ରିୟାକୁ ଖାମଖିଆଲି ଭାବେ ପରିଚାଳିତ ନ କରି ଏହାକୁ ନିର୍ଭୁଲ ଓ ତତ୍ପରତାର ସହିତ ପରିଚାଳିତ କରାଯିବ ଉଚିତ। ନିର୍ବାଚନ ସମୟରେ ପ୍ରତି ବୁଥରେ ସିସି କ୍ୟାମେରା ରେକର୍ଡିଂ ହେଉ। ନିର୍ବାଚନ ପରେ ଏହି ଫୁଟେଜ୍‌ଗୁଡ଼ିକୁ ସାର୍ବଜନୀନ କରାଯାଉ। ଭୋଟର ତାଲିକାର ଡିଜିଟାଲ ଡାଟା ଆୟୋଗର ୱେବ ସାଇଟରେ ସର୍ବଦା ଉପଲବ୍ଧ ହେଉ। ପ୍ରତି ବୁଥର ଭୋଟର ସଂଖ୍ୟା ଓ ପଡିଥିବା ଭୋଟର ସଂଖ୍ୟା ସାର୍ବଜନୀନ କରାଯାଉ। ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ବିଷୟ ସାଧାରଣ ଜନତାଙ୍କ ସମ୍ମୁଖରେ ରଖାଯାଉ। ମନେ ରଖିବାକୁ ଯେ ନିର୍ବାଚନ ଆୟୋଗ ହେଉଛି ଗଣତନ୍ତ୍ରର ସୁରକ୍ଷା କବଚ। ଆଜି ଆମ ପାଇଁ ବଡ଼କଥା ନୁହେଁ କିଏ ସରକାର ଗଢ଼ିବ, ଆମ ପାଇଁ ବଡ କଥା ଆମ ଗଣତନ୍ତ୍ର କିପରି ସୁରକ୍ଷିତ ରହିବ।

ବାରିପଦା, ମୟୂରଭଞ୍ଜ, ମୋ. ୯୪୩୮୨୪୮୮୫୪

# ଏଫ୍‌ଜେଡ -୧୦୭୩ ସହ-ପାଇଲଟର ଟ୍ରାକ ରେକର୍ଡ

ପ୍ରମୋଦ କୁମାର ପଣ୍ଡା

**ଘଟଣା ପଛରେ ଓମାନ, ଇସ୍ରାଏଲ ଏବଂ ୟୁଏଇର ସାଙ୍ଘାତିକ ତ୍ରୁଟି ସାମ୍ନାକୁ ଆସିଛି। ଓମାନ ପାଖରେ ହମାମର କଠୋରପନ୍ଥୀ ଆଭିମୁଖ୍ୟ ଉପରେ ସ୍ୱଷ୍ଟ ପ୍ରମାଣ ଥିଲା। କିନ୍ତୁ ସେ ଫ୍ଲାଇଦୁବାଇକୁ ହମାମ ସମ୍ପର୍କରେ ଖବର ନ କରି ବଡ଼ ଭୁଲ କରିଛି। ୟୁଏଇ ବିମାନଚାଳକ ଭର୍ତ୍ତି ପରୀକ୍ଷା ବେଳେ କଡ଼ା ଯାଞ୍ଚ କରିଥାଏ। ତା ସତ୍ତ୍ୱେ ହମାମର ପୃଷ୍ଠଭୂମି ଜାଣିପାରିଲା ନାହିଁ କିପରି ? ଏହା ଏକ ବିରାଟ ପ୍ରଶ୍ନ। କ'ଣ ଭର୍ତ୍ତି ପ୍ରକ୍ରିୟାରେ ଗୁରୁତର ତ୍ରୁଟି ହୋଇଥିଲା ? ବିଦେଶୀ ବିମାନ ସବୁ ଇସ୍ରାଏଲ ସୀମାରେ ପ୍ରବେଶ କରିବାର ଯଥେଷ୍ଟ ପୂର୍ବରୁ ଫ୍ଲାଇଟର ସମସ୍ତ ଯାତ୍ରୀ, ପାଇଲଟ ଏବଂ କ୍ରୁ ମେମ୍ବରମାନଙ୍କର ସବିଶେଷ ବିବରଣୀ ଇସ୍ରାଏଲକୁ ଯାଞ୍ଚ ପାଇଁ ପଠାଇଥାନ୍ତି। ଏଫ୍‌ଜେଡ ୧୦୭୩ ଏହି ବିବରଣୀ ପଠାଇଥିଲ। କିନ୍ତୁ ଏହାର ସଠିକ କିମ୍ବା ଆଦୌ ଯାଞ୍ଚ ହୋଇନଥିଲା।**

କ୍ୟାପଟେନ ସ୍ମିତ୍ ମଛାରଙ୍କ ନିର୍ଭୀକତା, ଅଦମ୍ୟ ସାହସ, ଦୃଢ ଇଚ୍ଛାଶକ୍ତି ଏବଂ ଗଭୀର ଆତ୍ମବିଶ୍ୱାସ ବଳରେ ଫ୍ଲାଇଦୁବାଇର ଏଫ୍‌ଜେଡ ୧୦୭୩ ଫ୍ଲାଇଟ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲା। ସମସ୍ତ ବିମାନଯାତ୍ରୀ ନିଶ୍ଚିତ ମୃତ୍ୟୁ ମୁଖରୁ ବଞ୍ଚି ଯାଇଥିଲେ। ଘଟଣାକୁ ସପ୍ତାହେ ପୂରିଲାଣି। ତଦନ୍ତ ଚାଲିଛି। ଆକ୍ରମଣକାରୀ ସହ-ପାଇଲଟର ପରିଚୟ ଅଧିକାରିକ ରୂପେ ଏଯାବତ୍ ୟୁଏଇ ପକ୍ଷରୁ ସାର୍ବଜନୀନ ହୋଇନଥିଲେହେଁ ବିଭିନ୍ନ ସୂତ୍ରରୁ ତାର ଜନ୍ମ ଜାତକ, ଟ୍ରାକ ରେକର୍ଡ ଓ ଚାଞ୍ଚଲ୍ୟକାର ଖବର ସବୁ ସାମ୍ନାକୁ ଆସିବାରେ ଲାଗିଛି । ଦି ନ୍ୟୁୟର୍କ ପୋଷ୍ଟ, ଦି ୱାଲ ଷ୍ଟ୍ରିଟ ଜରନାଲ, ଇସ୍ରାଏଲ ଚ୍ୟାନେଲ ୧୨, ଅଲ ଜଜିରା, ଦି ନ୍ୟୁୟର୍କ ଟାଇମ୍ସ, ସ୍କାଇ ନ୍ୟୁଜ ରିପୋର୍ଟ ଇତ୍ୟାଦି ଏସବୁର ସ୍ରୋତ, ମାଧ୍ୟମ। ପ୍ରଥମିକ ତଦନ୍ତରେ ଆକ୍ରମଣକାରୀ ସହ - ପାଇଲଟ ସ୍ୱୀକାର କରିଛି ଯେ ଫ୍ଲାଇଦୁବାଇ ଏଫ୍‌ଜେଡ- ୧୦୭୩ ବିମାନକୁ ଜୁଲାଇ ମାସରେ ଅପହରଣ କରି ଇସ୍ରାଏଲ ତେଲ ଆଭିଭର ବେନ ଗୁରୀୟାନ ଆନ୍ତଃରାଷ୍ଟ୍ରୀୟ ବିମାନ ବନ୍ଦରରେ କ୍ରାଶ କରିବାର ଯୋଜନା ଥିଲା। କିନ୍ତୁ ବିମାନରେ ତାର ଜଣେ ବନ୍ଧୁ ଯାତ୍ରା କରୁଥିଲେ। ତେଣୁ ଯୋଜନାକୁ ବାତିଲ କରିବାକୁ ପଡିଥିଲା। ୯/୧୧ ଆକ୍ରମଣ ଭଳି ଏହି ବିମାନକୁ ତେଲ ଆଭିଭ ବା ଅନ୍ୟ କୌଣସି ସୁଉଚ୍ଚ ପାଚେରିରେ କ୍ରାଶ କରିବାର ଥିଲା। ଯଦି ସେପରି ହୋଇଥାନ୍ତା ତେବେ ହଜାର ହଜାର ଲୋକଙ୍କ ପ୍ରାଣ ଯାଇଥାନ୍ତା । ଚର୍ଚ୍ଚାରେ ଥିବା ଖବର ଅନୁଯାୟୀ ପାଇଲଟ ସ୍ମିତ ମଛାର ଗଭୀର ଆହତ ହେବା ସତ୍ତ୍ୱେ କକ୍‌ପିଟର ଦୁଆର ଖୋଲିବାକୁ ସମର୍ଥ ହୋଇଥିଲେ। କିନ୍ତୁ ଆତଙ୍କୀ ସହ ପାଇଲଟ ତାକୁ ବନ୍ଦ କରିଦେଇଥିଲା। ପାଇଲଟ ମଛାର କିନ୍ତୁ ତାଙ୍କର ଉଦ୍ୟମ ଜାରି ରଖିଥିଲେ। ବାରମ୍ବାର ପ୍ରଚେଷ୍ଟା ପରେ ସେ ଦ୍ୱିତୀୟ ଥର ପାଇଁ କକ୍‌ପିଟ କବାଟ ଖୋଲିବାରେ ସଫଳ ହୋଇଥିଲେ। କିଛି ସାହସୀ ଯାତ୍ରୀ କକ୍‌ପିଟ ଭିତରକୁ ପଶି ଆକ୍ରମଣକାରୀକୁ କାବୁ କରିଥିଲେ। ବାହାରକୁ ଆଣି ହାତ ବାନ୍ଧି ଥିଲେ। ଏଥିରେ କିଛି କ୍ରୁ ମେମ୍ବର ପ୍ରତିବାଦ କରିଥିଲେ ଯାହା ଯାତ୍ରୀଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ସନ୍ଦେହରେ ପକାଇଥିଲା । ସେମାନେ କ୍ରୁ ମେମ୍ବରମାନଙ୍କୁ ଜାହାଜର ପଞ୍ଚମ / ଷଷ୍ଠ ଧାଡ଼ି ସିଟ୍‌ରେ ଚୁପଚାପ ବସିବାକୁ ନିର୍ଦ୍ଦେଶ ଦେଇ କକ୍‌ପିଟ ସାମ୍ନାରେ ଜଣେ ଯାତ୍ରୀ ଜଗି ରହିଥିଲେ ଯେମିତି ତାଙ୍କ ଭିତରୁ କେହି ଭିତରକୁ ପ୍ରବେଶ ନ କରନ୍ତି। ଏହି କାରଣରୁ କ୍ରୁ ମେମ୍ବରମାନଙ୍କ ଗତିବିଧି ମଧ୍ୟ ସନ୍ଦେହ ଘେରକୁ ଆସିବା ଓ ତାଙ୍କୁ ତଦନ୍ତର ଅନ୍ତର୍ଭୁକ୍ତ କରିବା ଦାବି ସ୍ୱାଭାବିକ। ପାଇଲଟ କିମ୍ବା କୋ-ପାଇଲଟକୁ ଯାତ୍ରୀମାନେ ବନ୍ଧକ ରଖିପାରିବେ ନାହିଁ। ଏହା ଏଭିଏସନ ପ୍ରୋଟୋକଲର ଉଲ୍ଲଂଘନ। କିନ୍ତୁ ଏହା ସାମାନ୍ୟ ସ୍ଥିତି ପାଇଁ ପ୍ରଯୁଜ୍ୟ, ଅସାମାନ୍ୟ ସ୍ଥିତି ପାଇଁ ନୁହେଁ, ବରଂ କ୍ରୁ ମେମ୍ବରମାନେ ଆହତ ସ୍ମିତ୍ ମଛାରଙ୍କ ପାଇଁ ଚିନ୍ତିତ ହେବା କଥା ଥିଲା କାରଣ ସେ ଫ୍ଲାଇଟର ମୁଖ୍ୟ ପାଇଲଟ ଥିଲେ।

ଅଲ-ଜଜିରା ଅନୁସାରେ ଆକ୍ରମଣକାରୀ ସହ-ପାଇଲଟ ସଂଯୁକ୍ତ ଆରବ ଏମିରାତ, ୟୁଏଇରେ ଜନ୍ମିତ। ନାମ ହମାମ-ଅଲ-ହମ୍ମାମୀ। ବୟସ ୨୯ ବର୍ଷ। ମାତାପିତା ଓମାନର ବାସିନ୍ଦା। ମାତା ସିରିୟାର ମୂଳ ବାସିନ୍ଦା। ତେଣୁ ଆକ୍ରମଣକାରୀ ହମାମକୁ ଓମାନ ନାଗରିକତା ମିଳିଛି।

ଖବର ଅନୁସାରେ ହମାମ ଅନେକ ବର୍ଷ ଧରି ସିରିୟାରେ ଥିଲା। ସେତେବେଳେ ସେଠାରେ ଗୃହଯୁଦ୍ଧ ଚାଲିଥିଲା। ସିରିୟାରେ ରହୁଥିବା ସମୟରେ ସେ ଅଲ - କାଏଦା ଆତଙ୍କୀ ସଂଗଠନ ସମ୍ପର୍କରେ ଆସିଲା। ତାଙ୍କର ବିଭିନ୍ନ ଗତିବିଧିରେ ଭାଗ ନେଲା। ଅଲ - କାଏଦାର ଏକ ମେଗାଜିନରେ ବାର ଜୁଲାଇ ଓ ତିରିଶ ସେପ୍ଟେମ୍ବର ଘଟଣାକୁ




ସିଧାସଳଖ ୯/୧୧ ଘଟଣା ସହ ତୁଳନା କରାଯାଇଛି। ଏପରି ଅନେକ ଆତ୍ମଘାତୀ ବିମାନ ଏବେ ମଧ୍ୟ ଆକାଶରେ ଥିବା କହି ଅଲ - କାଏଦା ଚେତାବନୀ ଦେଇଛି । ତେଣୁ ୩୦ ସେପ୍ଟେମ୍ବରରେ ହମାମ ଅଲ - କାଏଦା ସହ ସମ୍ପର୍କରେ ଥାଇପାରେ ବୋଲି ସନ୍ଦେହ କରାଯାଉଛି।

୨୦୧୪ ମସିହାରେ ହମାମ - ଅଲ - ହମ୍ମାମୀକୁ ଅଷ୍ଟ୍ରେଲିଆର ଛାତ୍ର ଭିଜା ମିଳିଥିଲା। ସେ ୨୦୧୫ ରୁ ୨୦୧୭ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ମେଲବର୍ଣ୍ଣର ଏକ ବିଶ୍ୱବିଦ୍ୟାଳୟରେ ଇଞ୍ଜିନିୟରିଂ ପଢୁଥିଲା । ପରେ ପାଠପଢ଼ା ଛାଡି ସେ କଠୋରପନ୍ଥୀ ମସଜିଦ ଯିବାକୁ ଲାଗିଲା। ୨୦୧୯ ମସିହାରେ ଅଧିକାରିକ ରୂପେ ତାର ଭିସା ରଦ୍ଦ ହୋଇଥିଲା। ଏଦିଗରେ ବର୍ତ୍ତମାନ ଅଷ୍ଟ୍ରେଲିଆ ମଧ୍ୟ ତଦନ୍ତ ଆରମ୍ଭ କରିଛି। ହମାମ-ଅଲ-ହମ୍ମାମୀ ଓମାନ ଏଆରୱେଜରେ ଦୀର୍ଘ ସାତ ବର୍ଷ ଧରି କାମ କରିଛି। ସେ ଆତଙ୍କୀ ଓ କଠୋରପନ୍ଥୀଙ୍କ ସମ୍ପର୍କରେ ଥିବା କଥା ଓମାନକୁ ଜଣା ଥିଲା । ତାର ସୋସିଆଲ ମିଡ଼ିଆ ପ୍ରୋଫାଇଲ ଯାଞ୍ଚ କରିଛି । ଅଲ - କାଏଦା ପ୍ରତି ତାର ଆକର୍ଷଣ କଥା ଠିକ୍ ବୁଝିଛି। ତାର ବିମାନ ଉଡାଇବାରେ ପ୍ରତିବନ୍ଧ ଲଗାଇଛି। ଡେସ୍କ କାମକୁ ସିଫ୍ଟ କରିଛି। ଏପରିକି ତାକୁ ଉଗ୍ରବାଦ ମୁକ୍ତି ବା ଚରମପନ୍ଥୀ ନିବାରଣ ଯାହାକୁ ଇଂରାଜୀରେ ଡିରେଡିକାଲାଇଜେସନ କୁହାଯାଏ, ସେହି କାର୍ଯ୍ୟକ୍ରମରେ ଭର୍ତ୍ତି କରିଛି। ଓମାନ ଏବଂ ଉପସାଗରୀୟ ଦେଶମାନଙ୍କରେ କଠୋରପନ୍ଥୀମାନଙ୍କୁ ଠିକ୍ ରାସ୍ତାକୁ ଆଣିବା, ଆତଙ୍କବାଦୀ ରାସ୍ତାରୁ ଫେରାଇ ଆଣିବା ପାଇଁ ଏହା ଏକ ବିଶେଷ ଓ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ହମାମ ବ୍ରିଟେନ ବାକିଂହମ ନ୍ୟୁ ୟୁନିଭରସିଟିରୁ ଦୂର ଶିକ୍ଷା ପାଠ୍ୟକ୍ରମ ମାଧ୍ୟମରେ ଏଭିଏସନ ମେନେଜମେଣ୍ଟ କରିଥିଲା। ଡେସ୍କ ସିଫ୍ଟରେ କାମ କରିବା ବେଳେ ସେ ଇସ୍ରାଏଲ ଯାଉଥିବା ଫ୍ଲାଇଟ, ଯେଉଁଥିରେ ଅଧିକାଂଶ ଇହୁଦୀ ଯାତ୍ରା କରୁଥିବେ, ତାର ତଲାସରେ ରହିଲା। ୨୦୨୫ ମସିହାରେ ସେ ମରକ୍କୋରେ ଚାକିରି ପାଇଁ ଆବେଦନ କଲା । କିନ୍ତୁ ମରକ୍କୋ ରାଷ୍ଟ୍ରୀୟ ଏଆରଲାଇନ୍ସ ତାର ତିନି ମାସିଆ ପ୍ରଶିକ୍ଷଣ କାଳରେ ହମାମକୁ ଅଯୋଗ୍ୟ ପାଇଥିଲା। ତାର ରେଡ ଫ୍ଲାଗକୁ ଚିହ୍ନିପାରିଥିଲା। ତେଣୁ ତାକୁ ସେଠି ନିଯୁକ୍ତି ମିଳିନଥିଲା। ପରେ ଦୁବାଇରେ କୌଣସିମତେ ଚାକିରି ହାତେଇବାକୁ ସେ ସଫଳ ହୋଇଥିଲା।

ଏହି ଘଟଣା ପଛରେ ଓମାନ, ଇସ୍ରାଏଲ ଏବଂ ୟୁଏଇର ସାଙ୍ଘାତିକ ତ୍ରୁଟି ସାମ୍ନାକୁ ଆସିଛି। ଓମାନ ପାଖରେ ହମାମର କଠୋରପନ୍ଥୀ ଆଭିମୁଖ୍ୟ ଉପରେ ସ୍ୱଷ୍ଟ ପ୍ରମାଣ ଥିଲା। କିନ୍ତୁ ସେ ଫ୍ଲାଇଦୁବାଇକୁ ହମାମ ସମ୍ପର୍କରେ ଖବର ନ କରି ବଡ଼ ଭୁଲ କରିଛି। ୟୁଏଇ ବିମାନଚାଳକ ଭର୍ତ୍ତି ପରୀକ୍ଷା ବେଳେ କଡ଼ା ଯାଞ୍ଚ କରିଥାଏ। ତା ସତ୍ତ୍ୱେ ହମାମର ପୃଷ୍ଠଭୂମି ଜାଣିପାରିଲା ନାହିଁ କିପରି ? ଏହା ଏକ ବିରାଟ ପ୍ରଶ୍ନ। କ'ଣ ଭର୍ତ୍ତି ପ୍ରକ୍ରିୟାରେ ଗୁରୁତର ତ୍ରୁଟି ହୋଇଥିଲା ? ବିଦେଶୀ ବିମାନ ସବୁ ଇସ୍ରାଏଲ ସୀମାରେ ପ୍ରବେଶ କରିବାର ଯଥେଷ୍ଟ ପୂର୍ବରୁ ଫ୍ଲାଇଟର ସମସ୍ତ ଯାତ୍ରୀ, ପାଇଲଟ ଏବଂ କ୍ରୁ ମେମ୍ବରମାନଙ୍କର ସବିଶେଷ ବିବରଣୀ ଇସ୍ରାଏଲକୁ ଯାଞ୍ଚ ପାଇଁ ପଠାଇଥାନ୍ତି। ଏଫ୍‌ଜେଡ ୧୦୭୩ ଏହି ବିବରଣୀ ପଠାଇଥିଲ। କିନ୍ତୁ ଏହାର ସଠିକ କିମ୍ବା ଆଦୌ ଯାଞ୍ଚ ହୋଇନଥିଲା। ସମ୍ପୃକ୍ତ ଇସ୍ରାଏଲୀ ବିଭାଗର କହିବା ଅନୁସାରେ ପ୍ରତି ବିଦେଶୀ ଫ୍ଲାଇଟର ସମସ୍ତ ଯାତ୍ରୀ ଓ କ୍ରୁ ମେମ୍ବରମାନଙ୍କର ପୃଷ୍ଠଭୂମି ଯାଞ୍ଚ ପାଇଁ ତାଙ୍କ ପାଖେ କ୍ଷମତା ଓ ସାଧନର ଅଭାବ ରହିଛି। ଏହି ତିନି ଦେଶ ଠିକ୍ ଭାବେ ନିଜ ନିଜର ଦାୟିତ୍ୱ ସମ୍ପାଦନ କରିଥିଲେ ଏଭଳି ଆତ୍ମଘାତୀ ଯୋଜନାର ପର୍ଦ୍ଦାଫାସ ହୋଇପାରିଥାନ୍ତା। ନା ହମାମ-ଅଲ-ହମ୍ମାମୀ ନିଯୁକ୍ତି ପାଇଥାନ୍ତା ନା ଏଭଳି ଅମାନୁଷିକ କାଣ୍ଡ ରଚନା କରିପାରିଥାନ୍ତା। ନା ନମାଜ ପଢ଼ିବା ଛଳନା କରି କ୍ୟାପ୍ଟେନ ସ୍ମିତଙ୍କୁ ଆକ୍ରମଣ କରିପାରିଥାନ୍ତା ନା ଶତାଧିକ ଯାତ୍ରୀଙ୍କ ଜୀବନ ବାଜିରେ ଲାଗିଥାନ୍ତା। ଅନ୍ତର୍ଜାତୀୟ ବିମାନ ସଂସ୍ଥା ଧାର୍ମିକ ଛଳନା ଉପରେ ଏବେ କ'ଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା। ତେବେ ସ୍ମିତ ମଛାରଙ୍କ ଅଦମ୍ୟ ସାହସ ଓ ପ୍ରବଳ ଆତ୍ମବିଶ୍ୱାସ ଯୋଗୁଁ ବିମାନଟି ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଗଲା। ଯାତ୍ରୀଙ୍କ ଜୀବନ ବଞ୍ଚିଗଲା। ଭାରତୀୟ ପାଇଲଟ ଆଜି ତାଙ୍କ ମାନବୀୟ ଧର୍ମ ପାଇଁ ବିଶ୍ୱବନ୍ଦିତ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ-୭୯୭୮୨୮୩୧୯୦

# ଇଣ୍ଡିଆମେଣ୍ଟର ୧୨ ଘଣ୍ଟିଆ ବନ୍ଦ ଡାକରା ରାୟଗଡ଼ା ସଫଳ

ରାୟଗଡା୮/୧୦(ନିପ୍ର)ଇଣ୍ଡିଆ ବ୍ଲକର ଡାକରାରେ କଂଗ୍ରେସ, ସିପିଆଇ, ସିପିଆଇ (ଏମ୍), ସିପିଆଇ (ଏମଏଲ), ଜେଏମଏମ, ଫରବାର୍ଡ ବ୍ଲକ, ଓ ଇଣ୍ଡିଆମେଣ୍ଟ ର ୧୨ ଘଣ୍ଟିଆ ବନ୍ଦ ଡାକରା ରାୟଗଡା ବନ୍ଦ ସମ୍ପୂର୍ଣ ସଫଳ। ଗୁରୁବାର ରାୟଗଡାରେ ଇଣ୍ଡିଆ ମେଣ୍ଟ ଦ୍ୱାରା ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରାର ପ୍ରଭାବ ରାୟଗଡା ଜିଲ୍ଲାରେ ଦେଖିବାକୁ ମିଳିଛି। ଯାହାର ପ୍ରଭାବରେ ରାୟଗଡାର ଦୋକାନ, ବଜାର, ସମ୍ପୂର୍ଣ ଭାବେ ବନ୍ଦ ରହିଥିବା ବେଳେ ବ୍ୟାଙ୍କ ପ୍ରତିଷ୍ଠାନ, ବଡ ବ୍ୟବସାୟ କେନ୍ଦ୍ର, ବସ, ଗାଡି, ମଟର, ଟ୍ରକ, ଟେମ୍ପ ଆଦି ଚଳାଚଳ ବନ୍ଦ ରହିଥିଲା। ୩୨୬ ଜାତୀୟ ରାଜପଥ ଓଭର ବ୍ରିଜ ନିକଟରେ ଟ୍ରକ, ବସ, ଭାରୀଯାନ ଅଟକି ରହିଥିଲା। ଆଜି ରାୟଗଡା ସହର ସ୍ଥିତ କପିଳାସ ଛକ ନିକଟରେ କଂଗ୍ରେସ ଦଳର ନେତା ଓ କର୍ମୀମାନେ ଏକତ୍ର ହୋଇ ନାରାବାଜି କରିଥିଲେ। ରାୟଗଡା ବିଧାୟକ ଆପଲା ସ୍ୱାମୀ କାଡ୍ରାକାଙ୍କ ସମେତ ଦଳର ରାୟଗଡା ଜିଲ୍ଲା ସମ୍ପାଦକ ଶଙ୍କର୍ଷଣ ମଙ୍ଗରାଜ, ମହେଶ ପାଣିଗ୍ରାହୀ,



ରାୟଗଡା କଂଗ୍ରେସ ଦଳର ଜିଲ୍ଲା ସମ୍ପାଦକ ଡୋକି ସୂର୍ଯ୍ୟା ରାଓ, ଜିଲ୍ଲା ମହିଷା କଂଗ୍ରେସ ଦଳର ଜିଲ୍ଲା ସଭାନେତ୍ରୀ ନନ୍ଦୀ ଗୌରୀ,/ନିଶା କରକରିଆ, ଏବଂ ସିପିଆଇ, ସିପିଏମ ଓ ଅନ୍ୟ ମେଣ୍ଟର ସଦସ୍ୟ ସଦସ୍ୟାମାନେ ଏକତ୍ର ହୋଇ ଏମଏମଡିଆର ଆଇନକୁ ରଦ୍ଦ କରିବା, ଜ୍ଞାନେଶ କୁମାରାଙ୍କ ଇସ୍ତଫା, ବନ୍ୟା ବିସ୍ଥାପିତଙ୍କୁ ତୁରନ୍ତ ସହାୟତା ପ୍ରଦାନ, ଏବଂ ଶିକ୍ଷାମନ୍ତ୍ରୀ ନିତ୍ୟନନ୍ଦ ଗୋଣ୍ଡଙ୍କ ଇସ୍ତଫା ଦାବିରେ ନାରାବାଜି କରିଥିଲେ। ଏହି ନେତୃ ମଣ୍ଡଳୀ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ଉପରେ ପ୍ରବଳ ବର୍ଷି ଥିଲେ। ଏଥି ସହ ନରେନ୍ଦ୍ର ମୋଦି ଓ ଅନ୍ୟ ବିଜେପି ନେତୃବୃନ୍ଦଙ୍କୁ ସମାଲୋଚନା କରିବା ସହ ମୋଦୀ ସରକାର ଅମଳରେ ସରକାର ପ୍ରତ୍ୟେକ କ୍ଷେତ୍ରରେ ବିଫଳ ହୋଇଛନ୍ତି। ଦେଶର ପ୍ରଗତି ବାଧାପ୍ରାପ୍ତ ହୋଇଛି।ଦରଦାମ ଆକାଶଛୁଆଁ ହୋଇ ଥିବାରୁ ସାଧାରଣ ଜନତା ମହଙ୍ଗା ମାଡ଼ରେ କଲବଲ ହେଉଛନ୍ତି।

ମୋହନ ମାଝୀଙ୍କ ମୁଖ୍ୟମନ୍ତ୍ରିତ୍ୱରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଦାଦନଶ୍ରମିକ ମାନେ ନିଜ ପିଲା ଛୁଆଙ୍କୁ ଧରି ପେଟ ପାଟଣା ପାଇଁ ରାଜ୍ୟ ତଥା ଗାଁ, ଭିଟାମାଟି ଛାଡ଼ି ବାହାର ରାଜ୍ୟକୁ ଚାଲି ଯାଉଛନ୍ତି। ଏହି ନେତାମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ କୁଶ ପୁତ୍ତଳିକା ଓ ମୁଖ୍ୟମନ୍ତ୍ରୀଙ୍କ ମୁଖା ପିନ୍ଧି ସେମାନଙ୍କୁ ବ୍ୟଙ୍ଗାତ୍ମକ ଢଙ୍ଗରେ ଅନେକ ସମାଲୋଚନା କରିଥିଲେ। ରାୟଗଡା ବିଧାୟକ ଆପଲା ସ୍ୱାମୀ କାଡ୍ରାକା କହିଛନ୍ତି ଯେ, ରାଜ୍ୟରୁ ଖଣି, ଖାଦାନ, ଖଣିଜ ସମ୍ପଦ ଲୁଟି ନେବା ପାଇଁ ଏକ ଚକ୍ରାନ୍ତ କରାଯାଉଛି ଆଉ ମୋହନ ସରକାର ଏଥିରେ କେନ୍ଦ୍ର ସରକାରଙ୍କୁ ସହଯୋକୋମଳମତି ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ସରକାର। ପିଲାଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଇଛନ୍ତି। ତେଣୁ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଥିଲେ। ଗଣତନ୍ତ୍ରକୁ ଦଳି ମକଚି ନଷ୍ଟ କରି ଚାଲିଛନ୍ତି। ଖବର ନେବାରେ ଜଣା ଗଲା ଯେ, ଜିଲ୍ଲାର ମୁନିଗୁଡା, ବିଷମକଟକ, ଶିଙ୍କ ନାଗରୀ ଜେକେ ପୁର ଓ ଗୁଡାରୀ ସମେତ ଅନ୍ୟାନ୍ୟ ସ୍ଥାନରେ ବନ୍ଦ ଡାକରା ସଫଳ ହୋଇଥିବା କଂଗ୍ରେସ ଦଳୀୟ ନେତୃବୃନ୍ଦ ପ୍ରକାଶ କରିଛନ୍ତି। ବନ୍ଦର ପ୍ରଭାବରେ ସାଧାରଣ ଜୀବନ ଯାତ୍ରା ଭାରି ମାତ୍ରାରେ ପ୍ରଭାବିତ ହେବା ସହିତ ଜନ ଜୀବନ ଠପ୍ ହୋଇଯାଇଛି।

## ଅଧିଜମିଗ୍ରହଣ ପାଇଁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ଓଭରବ୍ରିଜ୍ ନିର୍ମାଣ ପାଇଁ ବାଟ ଫିଟିଲା

ନିରାକାରପୁର,୮।୧୦(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଠାରେ ଥିବା ୨୧୯ ନମ୍ବର ରେଳ ଫାଟକ ଯାତ୍ରୀ ଓ ସ୍ଥାନୀୟ ଲୋକଙ୍କ ପାଇଁ ମୁଖ୍ୟ ସମସ୍ୟା ପାଲଟିଛି। ରେଳ ଫାଟକ ବାରମ୍ବାର ବନ୍ଦ ହେବା ଯୋଗୁଁ ସ୍ଥାନୀୟ ଲୋକେ ହଇରାଣ ହେଉଥିବା ବେଳେ ଦୀର୍ଘ ସମୟ ଧରି ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହୁଛି। ଏପରିକି ଜରୁରୀକାଳୀନ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଏଠାରେ ଓଭରବ୍ରିଜ୍ ନିର୍ମାଣ ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା।ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଓଭରବ୍ରିଜ୍ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜସ୍ୱ ଓ ପୂର୍ତ୍ତ ବିଭାଗର ମିଳିତ ଉଦ୍ୟମରେ ମାପଚୁପ କାର୍ଯ୍ୟ କରାଯାଇ ଜମି ଚିହ୍ନଟ କରାଯାଇଛି। ସ୍ଥାନୀୟ କଲେଜ ଛକଠାରୁ ଏହି ମାପଚୁପ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୧୩୨ ଫୁଟ ଓସାରରେ କଂକ୍ରିଟ୍ ଚିହ୍ନଟ ଖୁଣ୍ଟ ପୋତାଯାଇଛି। ମାପଚୁପ କରାଯାଇ ନରେନ୍ଦ୍ରପୁର ସାହି ଶେଷ ପର୍ଯ୍ୟନ୍ତ ଚିହ୍ନଟ ଖୁଣ୍ଟ ପୋତାଯାଇଥିବା ପୂର୍ତ୍ତ ବିଭାଗର ବିକ୍ରମ ବିଶ୍ୱାଳ ସୂଚନା ଦେଇଛନ୍ତି। ସେହିପରି ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ସରକାରୀ ଜମିରେ ଥିବା ଜବରଦଖଲ ହଟାଇବା ନେଇ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି ନିରାକାରପୁର ରାଜସ୍ୱ ନିରୀକ୍ଷକ ଯୋଗେଶ ନାୟକ କହିଛନ୍ତି। ଏବେ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଆଶା ପ୍ରକାଶ ପାଇଛି।

## ୧୧ରେ ଖଣ୍ଡାୟତ କ୍ଷତ୍ରିୟ ମହାସଭାର ସାଧାରଣ ପରିଷଦ

ରାଉରକେଲା,୮।୧୦(ନିପ୍ର): ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ଇସ୍ପାତ ନଗର କମିଟିର ଆସନ୍ତା ୧୧ ଅକ୍ଟୋବର ଦିନ ୧୦ଟା ସମୟରେ ଏକ ସାଧାରଣ ପରିଷଦ ବୈଠକ ସେକ୍ଟର ୩ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ଖଡ୍ଗ ଭବନ ଠାରେ ଅନୁଷ୍ଠିତ ହେବ। ଏହି ବୈଠକରେ ଆଗାମୀ ଦଶହରା, ଖଡ୍ଗ ପୂଜା, ଶୋଭାଯାତ୍ରା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରି ନିଷ୍ପତ୍ତି ଗ୍ରହଣ କରାଯିବ। ଏହି ପରିପ୍ରେକ୍ଷୀରେ ରାଉରକେଲାର ଖଣ୍ଡାୟତ କ୍ଷତ୍ରିୟ ଭାଇ ଭଉଣୀମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ଏହି ବୈଠକରେ ଉପସ୍ଥିତ ରହି ସହଯୋଗ କରିବା ସହିତ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ନିଜର ସୁଚିନ୍ତିତ ମତାମତ ଓ ପରାମର୍ଶ ପ୍ରଦାନ କରିବା ପାଇଁ କାର୍ଯ୍ୟକାରୀ କମିଟି ତରଫରୁ ସାଧାରଣ ସମ୍ପାଦକ ଶଶଧର ପାତ୍ର ଅନୁରୋଧ କରିଛନ୍ତି।

## କଂଗ୍ରେସର ଭାରତ ବନ୍ଦ ଡାକରା: ଡାବୁଗାଁରେ ଆଂଶିକ ସଫଳ

ଡାବୁଗାଁ,୮।୧୦ (ନିପ୍ର): କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ପ୍ରତିବାଦରେ ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ଡାକରା ଦିଆଯାଇଥିବା ଭାରତ ବନ୍ଦ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକରେ ଆଂଶିକ ସଫଳ ହୋଇଛି। ଗୁରୁବାର ସକାଳ ୬ଟାରୁ ଡାବୁଗାଁ ବ୍ଲକ କଂଗ୍ରେସ କମିଟିର କର୍ମକର୍ତ୍ତା ଓ କର୍ମୀମାନେ ମୁଖ୍ୟ ଛକ, ବସଷ୍ଟାଣ୍ଡ ଓ ବଜାରରେ ଏକତ୍ର ହୋଇ ଦୋକାନ ବଜାର ବନ୍ଦ ରଖିବାକୁ ବ୍ୟବସାୟୀଙ୍କୁ ଅନୁରୋଧ କରିଥିଲେ। ଏହି ବନ୍ଦକୁ ଡାବୁଗାଁ ଅଂଚଳର ବ୍ୟବସାୟୀମାନେ ସହଯୋଗ କରିବା ସହ ଦିନ ୧୨ ଘଣ୍ଟା ପର୍ଯ୍ୟନ୍ତ



ଦେକାନ ବଜାର ବନ୍ଦ ରଖିଥିଲେ। କିନ୍ତୁ ଆଜି ଡାବୁଗାଁ ସାପ୍ତାହିକ ହାଟ ଥିବାରୁ ଦିନ ୧୨ ଘଣ୍ଟା ପରେ ସମସ୍ତ ଦୋକାନ ବଜାର ଖୋଲହେଲା। ତଥାପି ସ୍ଥାନୀୟ କଂଗ୍ରେସ କର୍ମୀମାନେ ହାତରେ ଦଳୀୟ ପତାକା ଧରି ଶାନ୍ତିପୂର୍ଣ ଭାବେ ପିକେଟିଂ କରିଥିଲେ। ସକାଳ ୧୨ ପରେ ଟା ପରେ ସମସ୍ତ ଦୋକାନ ବଜାର, ହୋଟେଲ ଖୋଲା ହେଲା। କିଛି ସଂଖ୍ୟକ ସରକାରୀ ଅଫିସ, ବ୍ୟାଙ୍କ, ସ୍କୁଲ, ମେଡିକାଲ ଖୋଲା ରହିଥିଲା।ଘରୋଇ ବସ୍ ଚଳାଚଳ ଆଂଶିକ ପ୍ରଭାବିତ ହୋଇଥିବା ବେଳେ ଅପରାହ୍ନରୁ ସ୍ୱାଭାବିକ ହୋଇଥିଲା। ଏବଂ ଗାଡ଼ିମଟର ସବୁ ଚଳାଚଳ ସ୍ୱାଭାବିକ ହୋଇଗଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଡାବୁଗାଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। କୌଣସି ଅପ୍ରୀତିକର ଘଟଣା ଘଟିନାହିଁ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।ବ୍ଲକ କଂଗ୍ରେସ ସଭାପତି ଜି ସାଇ ରାଜୁ କହିଛନ୍ତି, 'ଜନତା ସ୍ୱତଃସ୍ଫୂର୍ତ୍ତ ଭାବେ ବନ୍ଦକୁ ସମର୍ଥନ ଜଣାଇଛନ୍ତି ଏହାବାଦେ ଡାବୁଗାଁର ବ୍ୟବସାୟୀ ଭାଇମାନଙ୍କୁ ଧନ୍ୟବାଦ ଜାଣିଥିଲେ। ଏହିବନ୍ଦ ସମୟରେ ଡାବୁଗାଁ ବ୍ଲକ ପୂର୍ବତନ ବ୍ଲକ ଅଧକ୍ଷ ବଂଶୀଧର ମାଝୀସହ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଆସିକା ମଣ୍ଡଳର ଶାଖା ଡାକପାଳଙ୍କ ପାଇଁ କର୍ମଶାଳା

ଆସିକା,୮।୧୦ (ନିପ୍ର); ଆସିକା ମଣ୍ଡଳର ଶାଖା ଡାକପାଳମାନଙ୍କ ପାଇଁ ଇଣ୍ଟରାକ୍ସନ ଓ କର୍ମଶାଳାର ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବ୍ରହ୍ମପୁର ପରିକ୍ଷେତ୍ରର ପୋଷ୍ଟମାଷ୍ଟର ଜେନେରାଲ କର୍ଣ୍ଣେଲ ବିନୋଦ କୁମାର କହିଥିଲେ ଯେ ଆଜିର ଦ୍ରୁତ ଗତିଶୀଳ ସମୟରେ ସରକାରୀ କର୍ମଚାରୀମାନଙ୍କ ପ୍ରଶିକ୍ଷଣର ଗୁରୁତ୍ୱ ବହୁତ ବଢ଼ିଯାଇଛି, ଯାହା ଦ୍ୱାରା ଭବିଷ୍ୟତରେ କାର୍ଯ୍ୟକୁ ଅଧିକ ସଠିକ୍ ଏବଂ ଉନ୍ନତ ଭାବେ କରିବାର ଚାପରୁ ମୁକ୍ତି ପାଇବା ପାଇଁ ଅନେକ ପ୍ରକାର




ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଆସ୍କା ମଣ୍ଡଳରେ ଆୟୋଜିତ କର୍ମଶାଳାରେ ସେ ଶାଖା ଡାକପାଳମାନଙ୍କ ସହ କଥା ହୋଇ ଭାରତୀୟ ଡାକ ବିଭାଗର ଯୋଜନା ବିଷୟରେ ସୂଚନା ଦେଇଥିଲେ ଏବଂ ସେମାନଙ୍କ କାର୍ଯ୍ୟର ସମୀକ୍ଷା କରିଥିଲେ। କର୍ଣ୍ଣେଲ ବିନୋଦ ପ୍ରତ୍ୟେକ ଶାଖା ଡାକପାଳଙ୍କ ସହ ତାଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ ଏବଂ ସେମାନଙ୍କୁ ଅଧିକ ଭଲ ଭାବେ କାମ କରିବା ବିଷୟରେ ସୂଚନା ଦେଇଥିଲେ। ଅଧିକାଂଶ ବ୍ୟକ୍ତି ସୂଚନା ଅଭାବକୁ ନିଜର ସମସ୍ୟା ବୋଲି କହିଥିଲେ ଏବଂ ଏହାର ସମାଧାନ ପାଇଁ କର୍ଣ୍ଣେଲ ବିନୋଦ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ଶାଖା ଡାକପାଳମାନଙ୍କୁ ଶୀଘ୍ର ଡାକ ବିଭାଗର ସେବାଗୁଡ଼ିକୁ ସୁଚାରୁ ରୂପେ ଏକ ଫୋଲ୍ଡରରେ ଦିଆଯାଉ ଯାହାଦ୍ୱାରା ସେମାନେ ସହଜରେ ସମସ୍ତ ସେବା ବିଷୟରେ ଜାଣିପାରିବେ।

## ହାଡୁଭାଙ୍ଗିରେ ମାର୍କେଟ କମ୍ପ୍ଲେକ୍ସ ଦୋକାନ କେବେ ବଣ୍ଟନ ?

କାଶୀନଗର,୮।୧୦ (ନିପ୍ର): ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ହାଡ଼ଭାଙ୍ଗି ଛକ ମୁଖ୍ୟ ରାସ୍ତା କଡ଼ରେ ନିର୍ମାଣ ହୋଇଥିବା ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଦୀର୍ଘଦିନ ଧରି ବ୍ୟବହାର ନହୋଇ ପଡ଼ିରହିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ଅର୍ଥରେ ନିର୍ମିତ ଏହି କମ୍ପ୍ଲେକ୍ସ ଶୀଘ୍ର ବଣ୍ଟନ କରି ସ୍ଥାନୀୟ ବ୍ୟବସାୟୀଙ୍କୁ ଦୋକାନ ଘର ଯୋଗାଇବାକୁ ଦାବି ହୋଇଛି।

ଏହି ପରିପ୍ରେକ୍ଷୀରେ ପାରଳାଖେମୁଣ୍ଡି ବିଧାୟକ ରୁପେଶ କୁମାର ପାଣିଗ୍ରାହୀ ହାଡ଼ଭାଙ୍ଗି ଛକରେ ପହଞ୍ଚି ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ ପରିଦର୍ଶନ କରିଥିଲେ। ବିଧାୟକ କମ୍ପ୍ଲେକ୍ସର ବର୍ତ୍ତମାନ ସ୍ଥିତି ଓ ସ୍ଥାନୀୟ ବ୍ୟବସୟୀଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ହାଡ଼ଭାଙ୍ଗି ଛକରେ ଦୀର୍ଘଦିନ ଧରି ବ୍ୟବସାୟ କରି ଜୀବିକା ନିର୍ବାହ କରୁଥିବା ବ୍ୟବସାୟୀମାନେ ନିଜସ୍ୱ ଦୋକାନ ଘର ପାଇଁ ଅପେକ୍ଷା କରିଛନ୍ତି। ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇସାରିଥିଲେ ମଧ ଏହାର ଦୋକାନ ଘରଗୁଡ଼ିକ ବଣ୍ଟନ ନହେବାରୁ



ବ୍ୟବସାୟୀମାନେ ଅସୁବିଧାରେ ଅଛନ୍ତି। ଅନ୍ୟପକ୍ଷରେ, ଦୀର୍ଘ ସମୟ ଧରି କମ୍ପ୍ଲେକ୍ସଟି ଖାଲି ପଡ଼ିରହିବାରୁ ଏହା ଅସାମାଜିକ ଯୁବକମାନଙ୍କ ଆଡ୍ଡାସ୍ଥଳୀରେ ପରିଣତ ହେଉଥିବା ନେଇ ଅଭିଯୋଗ ଉଠିଛି। ଏହା ଫଳରେ ନିକଟସ୍ଥ ଅଞ୍ଚଳରେ ସୁରକ୍ଷା ଓ ସାମାଜିକ ପରିବେଶକୁ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ସ୍ଥାନୀୟ ବ୍ୟବସାୟୀ ଓ ଜନସାଧାରଣଙ୍କ ଦାବି, ମାର୍କେଟ କମ୍ପ୍ଲେକ୍ସର ଦୋକାନ ଘରଗୁଡ଼ିକୁ ନିୟମ ଅନୁଯାୟୀ ଶୀଘ୍ର ବଣ୍ଟନ କରାଯାଉ। ଏହାଦ୍ୱାରା ଏକପଟେ ସ୍ଥାନୀୟ ବ୍ୟବସାୟୀମାନେ ନିରାପଦ ଭାବେ ବ୍ୟବସାୟ କରି ଜୀବିକା ନିର୍ବାହ କରିପାରିବେ, ଅନ୍ୟପଟେ ଦୀର୍ଘଦିନ ଧରି ଖାଲି ପଡ଼ିଥିବା କମ୍ପ୍ଲେକ୍ସର ସଠିକ୍ ବ୍ୟବହାର ହୋଇପାରିବ। ବିଧାୟକଙ୍କ ପରିଦର୍ଶନ ପରେ ମାର୍କେଟ କମ୍ପ୍ଲେକ୍ସ ବଣ୍ଟନ ନେଇ ଆଶା ସୃଷ୍ଟି ହୋଇଛି। ଏହି କମ୍ପ୍ଲେକ୍ସ କେବେ ବଣ୍ଟନ ହେବ ଏବଂ ସ୍ଥାନୀୟ ବ୍ୟବସାୟୀମାନେ କେବେ ନିଜ ନିଜ ଦୋକାନ ଘର ପାଇବେ, ତାହାକୁ ନେଇ ଏବେ ସମସ୍ତଙ୍କ ନଜର ରହିଛି।

## ଛାତ୍ର ସଂସଦ ନିର୍ବାଚନ:କ୍ୟାମ୍ପସ୍ ରାଜନୀତି ସରଗରମ

ପାରଳାଖେମୁଣ୍ଡି,୮।୧୦ (ନିପ୍ର); ୮ ବର୍ଷ ପରେ କଲେଜ କ୍ୟାମ୍ପସକୁ ଫେରିଛି ରାଜନୀତି କଲେଜ ନିର୍ବାଚନକୁ ୧୦ ଦିନର ମାହୋଲରେ ସୀମିତ ରଖାଯାଇଥିବା ବେଳେ ପାରଳାଖେମୁଣ୍ଡି ସହର ସମେତ ଗଜପତି ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ଉତ୍କଣ୍ଠା ପ୍ରକାଶ ପାଇଛି। ନିର୍ବାଚନକୁ ନେଇ ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରନେତା ରାଜେଶ କହିଛନ୍ତି ଯେ ଦୀର୍ଘ ଦିନର ବ୍ୟବଧାନ ପରେ ଛାତ୍ର ସଂସଦ ନିର୍ବାଚନ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ରହିଛି। ନିର୍ବାଚନ ମାଧ୍ୟମରେ ଛାତ୍ରଙ୍କ ସମସ୍ୟା ଓ ଦାବିକୁ ଉପଯୁକ୍ତ ମଞ୍ଚରେ ଉପସ୍ଥାପନର ସୁଯୋଗ ମିଳିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେହିଭଳି, ଛାତ୍ରନେତା ରାହୁଲ ମଧ ନିର୍ବାଚନ ଘୋଷଣାକୁ ସ୍ୱାଗତ କରିବା ସହ ଛାତ୍ରଛାତ୍ରୀଙ୍କ ସମସ୍ୟା, ଶିକ୍ଷାନୁଷ୍ଠାନର ବିଭିନ୍ନ ଦାବି ଏବଂ ଛାତ୍ର ପ୍ରତିନିଧିତ୍ୱକୁ ନେଇ ନିର୍ବାଚନ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଛନ୍ତି ନିର୍ବାଚନ ଘୋଷଣା ପରେ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ସମ୍ଭାବ୍ୟ ପ୍ରାର୍ଥୀ ଚୟନ ଓ ନିର୍ବାଚନୀ ପ୍ରସ୍ତୁତି ଆରମ୍ଭ ହୋଇଥିବାରୁ ଆଗାମୀ ଦିନରେ ଗଜପତିର କ୍ୟାମ୍ପସଗୁଡ଼ିକରେ ଛାତ୍ର ରାଜନୀତି ଆହୁରି ସରଗରମ ହେବା ଆଶା କରାଯାଉଛି । ସେହିପରି କାଶୀନଗର ଠାରେ ଥିବା ଶ୍ରୀରାମ ସ୍ନାତକ ମହାବିଦ୍ୟାଳୟ ପରିସର ଚଳଚଞ୍ଚଳ ହୋଇଉଠିଛି। ଶ୍ରୀରାମ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ଡ.ପ୍ରଶାନ୍ତ ବାନାପାଲି ନିର୍ବାଚନ ପ୍ରକ୍ରିୟାକୁ ଶାନ୍ତି ଶୃଙ୍ଖଳା ଏବଂ ସୁରୁଖୁରୁରେ ସମ୍ପାଦନ କରାଯିବ ବୋଲି କହିଛନ୍ତି।

## ଭଦ୍ରକରେ ଭୋଟର ନାମ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ, ବୁଥ୍‌ସ୍ତରରେ ସ୍ୱତନ୍ତ୍ର ଶିବିର

ଭଦ୍ରକ,୮।୧୦(ନିପ୍ର):ଭାରତୀୟ ନିର୍ବାଚନ ଆୟୋଗ ଓ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲାରେ ବାଦ ପଡ଼ିଥିବା ଯୋଗ୍ୟ ଭୋଟର ଏବଂ ୧ ଅକ୍ଟୋବର ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ଯୁବ ଭୋଟରଙ୍କ ନାମ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଅଭିଯାନର ସୁଚାରୁ ରୂପାୟନ ପାଇଁ ଅକ୍ଟୋବର ୭ ତାରିଖରେ ସମସ୍ତ ଏଇଆରଓଙ୍କ ପକ୍ଷରୁ ଭଦ୍ରକ ଜିଲ୍ଲାରେ ବିଭିନ୍ନ ବ୍ଲକସ୍ତରରେ ବୁଥ୍ ଲେଭେଲ୍ ଅଫିସର (ବିଏଲଓ) ଏବଂ ବିଏଲଓ ସୁପରଭାଇଜରମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପ୍ରଶିକ୍ଷଣ ସମୟରେ ଯୋଗ୍ୟ ଭୋଟରଙ୍କ ଚିହ୍ନଟ ଓ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପ୍ରକ୍ରିୟା ସମ୍ପର୍କରେ ବିଏଲଓ ଓ ସୁପରଭାଇଜରମାନଙ୍କୁ ସଚେତନ କରାଯାଇଛି। ସ୍ୱତନ୍ତ୍ର ଅଭିଯାନର ଅଂଶ ଭାବେ ଅକ୍ଟୋବର ୭ରୁ ୯ ତାରିଖ ପର୍ଯ୍ୟନ୍ତ ବୁଥ୍‌ସ୍ତରରେ ସ୍ୱତନ୍ତ୍ର ଶିବିର ଆୟୋଜିତ ହେବ। ଏହି ଶିବିରଗୁଡ଼ିକରେ ବିଏଲଓମାନେ ଉପସ୍ଥିତ ରହି ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ସମ୍ପର୍କିତ ସହାୟତା ପ୍ରଦାନ କରିବେ। ଭୋଟର ତାଲିକାକୁ ସଠିକ୍, ସମ୍ପୂର୍ଣ୍ଣ ଓ ସମାବେଶୀ କରିବା ସହିତ କୌଣସି ଯୋଗ୍ୟ ନାଗରିକ ଯେପରି ପଞ୍ଜୀକରଣରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ବିଏଲଓ ଓ ସୁପରଭାଇଜରମାନଙ୍କୁ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ପ୍ରଶିକ୍ଷଣରେ ନିର୍ଦ୍ଦେଶ ଦିଆଯାଇଛି। ୧ ଅକ୍ଟୋବର ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ସମସ୍ତ ଯୋଗ୍ୟ ଯୁବକ-ଯୁବତୀ ଏବଂ ଏସଆଇଆର-୨୦୨୬ ସମୟରେ କୌଣସି କାରଣରୁ ଭୋଟର ତାଲିକାରେ ନାମ ସାମିଲ ହୋଇପାରିନଥିବା ବ୍ୟକ୍ତିମାନେ ନିଜ ଅଞ୍ଚଳର ବିଏଲଓଙ୍କ ନିକଟରେ ଯୋଗାଯୋଗ କରି ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ କରାଇପାରିବେ।ନିର୍ବାଚନ ଆୟୋଗର ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ଏଥର ଘୋଷଣାପତ୍ର ଦାଖଲ କରିବାର ଆବଶ୍ୟକତାକୁ ହଟାଇ ଦିଆଯାଇଛି। ତେଣୁ ଭଦ୍ରକ ଜିଲ୍ଲାର ସମସ୍ତ ଯୋଗ୍ୟ ନାଗରିକ ଏହି ସୁଯୋଗର ସଦୁପଯୋଗ କରି ନିଜ ନାମ ଭୋଟର ତାଲିକାରେ ସାମିଲ କରାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଛି।

## ଇଣ୍ଡିଆମେଣ୍ଟ ପକ୍ଷରୁ ଓଡ଼ିଶା ବନ୍ଦ: ସୋନପୁରରେ ବ୍ୟାପକ ପ୍ରଭାବ

ସୋନପୁର, ୮/୧୦ (ନିପ୍ର) : ଗଣତନ୍ତ୍ରର ସୁରକ୍ଷା ତଥା ରାଜ୍ୟର ସ୍ୱାର୍ଥ ରକ୍ଷା ଦାବିରେ କଂଗ୍ରେସ ଏବଂ ଇଣ୍ଡିଆ ବ୍ଲକ୍ ପକ୍ଷରୁ ମିଳିତ ଭାବେ ଶାନ୍ତିପୂର୍ଣ୍ଣ ଓଡ଼ିଶା ବନ୍ଦ ପାଳନ କରାଯାଇଛି। 'ଗଣତନ୍ତ୍ର ବଞ୍ଚାଅ, ରାଜ୍ୟର ସ୍ୱାର୍ଥ ରକ୍ଷା କର' ନାରା ଦେଇ ଆନ୍ଦୋଳନକାରୀମାନେ ରାଜରାସ୍ତାକୁ ଓହ୍ଲାଇବା ସହ ସରକାରଙ୍କ ବିରୋଧରେ ଗର୍ଜିଛନ୍ତି। ମୁଖ୍ୟତଃ ୪ ଗୋଟି ପ୍ରମୁଖ ଦାବିକୁ ନେଇ ଏହି ବନ୍ଦ ଡାକରା ଦିଆଯାଇଥିବା ବେଳେ ସୋନପୁରରେ ଏହାର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି। ବ୍ୟବସାୟୀ, ପରିବହନ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ଏହି ଶାନ୍ତିପୂର୍ଣ୍ଣ ବନ୍ଦକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ବିରୋଧୀ ମେଣ୍ଟ ପକ୍ଷରୁ ଉପସ୍ଥାପନ କରାଯାଇଥିବା ପ୍ରଥମ ଦାବି ଅନୁଯାୟୀ, ଖଣି ଓ ଖଣିଜ (ଏମ୍.ଏମ୍.ଡି.ଆର) ସଂଶୋଧନ ଆଇନକୁ ତୁରନ୍ତ ବାତିଲ କରିବାକୁ ଦାବି କରାଯାଇଛି।



ଏହି ଆଇନ ଦ୍ୱାରା ଓଡ଼ିଶାର ଖଣିଜ ସମ୍ପଦର ବ୍ୟାପକ ଲୁଟ୍ ହେଉଛି ଏବଂ ରାଜ୍ୟ ବିପୁଳ ପରିମାଣର ରାଜସ୍ୱ ହରାଉଛି ବୋଲି ନେତାମାନେ ଅଭିଯୋଗ କରିଛନ୍ତି। ସେହିପରି ଦ୍ୱିତୀୟ ଦାବିରେ ନିର୍ବାଚନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ତୁରନ୍ତ ବହିଷ୍କାର ତଥା ଗିରଫ କରିବା ପାଇଁ ଦାବି ଉଠିଛି। ତୃତୀୟତଃ, ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ବିପର୍ଯ୍ୟୟ ଏବଂ ବହୁ ସଂଖ୍ୟାରେ ପ୍ରାଥମିକ ସ୍କୁଲଗୁଡ଼ିକୁ ବନ୍ଦ କରାଯିବା ନୀତିକୁ ଆନ୍ଦୋଳନକାରୀମାନେ ତୀବ୍ର ବିରୋଧ କରିଛନ୍ତି। ଚତୁର୍ଥ ଦାବିରେ ନିକଟରେ ରାଜ୍ୟରେ ହୋଇଥିବା ବନ୍ୟା ବିପତ୍ତି ସମୟରେ ସରକାରଙ୍କ ଉଦାସୀନତାକୁ ନେଇ କ୍ଷୋଭ ପ୍ରକାଶ କରାଯିବା ସହ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ମେଣ୍ଟ ପକ୍ଷରୁ ଦାବି କରାଯାଇଛି। ଆଜିର ଏହି ବନ୍ଦ ପାଳନରେ ଯୁବସମାଜ, ମହିଳା ଏବଂ ଶ୍ରମିକ ବର୍ଗ ସ୍ୱତଃସ୍ଫୂର୍ତ୍ତ ସାମିଲ ହୋଇଥିଲେ। ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀମାନେ ପିକେଟିଂ କରିବା ସହ ଶାନ୍ତିପୂର୍ଣ୍ଣ ଭାବେ ନିଜର ଦାବି ଉପସ୍ଥାପନ କରିଥିଲେ।

## ଛାତ୍ର ସଂସଦ ନିର୍ବାଚନ ନେଇ ଜିଲ୍ଲା ପ୍ରଶାସନର ବୈଠକ, ଶାନ୍ତିପୂର୍ଣ୍ଣ ନିର୍ବାଚନ ଉପରେ ଗୁରୁତ୍ୱ

ଭଦ୍ରକ,୮।୧୦ (ନିପ୍ର): ଭଦ୍ରକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀଙ୍କ ସମେତ ବିଭିନ୍ନ ଅଧିକାରୀ ଯୋଗଦେଇଥିଲେ। ଏଥିସହ ଜିଲ୍ଲାରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବା ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ, ସମସ୍ତ ଉପଖଣ୍ଡସ୍ତରୀୟ ଆରକ୍ଷୀ ଅଧିକାରୀ ଏବଂ ସମସ୍ତ ଥାନାର ଭାରପ୍ରାପ୍ତ ଅଧିକାରୀମାନେ ମଧ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ନିର୍ବାଚନ ସମୟରେ ଆଇନଶୃଙ୍ଖଳା ବଜାୟ ରଖିବା, ନିର୍ବାଚନ ପ୍ରକ୍ରିୟାକୁ ନିରପେକ୍ଷ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ସହ ମହାବିଦ୍ୟାଳୟ ପରିସରରେ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ନିର୍ବାଚନକୁ ନେଇ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ଯେପରି ସୃଷ୍ଟି ନହୁଏ, ସେଥିପାଇଁ ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ସମନ୍ୱୟର ସହ କାର୍ଯ୍ୟ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଛାତ୍ର ସଂସଦ ନିର୍ବାଚନକୁ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଶୃଙ୍ଖଳାର ସହ ସଫଳତାର ସହ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଛି।

## ଯାଞ୍ଚ ପାଇଁ ଫିଙ୍ଗର ପ୍ରିଣ୍ଟ ଦେବାରୁ ଉଭେଇଗଲା ଜମାଟଙ୍କା ! କବରୀବାହାଲ ଗ୍ରାହକସେବା କେନ୍ଦ୍ରରେ ପୁଣି କେଳେଙ୍କାରୀ

କୁଚିଣ୍ଡା,୮।୧୦ (ନିପ୍ର): ଗରିବ ଦିନମଜୁରିଆଙ୍କ ଝାଳବୁହା ପରିଶ୍ରମର ଟଙ୍କା ଯଦି ବ୍ୟାଙ୍କ ଖାତାରୁ ଉଭେଇଯାଏ ଏବଂ ଅଭିଯୋଗ ସତ୍ତ୍ୱେ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆ ନଥାଏ। ଗରିବ ଜମାକାରୀ କାହାକୁ ଗୁହାରି କରିବେ ? ଏହା ଏବେ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ସମ୍ବଲପୁର ଜିଲ୍ଲା ବାମରା ବ୍ଲକ କବରୀବାହାଲ ପଞ୍ଚାୟତର ପାନପୋଷ ଗ୍ରାମର ଦିନମଜୁରିଆ ନବୀନ ବାଘ।

ଆକାଉଣ୍ଟରେ ମଜୁରୀ ଟଙ୍କା ପଡ଼ିଛି କି ନାହିଁ ଜାଣିବା ପାଇଁ କ୍ୱରୀବାହାଲ ଗ୍ରାହକ ସେବା କେନ୍ଦ୍ରରେ ଯାଞ୍ଚ କରାଇବା ପରେ ତାଙ୍କ ଖାତାରୁ ଦୁଇଥରରେ ୧୦ ହଜାର ଟଙ୍କା ଉଠାଣ ହୋଇଥିବା ଜଣାପଡ଼ିଥିଲା। ନବୀନ ଏନେଇ ଅଭିଯୋଗ କରି ମଧ ଏ ପର୍ଯ୍ୟନ୍ତ ନ୍ୟାୟ ପାଇନଥିବା ଅଭିଯୋଗ କରିଛନ୍ତି। ନବୀନ ପଞ୍ଚାୟତର ଏମଜିଏନଆରଜିଏସ ଯୋଜନାରେ ଶ୍ରମିକ ଭାବେ କାମ କରିଥିଲେ। ଏହାର ମଜୁରି ଟଙ୍କା ବ୍ୟାଙ୍କ ଖାତାରେ ଜମା ହୋଇଥିବା ତାଙ୍କ ମୋବାଇଲରେ ମେସେଜ ଆସିଥିଲା। ତେଣୁ ସେ କବରୀବାହାଲସ୍ଥିତ ଗ୍ରାହକ ସେବା କେନ୍ଦ୍ରକୁ ଯାଇ ଲିଙ୍ଗର ପ୍ରିଣ୍ଟ ଦେଇ ଯାଞ୍ଚ କରାଇଥିଲେ। ହେଲେ ଆକାଉଣ୍ଟରେ ଟଙ୍କା ଜମା ହୋଇନଥିବା ଗ୍ରାହକ ସେବା କେନ୍ଦ୍ର ପକ୍ଷରୁ କୁହାଯାଇଥିଲା। ପରେ ସେ କବରୀବାହାଲ ଷ୍ଟେଟ୍ ବ୍ୟାଙ୍କକୁ ଯାଇ ଷ୍ଟେଟମେଣ୍ଟ ଦେଖିବା ପରେ ତାଙ୍କ ଖାତାରୁ ୬ ହଜାର ଓ ୪ ହଜାର ଏଭଳି ଦୁଇଥର ମୋଟ ୧୦ ହଜାର ଟଙ୍କା ଉଠାଣ ହୋଇଥିବା ସେ ଜାଣିବାକୁ ପାଇଥିଲେ। ଏହା ଦେଖି ନବୀନଙ୍କ ଚିନ୍ତା ବଢ଼ିଯାଇଥିଲା। ଘଟଣା ସମ୍ପର୍କରେ ଗ୍ରାହକ ସେବା କେନ୍ଦ୍ରରେ ଜଣାଇବା ପରେ ଟଙ୍କା ସେ ନିଜେ ଉଠାଇଥିବେ ବୋଲି କୁହାଯାଇ ତାଙ୍କୁ ଏଡ଼ାଇ ଦିଆଯାଇଥିବା ନବୀନ ଅଭିଯୋଗ କରିଛନ୍ତି। ପରେ ସେ ମହୁଲପାଲି ଥାନା ଓ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ମଧ ଅଭିଯୋଗ କରିଥିବା କରିଥିଲେ। ହେଲେ ଏପର୍ଯ୍ୟନ୍ତ ତାଙ୍କ ପରିଶ୍ରମର ଟଙ୍କା ମିଳିନାହିଁ କି ଏହାର ତଦନ୍ତ ମଧ ହୋଇନଥିବା ସେ କହିଛନ୍ତି। ନବୀନଙ୍କ ପରିବାରରେ ତାଙ୍କ ସ୍ତ୍ରୀ, ପିଲାଛୁଆ ଓ ବାପା-ମା'ଙ୍କୁ ମିଶାଇ ୬ ଜଣ ରହୁଛନ୍ତି। ସ୍ୱାମୀ-ସ୍ତ୍ରୀ ଉଭୟେ କୁଲି ମଜୁରୀ କରି ପରିବାର ଚଳାଉଥିବାରୁ ୧୦ ହଜାର ଟଙ୍କା ତାଙ୍କ ପାଇଁ କେବଳ ଏକ ଅଙ୍କ ନୁହେଁ, ବରଂ ଅନେକ ଦିନର ସଞ୍ଚିତ ଅର୍ଥ। ଅଭିଯୋଗ ସମ୍ପର୍କରେ କବରୀବାହାଲ ଗ୍ରାହକ ସେବା କେନ୍ଦ୍ର ଅଧିକାରୀଙ୍କୁ ପଚାରିବାରେ ସେ କହିଛନ୍ତି, ଫିଙ୍ଗରପ୍ରିଣ୍ଟ ନଦେଲେ ସେବା କେନ୍ଦ୍ରରୁ ଟଙ୍କା ଉଠାଣ ହୋଇପାରେ ନାହିଁ। ଟଙ୍କା ଉଠାଣ ହେଲେ କମ୍ପ୍ୟୁଟରରେ ତାହାର ରେକର୍ଡ ରହେ ଏବଂ ଟଙ୍କା ତାଙ୍କୁ ନିଶ୍ଚିତ ଭାବେ ଦିଆଯାଇଥିବ। ଘଟଣାଟି ପୁରୁଣା ହୋଇଥିବାରୁ ସିସିଟିଭି ଫୁଟେଜ୍ ଉପଲବ୍ଧ ନଥିବା ଓ ଅନ୍ୟ କୌଣସି ପ୍ରମାଣ ନଥିବା ସେ କହିବା ସହ ନବୀନଙ୍କ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ,ଏହି କବରୀବାହାଲ ଗ୍ରାହକ ସେବାକେନ୍ଦ୍ରରେ ଦୁଇବର୍ଷ ତଳେ ଶତାଧିକ ଶ୍ରମିକଙ୍କ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଏଭଳି ଫିଙ୍ଗର ପ୍ରିଣ୍ଟ ନେଇ ହଡ଼ପ କରିବା ଅଭିଯୋଗରେ ଗ୍ରାହକ ସେବା କେନ୍ଦ୍ର ମାଲିକ ଗିରଫ ହୋଇ ଜେଲ ଯାଇଥିଲେ।

## ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନ ପାଇଁ ସଂକଳ୍ପ

ଭବାନୀପାଟଣା,୮।୧୦ (ନିପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୨୫ ବର୍ଷର ରାଷ୍ଟ୍ର ସେବା, ତପସ୍ୟା, ପରିଶ୍ରମ ଓ ରାଷ୍ଟ୍ର ଚିନ୍ତନରୁ ପ୍ରେରଣା ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ମହାସଂକଳ୍ପକୁ ସାକାର କରିବା ଲକ୍ଷ୍ୟରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ସମଗ୍ର ଦେଶରେ 'ଜ୍ୟୋତି ସଂକଳ୍ପ ଯାତ୍ରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କ୍ରମରେ କଳାହାଣ୍ଡି ବିଜେପି ପକ୍ଷରୁ ଜ୍ୟୋତି ସଂକଳ୍ପ ଯାତ୍ରା ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୨୦୪୭ ସୁଦ୍ଧା ଭାରତକୁ ଏକ ସମୃଦ୍ଧ, ଆତ୍ମନିର୍ଭର, ଶକ୍ତିଶାଳୀ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଦିଗରେ ଉପସ୍ଥିତ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାମାନେ ନିଜ ନିଜ ମତ ଓ ଚିନ୍ତାଧାରା ପ୍ରକାଶ କରିଥିଲେ। ଭିଡିଓ କନ୍ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ପ୍ରେରଣାଦାୟୀ ଅଭିଭାଷଣକୁ ଉପସ୍ଥିତ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ମାନେ ଶୁଣିବା ସହ ଜିଲ୍ଲା ପ୍ରଭାରୀ ଶିବାଜି ମହାନ୍ତି ଅଭିଭାଷଣ ପରେ ଉପସ୍ଥିତ ସମସ୍ତ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନ ସହ ସମଗ୍ର ବିଶ୍ୱକୁ ଶାନ୍ତିର ବାର୍ତ୍ତା ପ୍ରଦାନ କରିବା ପାଇଁ ଦୃଢ଼ ସଂକଳ୍ପ ପତ୍ର ପାଠ କରାଇଥିଲେ।

ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା କେବଳ ଜଣେ ବ୍ୟକ୍ତିଙ୍କର ନୁହେଁ, ବରଂ ଦେଶର ପ୍ରତ୍ୟେକ ନାଗରିକଙ୍କର ସାମୂହିକ ସଂକଳ୍ପ। ଏହି ମହା ସଂକଳ୍ପକୁ ଜନଆନ୍ଦୋଳନ ରେ ପରିଣତ କରି ବିକଶିତ ଭାରତ-୨୦୪୭ ଓ ବିକଶିତ ଓଡ଼ିଶା ଗଠନରେ ସମସ୍ତେ ନିଜର ଯୋଗଦାନ ରଖିବାକୁ ସଂକଳ୍ପବଦ୍ଧ ହୋଇଥିଲେ। ଏହି କାର୍ଯ୍ୟକ୍ରମ ରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହ ଦେଓ,ପୂର୍ବତନ ବିଧାୟକ ଅନାମ ନାଏକ, ଜିଲ୍ଲା ଉପ ସଭାପତି ମୁକେଶ ଅଗ୍ରୱାଲ, ସଂତୋଷିନି ଦାସ , ରୁପେଶ୍ ଜୈନ, ବରିଷ୍ଠ ନେତା ଭାରତ ଦେଓ, ଅଜୟ ପାଣିଗ୍ରାହୀ, ପ୍ରଶାନ୍ତ ସାହୁ ,ମନୋଜ ମେହେର ,ରମେଶ ମାଝୀ, ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟ ରଞ୍ଜନ ବେହେରା, ହିମାଂଶୁ ପଣ୍ଡା, ଲୋକ ନାଥ ଦୁର୍ଗା,ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ବିଶି ପ୍ରମୁଖ ଉପସ୍ଥିତ ରହିଥିଲେ।

## 'ଅପରେସନ୍ ସିନ୍ଦୂର' ଦେଖାଇଲା ଆକ୍ରମଣ ଶକ୍ତି: ବାୟୁସେନା ମୁଖ୍ୟ



ନୂଆଦିଲ୍ଲୀ,୮।୧୦: ଜାତୀୟ ସୁରକ୍ଷାରେ ବାୟୁଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରି ଗୁରୁବାର ଦିନ ଭାରତୀୟ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂହ ପ୍ରକାଶ କରିଛନ୍ତି ଯେ 'ଅପରେସନ୍ ସିନ୍ଦୂର'ଅଧୀନରେ ଗତବର୍ଷ ପାକିସ୍ତାନ ବିପକ୍ଷରେ ହୋଇଥିବା ଚାରିଦିନିଆ ସାମରିକ ସଂଘର୍ଷରେ ଭାରତୀୟ ବାୟୁସେନା କେତେ ଦ୍ରୁତଗତିରେ ରଣାଙ୍ଗନକୁ ଓହ୍ଲାଇପାରେ ତାହା ସମଗ୍ର ବିଶ୍ୱ ପ୍ରତ୍ୟକ୍ଷ କରିସାରିଛି। ହିଣ୍ଡନ ବାୟୁସେନା ଘାଟିରେ ଆୟୋଜିତ ବାୟୁସେନା ଦିବସ ସମାରୋହରେ ନିଜର ଅଭିଭାଷଣ ଦେଇ ସେ କହିଛନ୍ତି ଯେ ବିଶ୍ୱବ୍ୟାପୀ ଜଟିଳ ଭୂ-ରାଜନୈତିକ ଆହ୍ୱାନ ମଧ୍ୟରେ ବାୟୁସେନା ସଦାସର୍ବଦା ସତର୍କ ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ବାୟୁସେନା ମୁଖ୍ୟ ଆହୁରି କହିଛନ୍ତି ଯେ ବାୟୁସେନାର ପ୍ରକୃତ ଶକ୍ତି କେବଳ ଆଧୁନିକ ବିମାନ ଉପରେ ନୁହେଁ, ବରଂ ଜରୁରୀ ପରିସ୍ଥିତିରେ ଯବାନମାନଙ୍କ କାର୍ଯ୍ୟାନୁଷ୍ଠାନର ଦ୍ରୁତତା ଓ ଆତ୍ମବିଶ୍ୱାସ ଉପରେ ନିର୍ଭର କରେ। ବର୍ତ୍ତମାନ ବାୟୁସେନା ''ତରଙ୍ଗ ଶକ୍ତି'' ଭଳି ବହୁପାକ୍ଷିକ ଯୁଦ୍ଧାଭ୍ୟାସ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ତେଜସ୍, ଅସ୍ତ୍ର ଓ ବ୍ରହ୍ମୋସ ଭଳି ସ୍ୱଦେଶୀ ଜ୍ଞାନକୌଶଳର ପ୍ରୟୋଗ ମାଧ୍ୟମରେ ''ଆତ୍ମନିର୍ଭର ଭାରତ'' ସହ ନିଜର ଯୁଦ୍ଧ ପ୍ରସ୍ତୁତିକୁ ଅଧିକ ଶାଣିତ କରୁଛି।

## ଆମେରିକାର ଗ୍ରିନ୍ କାର୍ଡ ପ୍ରୋଗ୍ରାମରୁ ଟିସିଏସ୍, ଇନଫୋସିସ୍, ଏଚସିଏଲ୍, ୱିପ୍ରୋ ନିଲମ୍ବିତ

ନୂଆଦିଲ୍ଲୀ,୮।୧୦: ଟ୍ରମ୍ପ ପ୍ରଶାସନ ବିଶ୍ୱର କେତେକ ବଡ଼ ଆଇଟି କମ୍ପାନିକୁ ଆମେରିକାର ସ୍ଥାୟୀ ଶ୍ରମ ପ୍ରମାଣପତ୍ର କାର୍ଯ୍ୟକ୍ରମ (ପିଇଆରଏମ୍)ରୁ ନିଲମ୍ବିତ କରିଛି। ସେଥିରେ ଭାରତର ଇନଫୋସିସ୍, ଟିସିଏସ୍, ୱିପ୍ରୋ ଓ ଏଚସିଏଲ୍ ଭଳି କମ୍ପାନି ରହିଛନ୍ତି। ମାଇକ୍ରୋସଫ୍ଟ, କଗ୍ନିଜାଣ୍ଟ ଓ କ୍ୟାପଜେମିନି ଭଳି କମ୍ପାନି ମଧ୍ୟ ଏହି ତାଲିକାରେ ଅଛନ୍ତି। ଆମେରିକାରେ ସ୍ଥାୟୀ ରହଣି ପାଇଁ ଆଗ୍ରହୀ ବିଦେଶୀ କର୍ମଚାରୀମାନଙ୍କ ଲାଗି ରହିଥିବା ବ୍ୟବସ୍ଥାରେ ଏହି କମ୍ପାନିଗୁଡ଼ିକ ଦୁରୁପଯୋଗ କରିଛନ୍ତି ବୋଲି ଟ୍ରମ୍ପ ପ୍ରଶାସନ ଅଭିଯୋଗ କରିଛି। ଉଲ୍ଲେଖଯୋଗ୍ୟ, ଆମେରିକାର ଶ୍ରମ ବିଭାଗ ପିଇଆରଏମ୍ ଜରିଆରେ ନିଯୁକ୍ତିଦାତାମାନଙ୍କୁ ସେମାନଙ୍କ ବିଦେଶୀ କର୍ମଚାରୀଙ୍କୁ ସ୍ଥାୟୀ ଗ୍ରିନ୍ କାର୍ଡ ପ୍ରଦାନ କରିଥାଏ। ଆମେରିକାର ଏହି ନିଷ୍ପତ୍ତି ଫଳରେ ଉପରୋକ୍ତ ଆଇଟି କମ୍ପାନିର ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ ହେବାରେ ଅସୁବିଧା ଦେଖାଦେବ। ତେବେ ଏଚ୍-୧ ଭିସାକୁ ବାତିଲ କରିବା କିମ୍ବା ଏଥିରେ ନୂଆ ନିଯୁକ୍ତିକୁ ବନ୍ଦ କରାଯାଇ ନାହିଁ।

## ମସ୍କଙ୍କ ଅଭିଯୋଗକୁ ସରକାରଙ୍କ ଖଣ୍ଡନ
## ଷ୍ଟାରଲିଙ୍କଙ୍କୁ ଅଟକା ଯାଉନାହିଁ

ନୂଆଦିଲ୍ଲୀ,୮।୧୦: ଭାରତରେ ଷ୍ଟାରଲିଙ୍କର ଉପଗ୍ରହ ଆଧାରିତ ଇଣ୍ଟରନେଟ୍ ସେବା ଆରମ୍ଭ ହୋଇପାରୁନଥିବାରୁ ତାହାକୁ ନେଇ ଗତକାଲି ବିଶ୍ୱର ଏକ ନମ୍ବର ଧନୀ ଏଲନ୍ ମସ୍କ ଅସନ୍ତୋଷ ଜାହିର କରିଥିଲେ। ଏହି ସେବାକୁ କିଛି ବଡ଼ ଭାରତୀୟ ବ୍ୟବସାୟୀ ଅଟକାଉଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ କେନ୍ଦ୍ର ସରକାର ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ସାଟେଲାଇଟ୍ ଯୋଗାଯୋଗ କ୍ଷେତ୍ରର ନିୟମ ସବୁ କମ୍ପାନି ପାଇଁ ସମାନ ଓ ଏଥିରେ କୌଣସି ପକ୍ଷପାପିତା କରାଯାଉନାହିଁ ବୋଲି ଟେଲିକମ୍ ମନ୍ତ୍ରାଳୟ କହିଛି। ମସ୍କ ନିଜ ସୋସିଆଲ ମିଡିଆ 'ଏକ୍ସ'ରେ କହିଥିଲେ ଯେ, କିଛି ବଡ଼ ଧନୀ ନିଜର ଏକଚାଟିଆ ବ୍ୟବସାୟିକ ପ୍ରଭାବ ବଜାୟ ରଖିବା ପାଇଁ ଷ୍ଟାରଲିଙ୍କ୍‌କୁ ଭାରତରେ ସେବା ଆରମ୍ଭ କରିବାରୁ ଅଟକାଉଛନ୍ତି। ଏହାକୁ ସେ ଭାରତୀୟ ଲୋକଙ୍କ ପ୍ରତି ଅନ୍ୟାୟ ବୋଲି କହିଥିଲେ। ତେବେ ସେ କୌଣସି ବ୍ୟକ୍ତି ବା କମ୍ପାନିର ନାଁ ନେଇନଥିଲେ। ତାଙ୍କ ଅଭିଯୋଗ ସମ୍ପର୍କରେ ସରକାର କହିଛନ୍ତି, ଭାରତରେ ଉପଗ୍ରହ ଆଧାରିତ ଇଣ୍ଟରନେଟ୍ ସେବା ପାଇଁ ତିନିଟି କମ୍ପାନିକୁ ଲାଇସେନ୍ସ ମିଳିଛି। ଏଥିରେ ମସ୍କଙ୍କ ଷ୍ଟାରଲିଙ୍କ୍, ଜିଓ ସାଟେଲାଇଟ୍ କମ୍ୟୁନିକେସନ୍ସ ଓ ଇଉଟେଲସାଟ୍ ୱାନ୍‌ୱେବ୍ ରହିଛି। ତେବେ ଲାଇସେନ୍ସ ମିଳିଲେ ହିଁ ସେବା ଆରମ୍ଭ କରିହେବ ନାହିଁ। ପ୍ରଥମେ ସୁରକ୍ଷା ସମ୍ପର୍କିତ ନିୟମ ପାଳନ କରାଯାଇଛି ନା ନାହିଁ ତାହା ଯାଞ୍ଚ କରାଯାଉଛି। ସେହି ଯାଞ୍ଚ ଶେଷ ହେବା ପରେ କମ୍ପାନିଗୁଡ଼ିକ ସ୍ପେକ୍ଟ୍ରମ୍ ପାଇଁ ଆଗକୁ ବଢ଼ିପାରିବେ। ଏବେ ତିନିଟି କମ୍ପାନି ଏହି ପ୍ରକ୍ରିୟାର ପ୍ରାୟ ସମାନ ପର୍ଯ୍ୟାୟରେ ରହିଛନ୍ତି ବୋଲି ସରକାର କହିଛନ୍ତି। ସରକାର ସ୍ପଷ୍ଟ କରିଛି ଯେ ସୁରକ୍ଷା ନିୟମ ସମସ୍ତ ଉପଗ୍ରହ ଆଧାରିତ ଇଣ୍ଟରନେଟ୍ କମ୍ପାନିଗୁଡ଼ିକ ପାଇଁ ବାଧ୍ୟତାମୂଳକ। ଏହା ଗ୍ରାହକ ଓ ସେମାନଙ୍କ ତଥ୍ୟର ସୁରକ୍ଷା ପାଇଁ ଜରୁରୀ। ତେଣୁ ନିୟମ ପକ୍ଷପାତିତାପୂର୍ଣ୍ଣ ଭାବେ ଲାଗୁ ହେଉଛି ବୋଲି ଯେଉଁ ଅଭିଯୋଗ ହୋଇଛି ତାହା ଭିତ୍ତିହୀନ। ଅନ୍ୟପକ୍ଷରରେ ଷ୍ଟାରଲିଙ୍କ୍ ଭାରତରେ ସେବା ଆରମ୍ଭ ପାଇଁ ପ୍ରସ୍ତୁତ ଥିବା କହିଛି।

## ଋଷିଆ ସେନାରେ ତେଲେଙ୍ଗାନା ଯୁବକଙ୍କୁ ଜୋର ଜବରଦସ୍ତ ଭର୍ତ୍ତି, ଥାନାରେ ଏତଲା

ରାଜନ୍ନା ସିରିସିଲ୍ଲା,୮।୧୦: ତେଲେଙ୍ଗାନା ରାଜନ୍ନା ସିରିସିଲ୍ଲା ଜିଲ୍ଲାର ଜନୈକ ଯୁବକଙ୍କୁ ଜୋର ଜବରଦସ୍ତ ଋଷିଆ ସେନାରେ ଭର୍ତ୍ତି କରାଯିବା ନେଇ ତାଙ୍କ ପତ୍ନୀ ଡୋମାପତି ରକ୍ଷିତା ୟଲାରେଡ୍ଡୀପେଟ୍ ଥାନାରେ ଏତଲା ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ତାଙ୍କ ସ୍ୱାମୀ କିସନ ଆଦିତ୍ୟ ଚାକିରି ପାଇଁ ମ୍ୟାନପାୱାର ଏଜେଣ୍ଟ ଧରନମ ଶ୍ରୀନିବାସଙ୍କ ସହ ସମ୍ପର୍କ କରିଥିଲେ। ଏଥି ଲାଗି ସେ ତାଙ୍କୁ ଅଢେଇ ଲକ୍ଷ ଟଙ୍କା ମଧ୍ୟ ଦେଇଥିଲେ। ଏଜେଣ୍ଟ କିସନଙ୍କୁ ସେପ୍ଟେମ୍ବର ୫ ତାରିଖ ଦିନ ଋଷିଆ ପଠାଇଥିଲେ। ସେଠାରେ ପହଞ୍ଚିବା ପରେ ତାଙ୍କୁ ଜୋର ଜବରଦସ୍ତ ଋଷିଆ ସେନାରେ ନିଯୁକ୍ତି କରିଦିଆଯାଇଛି। କିସନ ଆଦିତ୍ୟ ଋଷିଆ ସେନାରେ ଯୋଗ ଦେଇଥିବା ନେଇ ଟେଲିଫୋନରେ ପତ୍ନୀଙ୍କୁ ସୂଚିତ କରିବା ପରେ ସେ ଏ ନେଇ ୟେଲାରେଡ୍ଡୀପେଟ୍ ଥାନାରେ ଏତଲା ଦେଇଛନ୍ତି। ରକ୍ଷିତାଙ୍କ ଅନୁସାରେ କିସନ ଆଦିତ୍ୟଙ୍କୁ ୟୁକ୍ରେନ ସୀମା ଯୁଦ୍ଧକ୍ଷେତ୍ରରେ ମୁତୟନ କରାଯାଇଛି। ରକ୍ଷିତ ପୋଲିସ ମାଧ୍ୟମରେ କେନ୍ଦ୍ର ସରକାରଙ୍କୁ ତାଙ୍କ ସ୍ୱାମୀଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ଲାଗି ନିବେଦନ କରିବା ସହ ଅଭିଯୁକ୍ତ ଏଜେଣ୍ଟ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।ଥାନା ଉପ ନିରୀକ୍ଷକ ଏନ.ରମେଶ କହିଛନ୍ତି ଯେ ଏଜେଣ୍ଟ ବିରୋଧରେ ମୋକଦ୍ଦମା ରୁଜୁ କରାଯାଇ ମାମଲାର ତଦନ୍ତ ଆରମ୍ଭ ହୋଇଛି।

### ଜିଏସଟି ପରିଷଦର ୫୭ତମ ବୈଠକ

# ଏବେ ଛୋଟ ଭୁଲ୍ ପାଇଁ ହେବନି ବଡ଼ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୮।୧୦: ଜିଏସଟି ପରିଷଦର ୫୭ତମ ବୈଠକରେ ଅନେକ ବଡ଼ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବ୍ୟବସାୟୀ ଏବଂ ଟିକସଦାତା ପାଇଁ ଜିଏସ୍‌ଟି ସିଷ୍ଟମକୁ ସରଳ କରିବା, ରିଫଣ୍ଡ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ଟ୍ୟାକ୍ସ ବ୍ୟବସ୍ଥାରେ ଅଧିକ ପାରଦର୍ଶିତା ଆଣିବା ପାଇଁ ଅନେକ ବଡ଼ ନିଷ୍ପତ୍ତିକୁ ମଞ୍ଜୁରି ଦିଆଯାଇଛି। ଜିଏସ୍‌ଟି ପରିଷଦରେ ଟ୍ୟାକ୍ସ ଅଧିକାରୀଙ୍କ ଗିରଫ କରିବା ଶକ୍ତିକୁ ଶେଷ କରାଯାଇଛି ଏବଂ ମୋକଦ୍ଦମା ଚଲାଇବା ସୀମା ୧ କୋଟି ଟଙ୍କାରୁ ବଢାଇ ୫ କୋଟି ଟଙ୍କା କରାଯାଇଛି । ବର୍ତ୍ତମାନ ଅଧିକାର ଅନୁସାରେ, ଜିଏସଟି ଅଧିକାରୀଙ୍କୁ ବଡ଼ ଅପରାଧ ଯେପରିକି ଟିକସ ଚୋରି, ଜାଲିଆତି କରି ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ନେବା କିମ୍ବା ବେଆଇନ ଭାବେ ରିଫଣ୍ଡ୍ ନେବା ମାମଲାରେ ଗିରଫ କରିବାର ଶକ୍ତି ରହିଛି। ଏଥିପାଇଁ ଏବେ ଆୟୁକ୍ତ ସ୍ତରର



ଅଧିକାରୀଙ୍କ ଠାରୁ ପ୍ରଥମେ ଅନୁମତି ନେବା ଜରୁରି ହେବ। ଏହା ସହିତ ରିଫଣ୍ଡ୍ ପ୍ରକ୍ରିୟାକୁ ମଧ୍ୟ ତ୍ୱରିତ କରିବା ଲାଗି ନିଷ୍ପତ୍ତି ନିଆଯାଇଛି । ଏବେ ରିଫଣ୍ଡ୍ କ୍ଲେମ୍‌କୁ ସ୍ୱୀକାର କରିବାର ସମୟସୀମା ୧୫ ଦିନରୁ ହ୍ରାସ କରି ୧୦ ଦିନ କରାଯାଇଛି । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବୟାନ ଅନୁସାରେ, ଜିଏସଟି ହାର ସମୀକ୍ଷା ପାଇଁ ପ୍ରତ୍ୟେକ ବର୍ଷ କାଉନସିଲ୍ ଏକ ଅଲଗା ବୈଠକ କରିବ । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ବସିଥିବା ଜିଏସଟି ପରିଷଦରେ ଜିଏସଟି ହାରରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ପରିଷଦ କରିଥିବା ସୁପାରିଶ ବାବଦରେ ଅର୍ଥମନ୍ତ୍ରୀ ବିସ୍ତୃତ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ପରିଷଦ ନୋଟିସ୍ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣ ମାନଦଣ୍ଡ ସ୍ଥିର କରିବାକୁ ସୁପାରିଶ କରିଛି । ୧୦,୦୦୦ କିମ୍ବା ତା'ଠାରୁ କମ୍ ଆର୍ଥିକ ସୀମା ସହିତ ଜଡ଼ିତ କୌଣସି ନୂତନ ନୋଟିସ୍ ଜାରି କରାଯିବ ନାହିଁ । ଅର୍ଥମନ୍ତ୍ରୀ କହିଛନ୍ତି ଯେ ଏହି ସୀମା ତଳେ ଥିବା ସମସ୍ତ ବିଚାରାଧୀନ ନୋଟିସ୍ ମଧ୍ୟ ପ୍ରତ୍ୟାହାର କରାଯିବ । ସେ ଜୋର ଦେଇ କହିଛନ୍ତି ଯେ ଯଦି ଏପରି ନୋଟିସ୍ ପୂର୍ବରୁ ଜାରି କରାଯାଇଥିଲା, ତେବେ ସେଗୁଡ଼ିକୁ ମଧ୍ୟ ପ୍ରତ୍ୟାହାର କରାଯିବ । ଟିକସଦାତାଙ୍କ ଉପରେ ଛୋଟ ମାମଲା ବୋଝ ହ୍ରାସ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି । ଏହା ଜିଏସଟି ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଆଣିବ ଏବଂ ପ୍ରକ୍ରିୟାଗୁଡ଼ିକୁ ସରଳ କରିବାରେ ସାହାଯ୍ୟ କରିବ । ତେବେ ନିର୍ଦ୍ଦିଷ୍ଟ ମାମଲାରେ ଜିଏସଟି ଅଧିକାରୀଙ୍କ ମନମୁଖୀ ଗିରଫଦାରୀ କ୍ଷମତାକୁ ଉଚ୍ଛେଦ କିମ୍ବା ସୀମିତ କରାଯାଇଛି। ଫୌଜଦାରୀ ମାମଲା ଆରମ୍ଭ କରିବା ପାଇଁ ସର୍ବନିମ୍ନ ସୀମା ୧ କୋଟିରୁ ୫ କୋଟିକୁ ବୃଦ୍ଧି କରାଯାଇଛି । ଏହାଦ୍ୱାରା କ୍ଷୁଦ୍ର କିମ୍ବା ସଙ୍ଗୀନ ନଥିବା ଟିକସ ମାମଲାରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ହ୍ରାସ କରିବ ।

## ବିଜୟଙ୍କୁ ଷ୍ଟାଲିନଙ୍କ ସମାଲୋଚନା
## ଫିଲ୍ମ ମୋଡ୍‌ରୁ ବାହାରନ୍ତୁ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ,୮।୧୦ : ଉତ୍ତର ଚେନ୍ନାଇର ତିରୁବୋତ୍ତିୟୁର ଅଞ୍ଚଳରେ ଜଣେ ୫ ବର୍ଷର ଶିଶୁକନ୍ୟାକୁ ଯୌନ ନିର୍ଯାତନା ଦିଆଯିବା ଘଟଣାକୁ ନେଇ ଗୁରୁବାର ଦିନ ତାମିଲନାଡୁ ରାଜନୀତି ଅତ୍ୟନ୍ତ ଉତ୍ତପ୍ତ ହୋଇପଡ଼ିଛି। ମାମଲାରେ ପୋଲିସ ବୁଧବାର ଦିନ ବିହାରର ୨୬ ବର୍ଷୀୟ ପ୍ରବାସୀ ଶ୍ରମିକ ରାହୁଲଙ୍କୁ ପୋକ୍ସୋ ଆକ୍ଟ ଅଧୀନରେ ଗିରଫ କରିଥିବା ବେଳେ, ଅଭିଯୁକ୍ତଙ୍କୁ ଖସାଇ ନେବାକୁ ଉଦ୍ୟମ କରୁଥିବା ଅନ୍ୟ କେତେକ ଶ୍ରମିକଙ୍କୁ ଅଟକ ରଖିଛି। ତେବେ ଶିଶୁଟି ପରିଶ୍ରା କରିବାରେ କଷ୍ଟ ଅନୁଭବ କରିବାରୁ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଏହି ନୃଶଂସ କାଣ୍ଡ ପଦାକୁ ଆସିଥିଲା, ଯାହାକୁ ନେଇ ଏବେ ସମଗ୍ର ରାଜ୍ୟରେ ସୁରକ୍ଷା ଓ ଆଇନ ଶୃଙ୍ଖଳାକୁ ନେଇ ବଡ଼ ଧରଣର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସମ୍ବେଦନଶୀଳ ଘଟଣାକୁ ଅସ୍ତ୍ର କରି ବିରୋଧୀ ଦଳଗୁଡ଼ିକ ରାଜ୍ୟ ସରକାରଙ୍କ ଉପରେ ପ୍ରହାର କରିଛନ୍ତି। ଡିଏମକେ ମୁଖ୍ୟ ଏମ.କେ. ଷ୍ଟାଲିନ୍ କଡ଼ା ଭାଷାରେ ସମାଲୋଚନା କରି କହିଛନ୍ତି ଯେ ତାମିଲନାଡୁ ଏବେ 'ରକ୍ତରେ ଭିଜିଛି' ଏବଂ ରାଜ୍ୟରେ ମହିଳା ଓ ଶିଶୁଙ୍କୁ କୌଣସି ସୁରକ୍ଷା ମିଳୁନାହିଁ। ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ଫିଲ୍ମ ସୁଟିଂ ମୋଡରୁ ବାହାରି ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିବା ସହ ସୋସିଆଲ ମିଡିଆ ରିଲ୍ସରେ ବ୍ୟସ୍ତ ରହୁଥିବା ସ୍ୱତନ୍ତ୍ର 'ସିଙ୍ଗାପେନ୍' ବାହିନୀ ମହିଳା ସୁରକ୍ଷା ପାଇଁ କାହିଁକି କାର୍ଯ୍ୟ କରୁନାହିଁ ବୋଲି ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ ଡିଏମକେ ସାଂସଦ କନିମୋଝୀ କରୁଣାନିଧି ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ ବ୍ୟତୀତ ମହିଳା ଓ ଶିଶୁ ନିର୍ଯାତନା ରୋକିବା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ପ୍ରଶ୍ନ କରିଛନ୍ତି।

## ଔଷଧ କମ୍ପାନୀ ଡାକ୍ତରଙ୍କୁ ଦେଇପାରିବେନି ଦାମୀ ଉପହାର: ସୁପ୍ରିମକୋର୍ଟ



ନୂଆଦିଲ,୮।୧୦: ଡାକ୍ତରମାନଙ୍କୁ ଦାମୀ ଉପହାର, ବିଦେଶ ଯାତ୍ରା ଏବଂ ଅନ୍ୟାନ୍ୟ ମାଗଣା ସୁବିଧା ଦେଇ ନିଜ କମ୍ପାନୀର ଔଷଧ ଲେଖିବା ପାଇଁ ପ୍ରଭାବିତ କରିବା ଭଳି ଅନୈତିକ ପ୍ରଥା ଉପରେ ଏବେ ରୋକ୍ ଲାଗିବାକୁ ଯାଉଛି। ଔଷଧ କମ୍ପାନୀଗୁଡ଼ିକ ଏଭଳି ଭୁଲ କିମ୍ବା ଅନୈତିକ ଉପାୟରେ ନିଜ ଔଷଧର ପ୍ରଚାର ନକରିବା ନିଶ୍ଚିତ କରିବା ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯିବ। ଏନେଇ ଗୁରୁବାର କେନ୍ଦ୍ର ସରକାରଙ୍କୁ କମିଟି ଗଠନ କରିବାକୁ ସୁପ୍ରିମକୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ବିକ୍ରମ ନାଥ ଏବଂ ଜଷ୍ଟିସ୍ ସନ୍ଦୀପ ମେହଟ୍ଟାଙ୍କ ଖଣ୍ଡପୀଠ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, କୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଓ ଟିପ୍ପଣୀକୁ ଧ୍ୟାନରେ ରଖି ଏହି କମିଟି ଗଠନ କରାଯାଉ। ଏହି କମିଟି ଅନୈତିକ ମାର୍କେଟିଂ ପ୍ରଥାକୁ ରୋକିବା ପାଇଁ ଦିଆଯାଇଥିବା ପ୍ରସ୍ତାବଗୁଡ଼ିକର ବିଚାର କରିବ ଏବଂ ଏଭଳି ପ୍ରଥା ଉପରେ ରୋକ୍ ଲଗାଇବା ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସୁପାରିସ କରିବ। ରାୟର ମୁଖ୍ୟ ଅଂଶ ପଢ଼ି ଶୁଣାଇବା ସମୟରେ ଜଷ୍ଟିସ୍ ମେହଟ୍ଟା କହିଥିଲେ, "ଆମେ ଭାରତ ସରକାରଙ୍କୁ ଏକ କମିଟି ଗଠନ କରିବା ଏବଂ ଆମର ପୂର୍ବ ନିର୍ଦ୍ଦେଶ ଓ ଟିପ୍ପଣୀ ଆଧାରରେ ନିଜର ସୁପାରିସ ଦେବାକୁ ନିର୍ଦ୍ଦେଶ ଦେଇଛୁ। କୋର୍ଟଙ୍କ ଏହି ନିର୍ଦ୍ଦେଶ ପାଳନ ହୋଇଛି କି ନାହିଁ, ସେ ସମ୍ପର୍କିତ ମାମଲାକୁ ୨୦୨୭ ଜାନୁଆରୀ ୨୯ରେ ପୁଣିଥରେ କୋର୍ଟଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ।" ଏହି ମାମଲା ଫେଡେରେସନ୍ ଅଫ୍ ମେଡିକାଲ୍ ଆଣ୍ଡ ସେଲ୍ସ ରିପ୍ରେଜେଣ୍ଟେଟିଭ୍ସ ଆସୋସିଏସନ୍ସ ଅଫ୍ ଇଣ୍ଡିଆ ପକ୍ଷରୁ ଦାଖଲ କରାଯାଇଥିବା ଏକ ଯାଚିକାରୁ ଆରମ୍ଭ ହୋଇଥିଲା। ଏହି ଯାଚିକାରେ ଔଷଧ କମ୍ପାନୀଗୁଡ଼ିକର ମାର୍କେଟିଂ ପ୍ରଥାକୁ ନିୟନ୍ତ୍ରଣ କରିବା ପାଇଁ ଆଇନଗତ ଭାବେ ବାଧ୍ୟତାମୂଳକ ନିୟମ ପ୍ରଣୟନ କରିବାକୁ ଦାବି କରାଯାଇଥିଲା।

## ସାଉଦି ବିମାନବନ୍ଦର ଉପରେ ହୁତିର ମିସାଇଲ୍ ଆକ୍ରମଣ: ୩ ବିଦେଶୀ ନାଗରିକ ମୃତ



ନୂଆଦିଲ୍ଲୀ, ୮/୧୦ : ସାଉଦି ଆରବ ଏବଂ ୟେମେନ ଉପରେ ହୁତି ବିଦ୍ରୋହୀମାନେ ଜୋରଦାର ଆକ୍ରମଣ କରିଛନ୍ତି । ସାଉଦିର ଦୁଇଟି ବିମାନ ବନ୍ଦରକୁ ହୁତି ପକ୍ଷରୁ ଟାର୍ଗେଟ୍ କରାଯାଇଛି। ହୁତି ଏଠାରେ ବାଲିଷ୍ଟିକ୍ ମିସାଇଲ୍ ଏବଂ ଡ୍ରୋନ୍ ଆଟାକ୍ କରିଛି । ଯେଉଁଥିରେ ତିନି ଜଣ ପ୍ରାଣ ହରାଇଥିବା ବେଳେ ୩୬ରୁ ଅଧିକ ଆହତ ହୋଇଛନ୍ତି। ପ୍ରଥମେ ସାଉଦି ଆରବର ରାଜଧାନୀରେ ଥିବା କିଙ୍ଗ୍ ଖଲିଦ ଅନ୍ତରାଷ୍ଟ୍ରୀୟ ବିମାନ ବନ୍ଦରରେ ଆକ୍ରମଣ ହୋଇଥିଲା । ଏଥିରେ ସୁଦାନର ଜଣେ ନାଗରିକ ପ୍ରାଣ ହରାଇଥିଲେ । ସେହିପରି ଆଭା ବିମାନବନ୍ଦରରେ ହୋଇଥିବା ଆକ୍ରମଣରେ ମରୋକ୍କୋ ଏବଂ ଆଲଜେରିଆର ଜଣେ ଲେଖାଏଁ ନାଗରିକ ପ୍ରାଣ ହରାଇଛନ୍ତି । ଏହାସହ ୨୮ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସାଉଦିର ବେସାମରିକ ଉଡାଣ ବିଭାଗ ତିନି ଜଣ ବିଦେଶୀ ନାଗରିକଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଛି । କିନ୍ତୁ ଆକ୍ରମଣର କାରଣ ବାବଦରେ ସାଉଦି ପକ୍ଷରୁ କିଛି କୁହାଯାଇ ନାହିଁ । କିନ୍ତୁ ଅନ୍ୟ ଦିଗରେ ଆକ୍ରମଣ ପଛରେ ହାତ ଥିବା ନେଇ ହୁତି ପକ୍ଷରୁ ଦାବି କରାଯାଇଛି । ରୟଟର୍ସ ଅନୁସାରେ, ୟେମେନର ହୁତି ବିଦ୍ରୋହୀମାନେ ଦେଶର ରାଜଧାନୀରେ ଥିବା ବିମାନବନ୍ଦର ଉପରେ ଆକ୍ରମଣ କରିଥିଲେ ।

### କଡ଼ା ଜବାବ: ୟେମେନର ୮୨ ହୁତି ସାମରିକ ଠିକଣା ଧ୍ୱଂସ

ରିୟାଦ,୮।୧୦: ୟେମେନରେ ହୁତି ବିଦ୍ରୋହୀ ଓ ସାଉଦି ସମର୍ଥିତ ସରକାରୀ ବାହିନୀ ମଧ୍ୟରେ ଯୁଦ୍ଧ ତୀବ୍ର ହୋଇଛି। ସାଉଦି ଆରବ ଏହି ଆକ୍ରମଣର କଡ଼ା ଜବାବ ଦେଇଛି। ସାଉଦି ନେତୃତ୍ୱାଧୀନ ମେଣ୍ଟ ବାହିନୀ ୟେମେନର ସାଆଦା, ହୋଦେଇଦା, ଅଲ୍ ଜୌଫ୍ ଓ ମାରିବ୍ ପ୍ରଦେଶରେ ୮୨ଟି ହୁତି ସାମରିକ ଠିକଣା ଧ୍ୱଂସ କରିଥିବା ଘୋଷଣା କରିଛି। ଏଥିରେ ୧୧ଟି ବାଲିଷ୍ଟିକ୍ ମିସାଇଲ୍ ଭଣ୍ଡାର, କମାଣ୍ଡ ଓ କଣ୍ଟ୍ରୋଲ୍ କେନ୍ଦ୍ର, ଯୋଗାଯୋଗ ବ୍ୟବସ୍ଥା, ଅସ୍ତ୍ରଶସ୍ତ୍ର ଗୋଦାମ ଓ ହୁତି ଯୋଦ୍ଧାଙ୍କ ସମାବେଶ ସ୍ଥଳ ରହିଛି। ସାଉଦି ମେଣ୍ଟର ମୁଖପାତ୍ର ମେଜର ଜେନେରାଲ୍ ତୁର୍କି ଅଲ୍-ମାଲିକି କହିଛନ୍ତି ଯେ ସାଧାରଣ ନାଗରିକ ଓ ନାଗରିକ ପ୍ରତିଷ୍ଠାନ ଉପରେ ଆକ୍ରମଣକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ।

## ଆଲୋଚନା ପାଇଁ ୨୦ ବିଦ୍ରୋହୀ ସାଂସଦଙ୍କ ମଧ୍ୟରୁ ୧୦ ଆସିଲେନି

ନୂଆଦିଲ୍ଲୀ,୮।୧୦: ଏନସିପିଆଇ ସହ ହାତ ମିଳାଇଥିବା ୨୦ ବିଦ୍ରୋହୀ ଟିଏମସି ସାଂସଦଙ୍କୁ ଅଯୋଗ୍ୟ ଘୋଷଣା ସଂକ୍ରାନ୍ତ ଆବେଦନ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନିକଟରେ ପଡ଼ି ରହିଥିବାବେଳେ ଆଜି ଏ ସଂକ୍ରାନ୍ତରେ ଆଲୋଚନା ପାଇଁ ଏକ ବୈଠକ ବସିଥିଲା। କିନ୍ତୁ ମିଳିଥିବା ସୂଚନା ଅନୁଯାୟୀ, ଏହି ବୈଠକକୁ ୨୦ ବିଦ୍ରୋହୀ ଟିଏମସି ସାଂସଦଙ୍କ ମଧ୍ୟରୁ ୧୦ ଜଣ ଆସିନଥିଲେ। ବୈଠକରେ ଯେଉଁମାନେ ଯୋଗ ଦେଇଥିଲେ ସେମାନେ ନେତାମାନଙ୍କର ଅନୁପସ୍ଥିତିକୁ ନେଇ ବିଭିନ୍ନ କାରଣ ଦର୍ଶାଇଛନ୍ତି। କେତେକ ନେତା ବିଦେଶରେ ଥିବାବେଳେ ଅନ୍ୟ କିଛି ନେତାଙ୍କର ପରିବାରରେ ଜରୁରୀ କାମ କିମ୍ବା ପୂର୍ବରୁ ଧାର୍ଯ୍ୟ ହୋଇଥିବା ବୈଠକ ପାଇଁ ଆଜିର ବୈଠକକୁ ଆସିପାରିନାହାନ୍ତି।

## ୟୁରୋପ ସଂସଦରେ ଡୋନାଲ୍ଡ ଟ୍ରମ୍ପଙ୍କ ନଗ୍ନ ମୂର୍ତ୍ତି ନାଁ ଦିଆଯାଇଛି 'ଅନ୍ୟାୟର ରାଜା'



ନୂଆଦିଲ୍ଲୀ, ୮/୧୦ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ନଗ୍ନ ପ୍ରତିମୂର୍ତ୍ତି ପ୍ରଦର୍ଶିତ ହୋଇଛି। ୮.୫ ଫୁଟ ଉଚ୍ଚତାବିଶିଷ୍ଟ ଏହି ନଗ୍ନ ମୂର୍ତି ୨୩ କ୍ୟାରେଟ୍ ସୁନାରେ ପ୍ରସ୍ତୁତ କରାଯାଇଛି। ଆମେରିକୀୟ ରାଷ୍ଟ୍ରପତିଙ୍କ ଶକ୍ତିର ଏହା ଏକ ବ୍ୟଙ୍ଗାତ୍ମକ ପ୍ରଦର୍ଶନ। ଗତ ମଙ୍ଗଳବାର ମୂର୍ତ୍ତିର ଅନାବରଣ ପରେ ଏହାର ନିର୍ମାତା ଡେନମାର୍କ କଳାକାର ଜେନ୍ସ ଗଲସିୟଟ୍ କହିଛନ୍ତି, ଟ୍ରମ୍ପ ସୁନାକୁ ପସନ୍ଦ କରନ୍ତି। ତେଣୁ ସେ ଏହି ମୂର୍ତ୍ତିକୁ ପସନ୍ଦ କରିବେ ବୋଲି ମୋର ବିଶ୍ୱାସ। ମୂର୍ତ୍ତିର ନାଁ ଦିଆଯାଇଛି 'ଦ ଅରେଞ୍ଜ ପ୍ଲେଗ୍'। ଏହାକୁ ଫ୍ରାନ୍ସର ଷ୍ଟ୍ରାସ୍‌ବର୍ଗ ଠାରେ ସ୍ଥାପନ କରାଯାଇଛି, ଯାହା ୟୁରୋପୀୟ ସଂସଦର ଔପଚାରିକ ମୁଖ୍ୟାଳୟ। ତମ୍ଭାର ଏହି ମୂର୍ତିକୁ 'ଅନ୍ୟାୟର ରାଜା' ନାମରେ ସମ୍ବୋଧନ କରାଯାଇଛି । ମୂର୍ତ୍ତିରେ ଜଣେ କ୍ଷୁଦ୍ରକାୟ ବ୍ୟକ୍ତିଙ୍କ କାନ୍ଧରେ ଟ୍ରମ୍ପଙ୍କୁ ବସାଯାଇଛି। ତାଙ୍କର ଜଙ୍ଘ ଏବଂ ବୃହଦାକାୟ ପେଟ ବ୍ୟକ୍ତିଙ୍କ ମୁଣ୍ଡ ଲୁଚାଇ ଦେଉଛି। ତାଙ୍କ ହାତରେ ଏକ ଲମ୍ବା ଗଲ୍ଫ କ୍ଲବ୍ ଓ ନ୍ୟାୟର ନିକିତି ରହିଛି। ମୂର୍ତ୍ତିର ଆଧାରରେ ଲେଖାଯାଇଛି 'ମୁଁ ଜଣେ ବ୍ୟକ୍ତିଙ୍କ କାନ୍ଧରେ ବସିଛି। ସେ ମୋ ବୋଝ ତଳେ ଦବିଯାଉଛନ୍ତି । ତାଙ୍କୁ ସାହାଯ୍ୟ କରିବା ପାଇଁ ତାଙ୍କ କାନ୍ଧରୁ ଓହ୍ଲାଇବା ବ୍ୟତୀତ ମୁଁ ସବୁ କିଛି କରିବି।' ମୂର୍ତ୍ତି ନିର୍ମାତା ଗଲସିୟଟ୍ କହନ୍ତି, ପରିବେଶ ଓ ନିୟମ-ଆଧାରିତ ବିଶ୍ୱ ବ୍ୟବସ୍ଥା ପାଇଁ ଟ୍ରମ୍ପଙ୍କୁ ବିପଦ ମାନୁଥିବାରୁ ଏହି ମୂର୍ତ୍ତିକୁ ତା'ର ପ୍ରତୀକ ସ୍ୱରୂପ ସେ ପ୍ରସ୍ତୁତ କରିଛନ୍ତି।

### ଇଣ୍ଡିଆ ମୋବାଇଲ୍ କଂଗ୍ରେସର ଦ୍ୱିତୀୟ ଦିନ

# ବ୍ୟାଙ୍କ, ହସ୍ପିଟାଲ୍ କାମ ଏବେ ଫୋନରେ: ମୋଦି

ନୂଆଦିଲ୍ଲୀ,୮।୧୦: ଇଣ୍ଡିଆ ମୋବାଇଲ କଂଗ୍ରେସର ଦ୍ୱିତୀୟ ଦିନରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଡିଜିଟାଲ ବିକାଶ ନେଇ ମତ ରଖିଛନ୍ତି। ଦେଶରେ ୫ଜି ସେବାର ବିକାଶ, ଡିଜିଟାଲ ପେମେଣ୍ଟ, ବ୍ୟାଙ୍କ ହସ୍ପିଟାଲ୍ ଓ ସରକାରୀ ଅଫିସ୍ ଭଳି ସ୍ଥାନରେ ମୋବାଇଲ୍ ମାଧ୍ୟମରେ କାମ କରାଯାଉଛି ବୋଲି ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫରରେ ଏପର୍ଯ୍ୟନ୍ତ ପାଖାପାଖି ୫୦ ଲକ୍ଷ କୋଟି ଟଙ୍କା ସିଧା ଲାଭାର୍ଥୀଙ୍କ ବ୍ୟାଙ୍କ ଖାତାକୁ ପଠାଯାଇଛି। ଏହି ସିଷ୍ଟମ ପାଇଁ ଦଲାଲ ଓ ଠକେଇ ଉପରେ ରୋକ ଲଗାଯିବା ସହ ପାଖାପାଖି ୫ ଲକ୍ଷ କୋଟି ଟଙ୍କା ଭୁଲ୍ ହାତରେ ପଡ଼ିବାରୁ ରକ୍ଷା ପାଇଯାଇଛି ବୋଲି ମୋଦି କହିଛନ୍ତି। ସୂଚନା ଥାଉକି ଚଳିତ ଥର ଇଣ୍ଡିଆ ମୋବାଇଲ



କଂଗ୍ରେସର ଫୋକସ ଏଆଇ ଓ ୬ଜି ଉପରେ ରହିଛି। ୨୦୧୭ରେ ହୋଇଥିବା ପ୍ରଥମ ଇଭେଣ୍ଟ କେବଳ ଭାରତ ଉପରେ ଫୋକସ ଥିଲା। ଏବେ ଏଥିରେ ୧୦୦ରୁ ଅଧିକ ଦେଶ ସାମିଲ ହୋଇଛନ୍ତି। ଏଥିରେ ଯୋଗ ଦେଇ ମୋଦି କହିଛନ୍ତି ଆଜିକାଲି ମୋବାଇଲ କେବଳ ଗପସପ ଓ ଚାଟ କରିବାର ମାଧ୍ୟମ ହୋଇ ନାହିଁ। ବରଂ ସାଧାରଣ ଲୋକଙ୍କ ପାଖରେ ସରକାରୀ ସୁବିଧା ପହଞ୍ଚାଇବାର ବଡ଼ ମାଧ୍ୟମ ହୋଇପାରିଛି। ଭାଷା ଓ ଦୂରତ୍ୱର ବାଧା ଶେଷ ହୋଇଛି। ଏବେ ଆଉ ଲୋକଙ୍କୁ ଅଫିସରେ ଲମ୍ବା ଲାଇନ ଲଗାଇବାକୁ ପଡୁନି, ଫଳରେ ସେମାନଙ୍କର ସମୟ ଓ ପଇସା ଦୁଇଟି ବଞ୍ଚିଯାଉଛି। ଡିବିଟିରେ ହୋଇଥିବା ସଞ୍ଚୟକୁ ନେଇ ବିରୋଧୀଙ୍କୁ ଟାର୍ଗେଟ୍ କରି ମୋଦି କହିଛନ୍ତି ଯେଉଁମାନଙ୍କର ଏଭଳି ବେଆଇନ ରୋଜଗାର ବନ୍ଦ ହୋଇଗଲା, ସେମାନେ ମୋଦିଙ୍କୁ ପସନ୍ଦ ନ କରିବା ସ୍ୱାଭାବିକ। ସେମାନେ ଯେତେ ବି ଚିଲାନ୍ତୁ, ଆମେ ଜନତାଙ୍କ ପଇସା ସେମାନଙ୍କ ପାଖରେ ପହଞ୍ଚାଇବାକୁ ପକ୍କା ସଂକଳ୍ପ ନେଇଛୁ ବୋଲି ମୋଦି କହିଛନ୍ତି। ସେହିପରି ଭାରତରେ ଟେଲିକମ୍ କ୍ଷେତ୍ରର ଦ୍ରୁତ ବିସ୍ତାରିତ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ୨୦୨୨ ମସିହାରେ ଏହି ମଞ୍ଚରୁ ୫ଜି ଆରମ୍ଭ ହୋଇଥିଲା, ଆଜି ସାରା ଦେଶରେ ୫.୫ ଲକ୍ଷରୁ ଅଧିକ ୫ଜି ବେସ୍ ଷ୍ଟେସନ୍ ଚାଲୁଛି। ଏହା ୧୦ ଗୁଣା ଗତିରେ ବଢ଼ିଛି। ଟେକ୍ନୋଲୋଜୀ ଆପଣାଇବାରେ ଭାରତ ବିଶ୍ୱରେ ସୁବଠାରୁ ଦ୍ରୁତଗତିରେ ଆଗକୁ ବଢୁଛି ବୋଲି ମୋଦି କହିଛନ୍ତି।

## ଗଛରେ ପିଟିହେଲା ଗାଡ଼ି, ଜଣେ ମୃତ ଓ ୪ ଗୁରୁତର



ସୋନପୁର(ନିପ୍ର): ଭୋଜି ଖାଇ ଘରକୁ ଫେରୁଥିବା ବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ଗୋଟିଏ ମୁହୂର୍ତ୍ତରେ ସାଙ୍ଗସାଥୀଙ୍କ ହସଖୁସିର ପରିବେଶ କାନ୍ଦ ବୋବାଳିରେ ପରିଣତ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବୀରମହାରାଜପୁର ବ୍ଲକ କେନ୍ଦୁପାଲି ଗ୍ରାମର ୫ ଜଣ ସାଙ୍ଗ ମିଶି ଏକାଠି ଭୋଜି କରିବାକୁ ଯାଇଥିଲେ। ସେଠାରୁ ଭୋଜି ସାରି ସାଢେ ୩ /୪ଟା ସମୟରେ ସମସ୍ତେ ଗାଡ଼ିରେ ଘରକୁ ଫେରୁଥିଲେ। ତେବେ ଘରକୁ ଫେରିବା ବାଟରେ କୋଟସମଲେଇ ରାସ୍ତା ଘିକୁଣ୍ଡି ଗ୍ରାମଠାରେ ନିକଟରେ ହଠାତ୍ ଗାଡ଼ିଟି ନିଜର ଭାରସାମ୍ୟ ହରାଇ ବସିଥିଲା ଗାଡି ନମ୍ବର ଓଡି -୩୧ ଏଲ ୪୨୨୨ ଥିଲା ଏବଂ ରାସ୍ତା କଡ଼ରେ ଥିବା ଏକ ଗଛରେ ଜୋରରେ ପିଟି ହୋଇଯାଇଥିଲା। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ଗୁପ୍ତେଶ୍ୱର ମେହେରଙ୍କ ପୁଅ ଚିକୁ ମେହେରଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଏହି ଦୁର୍ଘଟଣାରେ ଗାଡ଼ିରେ ଥିବା ଅନ୍ୟ ୪ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଗୁରୁତର ଆହତମାନେ ହେଲେ, ଉମେଶ ମେହେରଙ୍କ ପୁଅ ସଂଜୀବ ମେହେର, ପରେଶ ମେହେରଙ୍କ ପୁଅ ସୁଧୀର ମେହେର, ଶୁକ୍ରୁ ମେହେରଙ୍କ ପୁଅ ବିନୋଦ ମେହେର, ଗାଡ଼ିର ଡ୍ରାଇଭର ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ୪ ଜଣ ଗୁରୁତରଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ସେମାନଙ୍କର ଚିକିତ୍ସା ଜାରି ରହିଛି। ଅନ୍ୟପଟେ ଚିକୁ ମେହେରଙ୍କ ମୃତ୍ୟୁ ଖବର ପରିବାରରେ ପହଞ୍ଚିବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବରିଷ୍ଠ ନାଗରିକଙ୍କଠାରୁ ଲୁଟ୍ ଘଟଣା

## ୨୪ ଘଣ୍ଟାରୁ ଅଧିକ ବିତିଗଲାଣି, ପୋଲିସ ହାତ ଖାଲି

ଭୁବନେଶ୍ୱର(ନି.ପ୍ର): ଦୁର୍ଗାପୂଜା ପାଇଁ କମିଶନରେଟ୍ ପୋଲିସ ବଡ଼ ପ୍ରସ୍ତୁତି ଚଳାଇଥିବା ବେଳେ ଲୁଟ୍ ଓ ଛିନତାଇ ଏବେ ଚିନ୍ତା ବଢ଼ାଇଛି। ଗତକାଲି ଜଣେ ବରିଷ୍ଠ ନାଗରିକଙ୍କ ଠାରୁ ଦୁଇ ଲୁଟେରା ୫୦ ହଜାର ଟଙ୍କା ଝାମ୍ପି ନେଇଛନ୍ତି। ଲୁଟର ଶିକାର ହୋଇଛନ୍ତି ସ୍ଥାନୀୟ ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକ ତଥା ପୂର୍ବତନ ସଚିବାଳୟ କର୍ମଚାରୀ ସୁରେନ୍ଦ୍ର ନାଥ ନାୟକ। ଏହି ଘଟଣାକୁ ୨୪ ଘଣ୍ଟାରୁ ଅଧିକ ସମୟ ବିତିଯାଇଥିବା ବେଳେ ପୋଲିସ ହାତ ଖାଲି ପଡିଛି। ପୋଲିସ ଲୁଟେରାଙ୍କ ଟେର ପାଇପାରିନାହିଁ। ସୂଚନା ଅନୁସାରେ, ଗତକାଲି ଭରତପୁର ଥାନା ଅନ୍ତର୍ଗତ ରୁଚିକା ମାର୍କେଟ ଅଞ୍ଚଳରେ ଜଣେ ବରିଷ୍ଠ ନାଗରିକଙ୍କ ନିକଟରୁ ଲୁଟ ହୋଇଥିଲା। ଏନେଇ ଅଭିଯୋଗ ପରେ ଭରତପୁର ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଲୁଟ ସମୟ ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ଏକ ସିସିଟିଭି କ୍ୟାମେରାରେ ମଧ୍ୟ କଏଦ ହୋଇଛି। ତେବେ ଘଟଣାକୁ ୨୪ ଘଣ୍ଟାରୁ ଅଧିକ ସମୟ ବିତିଥିବା ବେଳେ ଅଭିଯୁକ୍ତ ଧରାନପଡ଼ିବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ଛିଡା କରିଛି। ଲୁଟ୍ ହୋଇଥିବା ୫୦ ହଜାର ଟଙ୍କା ପେନଶନ ଅର୍ଥରାଶି ହୋଇଥିବା ବେଳେ ସୁରେନ୍ଦ୍ର ସ୍ଥାନୀୟ ଏକ ବ୍ୟାଙ୍କରୁ ତାହାକୁ ଉଠାଇଥିଲେ। ବ୍ୟାଙ୍କରୁ ଟଙ୍କା ଉଠାଣ ବେଳେ ଲୁଟେରଦ୍ୱୟ ତାଙ୍କୁ ଟାର୍ଗେଟ କରି ଲୁଟ୍ କରିଛନ୍ତି। ସେମାନେ ଟଙ୍କା ବ୍ୟତୀତ ଏକ ଛୋଟ ବ୍ୟାଗରେ ଥିବା ପାସବୁକ, ଚେକବୁକ୍ ଓ ମୋବାଇଲ ମଧ୍ୟ ଛଡ଼ାଇ ନେଇଛନ୍ତି। ଏହି ଘଟଣା ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ସୁରେନ୍ଦ୍ରଙ୍କ ସୂଚନା ଅନୁଯାୟୀ, ବୁଧବାର ଦିନ ପ୍ରାୟ ୧୧ଟା ବେଳେ ଟଙ୍କା ଉଠାଇଥିଲେ। ସେ ଟଙ୍କା ବ୍ୟାଗ ଧରି ଘରକୁ ଚାଲି ଚାଲି ଫେରୁଥିଲେ। ସୁରେନ୍ଦ୍ର ଲେନ୍ସକାର୍ଟ ଶୋରୁମ ପାଖରେ ପହଞ୍ଚିବା ବେଳେ ବିପରୀତ ଦିଗରୁ ବାଇକରେ ଲୁଟେରାଦ୍ୱୟ ଆସିଥିଲେ। ଜଣେ ହେଲମେଟ ଏବଂ ଅନ୍ୟ ଜଣକ ଟୋପି ପିନ୍ଧିଥିଲା। ସେମାନେ ହଠାତ୍ ବଳପୂର୍ବକ ଟଙ୍କା ଭର୍ତ୍ତି ବ୍ୟାଗ ଝାମ୍ପି ନେଇ ପଳାଇଥିଲେ। ସୁରେନ୍ଦ୍ର ଉଭୟଙ୍କୁ ପିଛା କରିଥିଲେ ମଧ୍ୟ ଲୁଟେରାଦ୍ୱୟ ବାଇକରେ ଦ୍ରୁତଗତିରେ ପଳାଇଯାଇଥିଲେ। ତେବେ ଲୁଟେରାଦ୍ୱୟଙ୍କୁ ଯଥାଶୀଘ୍ର ଗିରଫ ସହ ଟଙ୍କା ଫେରି ପାଇବାକୁ ସୁରେନ୍ଦ୍ର ନିବେଦନ କରିଛନ୍ତି। ଏପରିକି ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ମଧ୍ୟ ସୁରେନ୍ଦ୍ର ଦାବି କରିଛନ୍ତି। ଏନେଇ ଭରତପୁର ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି, 'ଅଭିଯୋଗ ପାଇବା ପରେ ତୁରନ୍ତ ଘଟଣାସ୍ଥଳରେ ଛାନଭିନ୍ ହୋଇଛି। ଏକାଧିକ ସିସିଟିଭି କ୍ୟାମେରା ଯାଞ୍ଚ ଚାଲିଛି। ଅଭିଯୁକ୍ତଦ୍ୱୟଙ୍କୁ ଶୀଘ୍ର ଧରିବାକୁ ପ୍ରୟାସ ଚାଲିଥିବା' ସେ କହିଛନ୍ତି।

## ଚୋରା ମଦ ଜବତ: ୧୪ ଅଭିଯୁକ୍ତ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ରାଜକନିକା, କେନ୍ଦ୍ରାପଡ଼ା ଟାଉନ, ସଦର, ଡେରାବିଶ ଓ ଜମ୍ବୁ ମେରାଇନ୍ ଥାନା ଅଧୀନରେ ହୋଇଥିବା ଏହି ଚଢ଼ାଉରେ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ସହ ଗୁଡ଼ପୋଚ ଜବତ କରାଯାଇଛି। ଚଢ଼ାଉ ସମୟରେ ବିଭିନ୍ନ ଗ୍ରାମରୁ ମୋଟ ୨୪୬ ଲିଟର ମଦ ଓ ୧୩୦୦ ଲିଟର ଗୁଡ଼ପୋଚ ଜବତ ହୋଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଘଟଣା ସଂକ୍ରାନ୍ତରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯାଇଛି। ଏହି ମାମଲାରେ ମୋଟ ୧୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ତ୍ରିବେଣୀ ମହନ୍ତ, ଦୀପକ କୁମାର ଜେନା, ରଞ୍ଜନ କୁମାର ପାତ୍ରଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇଥିଲେ। ଚୋରା ମଦ କାରବାର ବିରୋଧରେ ଆଗାମୀ ଦିନରେ ମଧ୍ୟ ଚଢ଼ାଉ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## କୁଚିଣ୍ଡା ସହରରେ ୬ ଟିକିଆ ହାତୀ ପଲ



କୁଚିଣ୍ଡା(ନିପ୍ର): ଗୁରୁବାର ସକାଳ ସମୟରେ କୁସୁମି ପଟୁ ନୂଆ ବସଷ୍ଟାଣ୍ଡ ପେଟ୍ରୋଲ ପମ୍ପ ରାସ୍ତା ପାରିହୋଇ କୁଚିଣ୍ଡା କଲେଜ ପଡ଼ିଆ କାଜୁ ବଗିଚା ଏଲ୍ଆଇସି ଅଫିସ୍ ପଛପଟେ ପଶି ଆସିଛନ୍ତି ୬ ଟିକିଆ ହାତୀପଲ। କୁଚିଣ୍ଡା ବନାଞ୍ଚଳ ଅଧିକାରିଣୀ ଲେଖାରାଣୀ ମହାନନ୍ଦଙ୍କ ନେତୃତ୍ୱରେ ବାମରା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ୫୦ ଜଣିଆ ଟିମ୍ ଆସି ହାତୀମାନଙ୍କୁ ସୁରକ୍ଷାର ସହିତ ଜଙ୍ଗଲ ଅଭିମୁଖେ ଘଉଡ଼ାଇବା ପାଇଁ ଚେଷ୍ଟା ଜାରି ରଖିଥିଲେ। ପ୍ରାୟ ଅପରାହ୍ନ ୩ଟା ସମୟରେ ହାତୀମାନେ ଏଲ୍ଆଇସି ଛକରେ ବାହାରି ଚାଷଜମି ମଧ୍ୟରେ ଯାଇ କୁଚିଣ୍ଡା ଭେଡେନ ନଦୀ ପୋଲ ନିକଟରେ ରାସ୍ତା ପାରିହୋଇ, ଯେଉଁ ଦିଗରୁ ଆସିଥିଲେ ସେ ଦିଗକୁ ପୁଣି ଫେରିଯାଇଥିଲେ। ଏନେଇ କୁଚିଣ୍ଡା ସହରବାସୀଙ୍କୁ ଭୟଭୀତ ନ ହୋଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରିବା ପାଇଁ ବିଭାଗ ପକ୍ଷରୁ ଅନୁରୋଧ କରିଛନ୍ତି।

## ବାଇକରୁ ଖସିପଡି ମହିଳା ଗୁରୁତର

ତିଗିରିଆ(ନିପ୍ର): ନରସିଂହପୁର ଗୋପାଳପୁର ଗ୍ରାମର କୁନି ବେହେରା ନିଜ ପୁଅ ସହିତ ବାଇକରେ ଘରକୁ ଯାଉଥିବାବେଳେ ଅସାବଧାନତା ବଶତଃ ଗୋହିରିମୁଣ୍ଡ ଛକଠାରେ ଖସି ପଡ଼ିଥିଲେ । ଘଟଣା ସ୍ଥଳରେ ସାଧାରଣ ଜନତା ଓ ପୋଲିସ ନିକଟରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି।

## ପତ୍ନୀକୁ ହତ୍ୟା ଉଦ୍ୟମ, ଅଭିଯୁକ୍ତ ସ୍ୱାମୀ ଗିରଫ

ଭୁବନେଶ୍ୱର(ନି.ପ୍ର): ପତ୍ନୀକୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଆରତ କୁମାର ପ୍ରଧାନ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନା ଯୋଗ୍ୟ ଯେ, ଗତ ୦୭.୧୦.୨୦୨୬ ରିଖ ରାତି ପ୍ରାୟ ୧୦.୦୨ ସମୟରେ ପାଳାସପଲ୍ଲୀ ଅଞ୍ଚଳର ପୂଜାରାଣୀ ନାୟକ (୨୫) ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ସ୍ୱାମୀ ଆରତ କୁମାର ପ୍ରଧାନ ନିୟମିତ ଭାବେ ମଦ୍ୟପାନ କରି ଘରକୁ ଆସି ଛୋଟଛୋଟ କଥାକୁ ନେଇ ତାଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରିଥାନ୍ତି। ଗତ ୦୪.୧୦.୨୦୨୬ ରାତିରେ ମଧ୍ୟ ଅଭିଯୁକ୍ତ ମଦ୍ୟପାନ କରି ଘରକୁ ଆସି ଅଭିଯୋଗକାରିଣୀ, ତାଙ୍କ ୫ବର୍ଷର ପୁଅ ଓ ୩ ବର୍ଷର ଝିଅଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରିଥିଲେ । ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ଏକ ଧାରୁଆ ଛୁରୀରେ ତାଙ୍କ ହାତରେ ଆଘାତ କରିଥିଲେ ଏବଂ ଲୁହା କୋଦାଳରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ଅଭିଯୋଗକାରିଣୀଙ୍କ ବାପା-ମାଆ ଘରକୁ ଆସିବାରୁ ଅଭିଯୁକ୍ତ ସେମାନଙ୍କୁ ମଧ୍ୟ ଗାଳିଗୁଲଜ କରି ଛୁରୀରେ ହତ୍ୟା କରିବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି । ଏଥିସହ ଅଭିଯୁକ୍ତ ଜଣକ, ଅଭିଯୋଗକାରିଣୀଙ୍କ ଭାଇଙ୍କୁ ମଧ୍ୟ ହତ୍ୟା ଧମକ ଦେଇଥିବା ଜଣାପଡ଼ିଛି । ଘଟଣାର ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତ ସ୍ୱାମୀ ଆରତ କୁମାର ପ୍ରଧାନଙ୍କୁ ଗିରଫ କରିଥିବା ବେଳେ, ସେ ନିଜର ଦୋଷ ସ୍ୱୀକାର କରିଥିଲେ।

## ଚାମେଲୀ ଘଟଣାର ଏନଏଚଆରସି ତଦନ୍ତ

### ନ୍ୟାୟ ଅପେକ୍ଷାରେ ଚାମେଲୀ

କେନ୍ଦ୍ରାପଡ଼ା(ନିପ୍ର): ଚାମେଲୀ ଘଟଣାକୁ ନେଇ ଜାତୀୟ ମାନବ ଅଧିକାର କମିଶନ (ଏନଏଚଆରସି) ପକ୍ଷରୁ ଚାଲିଥିବା ତଦନ୍ତ ଚତୁର୍ଥ ଦିନରେ ପହଞ୍ଚିଛି। କେନ୍ଦ୍ରାପଡ଼ାରେ ପହଞ୍ଚିଥିବା ଏନଏଚଆରସି ଟିମ୍ ଘଟଣାର ବିଭିନ୍ନ ଦିଗ ନେଇ ତଦନ୍ତ ଜାରି ରଖିଛି। ତଦନ୍ତର ଶେଷ ଦିନରେ କେନ୍ଦ୍ରାପଡ଼ା ପ୍ରଦକ୍ଷଣ ଭବନରେ ଚାମେଲୀଙ୍କ ସହ ଟିମ୍ ଆଲୋଚନା କରି ଘଟଣା ସମ୍ପର୍କରେ ବିଭିନ୍ନ ତଥ୍ୟ ଓ ପୃଷ୍ଠଭୂମି ଜାଣିବାକୁ ଚେଷ୍ଟା କରିଛି। ଏହି ଅବସରରେ ଚାମେଲୀ ଏନଏଚଆରସି ଟିମ୍କୁ ଶହେ ପର୍ଦ୍ଦର ଏକ ଲିଖିତ ଅଭିଯୋଗ ସହ ୫୦ରୁ ଉର୍ଦ୍ଧ୍ୱ ଭିଡିଓ ଥିବା ଏକ ପେନଡ୍ରାଇଭ୍ ପ୍ରଦାନ କରିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କିତ ବିଭିନ୍ନ ତଥ୍ୟ ଓ ପ୍ରମାଣ ଟିମ୍କୁ ଦିଆଯାଇଥିବା ଚାମେଲୀଙ୍କ ପକ୍ଷରୁ କୁହାଯାଇଛି। ଚାମେଲୀ ଘଟଣାରେ ଏପର୍ଯ୍ୟନ୍ତ ବିଭିନ୍ନ ପକ୍ଷ ଓ ଘଟଣା ସହ ଜଡ଼ିତ ତଥ୍ୟକୁ ଆଧାର କରି ଏହି ଟିମ୍ ତଦନ୍ତ କରିଛି। ତଦନ୍ତ ସମୟରେ ଘଟଣା ସମ୍ପର୍କରେ ବିଭିନ୍ନ ପକ୍ଷଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି। ଚାମେଲୀ କହିଛନ୍ତି ଯେ, ଘଟଣାକୁ ନେଇ ସେ ନ୍ୟାୟ ପାଇଁ ଦୀର୍ଘଦିନ ଧରି ଲଢ଼େଇ କରୁଛନ୍ତି। ଏବେ ତଦନ୍ତ ଶେଷ ହେବା ପରେ କମିଶନଙ୍କ ପକ୍ଷରୁ କି ପଦକ୍ଷେପ ନିଆଯିବ ଏବଂ ତାଙ୍କୁ କି ନ୍ୟାୟ ମିଳିବ, ସେ ନେଇ ସେ ଆଶାବାଦୀ ଥିବା କହିଛନ୍ତି। ତଦନ୍ତ ଶେଷ ହେବା ପରେ ଏନଏଚଆରସି ପକ୍ଷରୁ କି ପଦକ୍ଷେପ ନିଆଯିବ, ତାହା ଉପରେ ଏବେ ଚାମେଲୀଙ୍କ ସମେତ ସାଧାରଣ ଲୋକଙ୍କ ନଜର ରହିଛି।

## କବାଡି ଦୋକାନରୁ ମୋବାଇଲ ଓ ଟଙ୍କା ଚୋରି, ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର): ଏକ କବାଡି ଦୋକାନରୁ ମୋବାଇଲ ଓ ଟଙ୍କା ଚୋରି କରିବା ଅଭିଯୋଗରେ ମୈତ୍ରୀ ବିହାର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହିମାଂଶୁ ଛୋଟରାୟ। ପୁଲିସ ଏନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଲକ୍ଷ୍ମୀଧର ସାହୁ ପେଷାରେ ଜଣେ କବାଡ଼ି ବ୍ୟବସାୟୀ ଏବଂ ଜାଭିୟର ବସ୍ତି, ସାଲିଆ ସାହି, ଭୁବନେଶ୍ୱରରେ କବାଡ଼ି ଦୋକାନ କରି ଜୀବିକା ନିର୍ବାହ କରନ୍ତି। ଗତ ୦୭.୧୦.୨୦୨୬ ରିଖ ସକାଳ ପ୍ରାୟ ୧୧ଟା ସମୟରେ ସେ ନିଜ ଦୋକାନରେ ଥିବାବେଳେ ତାଙ୍କ ଦୁଇ ପରିଚିତ ଲୋକ କବାଡ଼ି ସାମଗ୍ରୀ ସମ୍ପର୍କରେ ଆଲୋଚନା ପାଇଁ ଦୋକାନକୁ ଆସିଥିଲେ। ଏହି ସମୟରେ ଅଭିଯୁକ୍ତ ହିମାଂଶୁ ଛୋଟରାୟ, ମୋଟରସାଇକେଲରେ ଆସି ଉକ୍ତ ମୋଟରସାଇକେଲଟି ବିକ୍ରି କରିବାକୁ ଆଣିଥିବା କହିଥିଲେ। ପରେ ଅଭିଯୋଗକାରୀ ଚା' ଓ ବିସ୍କୁଟ ଆଣିବା ପାଇଁ କିଛି ସମୟ ଦୋକାନରୁ ବାହାରକୁ ଯାଇଥିଲେ। ସେହି ସମୟରେ ଦୁଇ ପରିଚିତ ଲୋକ ଦୋକାନର ଅନ୍ୟ ଏକ ସ୍ଥାନରେ ବସି କବାଡ଼ି ସାମଗ୍ରୀ ସମ୍ପର୍କରେ ଆଲୋଚନା କରୁଥିଲେ । ତେଣୁ ଟେବୁଲ ଉପରେ ରଖାଯାଇଥିବା ମୋବାଇଲ ଓ ଟଙ୍କା ସେମାନଙ୍କ ଦୃଷ୍ଟିରେ ଆସିନଥିଲା । କିଛି ସମୟର ବ୍ୟବଧାନ ପରେ ଅଭିଯୋଗକାରୀ ଫେରି ଆସି ଦେଖିବାକୁ ପାଇଥିଲେ ଯେ, ଟେବୁଲ ଉପରେ ରଖାଯାଇଥିବା ତାଙ୍କ ମୋବାଇଲ ଫୋନ ଏବଂ ନଗଦ ୮,୫୦୦ ଟଙ୍କା ଆଉ ନାହିଁ । ଅଭିଯୁକ୍ତ ହିମାଂଶୁ ଛୋଟରାୟ ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ମୋବାଇଲ ଓ ଟଙ୍କା ନେଇଯାଇଥିବା ନେଇ ଅଭିଯୋଗକାରୀଙ୍କ ସନ୍ଦେହ ହୋଇଥିଲା । ପରେ ସେ ମୈତ୍ରୀବିହାର ଥାନାରେ ଆସି ଘଟଣା ସମ୍ପର୍କରେ ଜଣାଇଥିଲେ। ମାମଲାର ତଦନ୍ତ ବେଳେ, ଅଭିଯୁକ୍ତ ହିମାଂଶୁ ମଇଳା ଟାଙ୍କି ପେଟ୍ରୋଲ ପମ୍ପ ନିକଟରେ ବୁଲାବୁଲି କରୁଥିବା ନେଇ ସୂଚନା ମିଳିବ ପରେ ପୁଲିସ ଟିମ ଘଟଣା ସ୍ଥଳରେ ଅତର୍କିତ ଚଢଉ କରିଥିଲା । ଚଢଉ ବେଳେ ଅଭିଯୁକ୍ତଙ୍କୁ କାବୁ କରିବା ସହ ତାଙ୍କ ହେପାଜତରୁ ଅଭିଯୋଗକାରୀଙ୍କ ମୋବାଇଲ ଫୋନକୁ ଉଦ୍ଧାର କରିଥିଲେ। ପଚରାଉଚରା ବେଳେ, ଅଭିଯୁକ୍ତ ଉକ୍ତ ମୋବାଇଲ ଫୋନ ଏବଂ ଟଙ୍କା ଚୋରୀକରିଥିବା ସ୍ୱୀକାର କରିବା ସହ ଚୋରୀ ଟଙ୍କାକୁ ଖର୍ଚ୍ଚ କରିଦେଇଥିବା ପ୍ରକାଶ କରିଥିଲେ। ଅଭିଯୁକ୍ତଙ୍କର ପୂର୍ବ ଅପରାଧିକ ସମ୍ପୃକ୍ତି ଯାଞ୍ଚରୁ, ତାଙ୍କ ନାମରେ ଏୟାରପୋର୍ଟ ଥାନାରେ ଏକ ମାମଲା ରହିଥିବା ଜଣାଯାଏ।

## ବ୍ରାଉନସୁଗାର ବେପାରୀ ଧରାପଡ଼ିଲା

ଜଟଣୀ/ଭୁବନେଶ୍ୱର(ନି.ପ୍ର): ପିପିଲି ଅଞ୍ଚଳର ତାଜୁଦ୍ଦୀନ ଖାଁ ନାମକ ଜଣେ ବ୍ରାଉନ ସୁଗାର ବେପାରୀ ବେଆଇନ ଭାବେ ବ୍ରାଉନ ସୁଗାର ଆଣି ଜଟଣୀ ଅଞ୍ଚଳରେ ବିକ୍ରୟ କରିବା ଉଦ୍ଦେଶ୍ୟରେ ଆସୁଥିବା ସମ୍ପର୍କରେ ଜଟଣୀ ଥାନାଧିକାରୀ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ଏହି ସୂଚନା ଆଧାରରେ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜଟଣୀ ଥାନାର ଏକ ସ୍ପେଶାଲ ଟିମ୍ ସଦଳବଳେ ହରିରାଜପୁର ଛକ ନିକଟରେ ନଜର ରଖିଥିଲେ । ଅଭିଯୁକ୍ତ ତାଜୁଦ୍ଦିନ ଖାଁ ସେଠାରେ ପହଞ୍ଚିବା କ୍ଷଣି, ପୁଲିସ ଟିମ୍ ଅତର୍କିତ ଚଢଉ କରି ତାଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ପରବର୍ତ୍ତୀ ସମୟରେ ନିୟମାନୁଯାୟୀ ତଲାସି କରାଯିବା ବେଳେ, ଅଭିଯୁକ୍ତଙ୍କ ହେପାଜତରୁ ମୋଟ ୧୫ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରାଯାଇଥିଲା। ଏହାସହିତ ବେଆଇନ ନିଶାଦ୍ରବ୍ୟ ପରିବହନ ଓ ବିକ୍ରୟରେ ବ୍ୟବହୃତ ଏକ ପଲସର-୨୨୦ ମୋଟରସାଇକେଲ ମଧ୍ୟ ପୁଲିସ ଜବତ କରିଥିଲା । ଏ ସମ୍ପର୍କରେ ଜଟଣୀ ଥାନାରେ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଛି। ପଚରାଉଚରା ସମୟରେ ଅଭିଯୁକ୍ତ ଜଣକ ଦୀର୍ଘଦିନ ଧରି ବେଆଇନ ବ୍ରାଉନ ସୁଗାର ବ୍ୟବସାୟରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ। ସେ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବ୍ରାଉନ ସୁଗାର ସଂଗ୍ରହ କରି ଆଣୁଥିବା ଏବଂ ପରେ ଜଟଣୀ ଓ ଖୋର୍ଦ୍ଧା ଅଞ୍ଚଳରେ ଗ୍ରାହକମାନଙ୍କୁ ବେଆଇନ ଭାବେ ବିକ୍ରୟ କରୁଥିବା ପ୍ରକାଶ କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଜଟଣୀ ଥାନା ପୁଲିସ ଏକ ବେଆଇନ ବ୍ରାଉନ ସୁଗାର ବିକ୍ରି ଜନିତ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ତାଜୁଦ୍ଦୀନ ଖାଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ଏବଂ ଏହି ବେଆଇନ ନିଶା କାରବାରରେ ତାଙ୍କ ସହ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଏବଂ ନିଶାଦ୍ରବ୍ୟର ଉତ୍ସ ସମ୍ପର୍କରେ ପୁଲିସ ପକ୍ଷରୁ ଅଧିକ ତଦନ୍ତ କରାଯାଉଛି ।




## କ୍ୟାମେରମ୍ୟାନଙ୍କୁ ମାଡ଼ ଘଟଣା: ଗଣମାଧ୍ୟମ ପ୍ରତିନିଧିଙ୍କ ଧାରଣା

ପୁରୀ(ନିପ୍ର): ଶ୍ରୀମନ୍ଦିର ଭିତରେ ସିନିୟର କ୍ୟାମେରାମ୍ୟାନ୍ ଉପରେ ଜେଟିପି ଲଖିଆର ଆକ୍ରମଣ ଘଟଣାରେ ଏକାଠି ହେଲେ ପୁରୀର କାର୍ଯ୍ୟରତ ସାମ୍ବାଦିକ। ଲଖିଆକୁ ଗିରଫ ସହ ବହିଷ୍କାର ଓ ସନାତନକୁ ନ୍ୟାୟ ଦାବିରେ ପୁରୀ ଏସପିଙ୍କ କାର୍ଯ୍ୟାଳୟରେ ଧାରଣା ଦେଲେ ପୁରୀର କାର୍ଯ୍ୟରତ ସାମ୍ବାଦିକ। ଘଟଣାକୁ ପାଞ୍ଚଦିନ ବିତିଯାଇଥିଲେ ମଧ୍ୟ ପୁରୀ ପୋଲିସ ନିରବଦ୍ରଷ୍ଟା ସାଜିଛି । ତଦନ୍ତ ଆଳରେ ଦିନପରେ ଦିନ ଗଡାଇ ଲଖିଆକୁ ଖସାଇବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ କରିଛନ୍ତି ଧାରଣାରତ ସାମ୍ବାଦିକ। ସେପଟେ ଶ୍ରୀମନ୍ଦିରରେ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ନେଇ ଓଡିଶା ପୋଲିସ ସମେତ ଜଗନ୍ନାଥ ଟେମ୍ପୁଲ୍ ପୋଲିସ, ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ ନିୟୋଜିତ ହୋଇଛନ୍ତି । ଓଡିଶା ପୋଲିସ ଓ ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରୀମନ୍ଦିରରେ ନିୟୋଜିତ ହୋଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ନିୟୋଜିତ ହୋଇଛନ୍ତି ଜେଟିପି। ଜେଟିପିମାନଙ୍କ ପୋଷାକ ପୋଲିସର ପୋଷାକ ସହ ଆଦୌ ସମାନ ହେବା ଉଚିତ୍ ନୁହେଁ ବୋଲି ମତ ପ୍ରକାଶ ପାଇଥିବା ବେଳେ ଜେଟିପିଙ୍କ ନାମ ପରିବର୍ତ୍ତନ କରି ଜଗନ୍ନାଥ ଟେମ୍ପୁଲ ଗାର୍ଡ ରଖିବାକୁ ଦାବି ହୋଇଛି। ଅନ୍ୟପଟେ କ୍ୟାମେରାମ୍ୟାନ୍ ସନାତନକୁ ନ୍ୟାୟ ପ୍ରଦାନ ସହ ଆକ୍ରମଣକାରୀ ଲଖିଆକୁ ଗିରଫ କରାନଯିବା ପର୍ଯ୍ୟନ୍ତ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରହିବ ବୋଲି ସାମ୍ବାଦିକମାନେ ଚେତାବନୀ ଦେଇଛନ୍ତି । ଗଣମାଧ୍ୟମର ସିନିୟର କ୍ୟାମେରା ମ୍ୟାନ୍କୁ ଶ୍ରୀମନ୍ଦିର ଭିତରେ ଜେଟିପି ଲଖିଆ ଆକ୍ରମଣ ଘଟଣାରେ ସାମ୍ବାଦିକଙ୍କ ଧାରଣା ପରେ ଏବେ ଏସପିଙ୍କ ଆହ୍ୱାନକୁ ଅପେକ୍ଷା।




## କମିଶନରେଟ ପୋଲିସର ସ୍ପେଶାଲ ଡ୍ରାଇଭ, ୧୬୨ ଜଣ ୱାରେଣ୍ଟିଙ୍କୁ ଧରିଛି ପୋଲିସ

କଟକ : ଦୁର୍ଗାପୂଜା ପାଇଁ ସ୍ପେଶାଲ ଡ୍ରାଇଭ ଆରମ୍ଭ କରି ଦେଇଛି କମିଶନରେଟ ପୋଲିସ । ଜାମିନ ବିହୀନ ଗିରଫ ପରୱାନା ତାଲିକାରେ ଥିବା ୧୬୨ ଜଣ ୱାରେଣ୍ଟିଙ୍କୁ ପୋଲିସ ଧରି ଥିବା ସୂଚନା ଦେଇଛନ୍ତି କଟକ ଡିସିପି ରିଷିକେଶ ଖିଲାରୀ । ପ୍ରସ୍ତୁତ ହୋଇଥିବା ତିନି ଶହରୁ ଉର୍ଦ୍ଧ୍ୱ ତାଲିକା ଭିତରୁ, ୧୬୪ ଜଣ ପେସାଦାର ଅପରାଧୀ ଜେଲ ଭିତରେ ଥିବା ସୂଚନା ମିଳିଛି । ସେହିପରି ନିଶା କାରବାର ଅଭିଯୋଗରେ ୨୨୫ ଟି ମାମଲା ରୁଜୁ କରାଯାଇଥିବାବେଳେ, ୧୧୦ ଟି ଏନ.ଡି.ପି.ଏସ ମାମଲା ମଧ୍ୟ ରୁଜୁ ହୋଇଛି। ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ସହରରେ ଅଧିକ ସଂଖ୍ୟକ ସିସିଟିଭି ଲଗାଯାଇଛି, ଯାହା ଅପରାଧୀଙ୍କ ଫେସ ଡିଟେକ୍ସନ କରିବାରେ ସହାୟକ ହେବ ବୋଲି ସୂଚନା ମିଳିଛି । ଅତ୍ୟାଧୁନିକ କଣ୍ଟ୍ରୋଲ ରୁମ ବ୍ୟବସ୍ଥା କରାଯିବ ଏବଂ ଦଶହରା ସହ ଭସାଣୀ ଶୋଭାଯାତ୍ରା ସିସିଟିଭି ନଜରରେ ରହିବ ବୋଲି ସୂଚନା ମିଳିଛି । ଗଣେଶ ପୂଜାରୁ ଏପର୍ଯ୍ୟନ୍ତ ଜୋରଜବରଦସ୍ତି ଚାନ୍ଦା ଆଦାୟ ଅଭିଯୋଗ ନେଇ ସହରର ବିଭିନ୍ନ ଥାନାରେ ମୋଟ ୧୧ଟି ମାମଲା ରୁଜୁ ହୋଇଥିବା ବେଳେ, ସେଥିମଧ୍ୟରୁ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ଜବରଦସ୍ତି ଚାନ୍ଦା ଆଦାୟ ଘଟଣା ନଜରକୁ ଆସିଲେ, ୱାଟସଆପ ନମ୍ବର ୮୨୮୦୩୩୮୩୦ରେ ମେସଜ କରି ଜଣାଇବାକୁ ଅପିଲ କରିଛନ୍ତି କଟକ ଡିସିପି।

## ଲଜିଷ୍ଟିକ୍ସ କମ୍ପାନୀର ଡେଲିଭରୀ ହବ୍‌ରେ ପଶି ଆକ୍ରମଣ: ଦୁଇ ଗିରଫ

ଭୁବନେଶ୍ୱର(ନି.ପ୍ର): ଲଜିଷ୍ଟିକ୍ସ କମ୍ପାନୀର ଡେଲିଭରୀ ହବ୍‌ରେ ପଶି ବାରମ୍ବାର ଆକ୍ରମଣ କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଉମାକାନ୍ତ ନାୟକ ଓ ଜେ. ବାଦଲ ରାଓ ଓରଫ ଶକ୍ତି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ଏନେଇ ଦିଲ୍ଲୀପ କୁମାର ଦାସ ଥାନାରେ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା "ଏମ୍/ଏସ ଇନଷ୍ଟା କାର୍ଟ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ" ଲଜିଷ୍ଟିକ୍ସ କମ୍ପାନୀର ଡେଲିଭରୀ ହବ୍‌ରେ ବାରମ୍ବାର ପ୍ରବେଶ କରି କର୍ମଚାରୀ ଓ ଡେଲିଭରୀ କର୍ମୀଙ୍କୁ ଆକ୍ରମଣ, ଧମକ ଓ ଭୟଭୀତ କରାଯାଇଥିବା ଅଭିଯୋଗ ହୋଇଛି । କମ୍ପାନୀର ଅଧିକୃତ ପ୍ରତିନିଧି ତଥା ଅଭିଯୋଗକାରୀ ଦିଲୀପ କୁମାର ଦାସଙ୍କ ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଉମାକାନ୍ତ ନାୟକ ଓ ଶମ୍ଭୁ ସେଠୀ, ସେମାନଙ୍କ କିଛି ସହଯୋଗୀଙ୍କ ସହ ମିଶି ହବ୍‌ରେ ଏପରି ଘଟଣା ଘଟାଇଥିଲେ। ଗତ ୦୪.୧୦.୨୦୨୬ ରିଖ ରାତି ପ୍ରାୟ ୧୨.୨୦ ସମୟରେ ଅଭିଯୁକ୍ତମାନେ ଏକ ଛୁରୀ ଧରି ହବ୍ ଭିତରକୁ ପ୍ରବେଶ କରି ଜଣେ ଡ୍ରାଇଭରଙ୍କୁ ଦିଆସିଲି ମାଗିଥିଲେ । ଦିଆସିଲି ଦେବାକୁ ମନା କରିବାରୁ ତାଙ୍କୁ ଗାଳିଗୁଲଜ ଓ ଧମକ ଦେଇଥିବା ଅଭିଯୋଗ ହୋଇଛି। ଭୟରେ ଡ୍ରାଇଭର ଓ ଅନ୍ୟ କର୍ମଚାରୀମାନେ ହବ୍ ଭିତରକୁ ଯାଇ ମୁଖ୍ୟ ଶଟର ବନ୍ଦ କରିଦେଇଥିଲେ। ଏହା ପୂର୍ବରୁ ଗତ ୨୧.୦୯.୨୦୨୬ ରାତି ପ୍ରାୟ ୧.୩୦ ସମୟରେ ପାର୍କିଂ ସୁବିଧା ପାଇଁ ମୋଟରସାଇକେଲ ହଟାଇବାକୁ କହିବାରୁ ଜଣେ କର୍ମଚାରୀଙ୍କୁ ଅଭିଯୁକ୍ତମାନେ ଆକ୍ରମଣ କରିଥିବା ଏବଂ ୨୪.୦୮.୨୦୨୬ ସନ୍ଧ୍ୟା ପ୍ରାୟ ୭.୨୦ ସମୟରେ ରାସ୍ତାର ପାଣି ଛିଟିକା ପଡିବାକୁ କେନ୍ଦ୍ର କରି ଡେଲିଭରୀ ରାଇଡର ରଣଜିତ ନାୟକଙ୍କୁ ହବ୍ ବାହାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏହି ବାରମ୍ବାର ଘଟୁଥିବା ଘଟଣା ଯୋଗୁଁ ହବ୍‌ର କର୍ମଚାରୀ ଓ ଡେଲିଭରୀ କର୍ମୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ମାମଲାର ତଦନ୍ତ କାଳରେ ପୋଲିସ ଘଟଣା ସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତ ମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ । ଅଧିକ ତଦନ୍ତ କାଳରେ ପୋଲିସ ବିଶ୍ୱସ୍ତ ସୂଚନା ଆଧାରରେ ଚଢଉ କରି ଦୁଇ ଅଭିଯୁକ୍ତ, ଉମାକାନ୍ତ ନାୟକ ଓ ଜେ. ବାଦଲ ରାଓ ଓରଫ ଶକ୍ତିଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ, ଉଭୟ ନିଜର ଦୋଷ ସ୍ୱୀକାର କରିଥିଲେ । ଦୁଇ ଅଭିଯୁକ୍ତଙ୍କର ପୂର୍ବ ଅପରାଧିକ ସମ୍ପୃକ୍ତି ଯାଞ୍ଚରୁ, ଅଭିଯୁକ୍ତ ଉମାକାନ୍ତ ନାୟକ ନାମରେ ଶହୀଦନଗର ଥାନା ଓ ବଡଗଡ ଥାନାରେ ୨ଟି ଭିନ୍ନ ମାମଲା ରହିଥିବା ଜଣାପଡିଛି ।

## ମଦ୍ୟପାନ କରି ବାଇକ ଓ କାର ଚଳାଇବା ଅଭିଯୋଗ: ଉଭୟ ଚାଳକଙ୍କ ନାମରେ ମାମଲା

ପିପିଲି(ନିପ୍ର): ମଦ୍ୟପାନ କରି ଜନ ଗହଳିପୂର୍ଣ୍ଣ ସ୍ଥାନରେ ବେପରୁଆ ଭାବେ ବାଇକ ଓ କାର ଚଳାଇବା ଅଭିଯୋଗରେ ବଳଙ୍ଗା ଥାନା ପୋଲିସ ପକ୍ଷରୁ ୨ ଚାଳକଙ୍କ ନାଁରେ ଥାନାରେ ମାମଲା ରୁଜୁ କରାଯାଇଛି। ସୂଚନା ମୁତାବକ ବୁଧବାର ରାତିରେ ବଳଙ୍ଗା ଥାନା ଏସଆଇ ଅତସି ଜେନାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ବାୟାବର ଛକରେ ପାଟ୍ରୋଲିଂ କରୁଥିବା ବେଳେ ଖେଳାରପଟୁ ଦ୍ରୁତ ଗତିରେ ଆସୁଥିବା (ଓଡି୦୨ଡି ଏଲ ୨୨୬୮) ନମ୍ବର ବିଶିଷ୍ଟ କାରକୁ ଅଟକାଇ ଯାଞ୍ଚ କରିବାରେ ଚାଳକ ଜଣଙ୍କ ମଦ୍ୟପାନ କରିଥିବା ଜଣାପଡିଥିଲା। ଫଳରେ ପୋଲିସ ଟିମ କାରକୁ ଜବତ କରି ଚାଳକ ଏହି ଥାନା ଅନ୍ତର୍ଗତ ଦକ୍ଷିଣ ସାହି ଅନିପୁର ଗ୍ରାମର ଦିଲୀପ ପରିଡାଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ସେହିଭଳି ଥାନା ଏସଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ସାତହଳ ଛକରେ ଯାନ ବାହନ ଚେକିଂ କରୁଥିବା ବେଳେ ସାତଶଙ୍ଖ ପଟୁ ଦ୍ରୁତ ଗତିରେ ଆସୁଥିବା (ଓଡି୦୨ଏଏମ ୯୧୬୯) ନମ୍ବର ବିଶିଷ୍ଟ ଏକ ବାଇକକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଚାଳକ ବିରାଟ ସାହି ଗ୍ରାମର ସୁରେଶ ବିଶ୍ୱାଳ ମଦ୍ୟପାନ କରିଥିବା ଜଣାପଡିଥିଲା। ପରେ ପୋଲିସ ଟିମ୍ ବାଇକକୁ ଜବତ କରି ସୁରେଶକୁ ଥାନାକୁ ଆଣି ଅଟକ ରଖିଥିଲା।

# ସାରା ରାଜ୍ୟରେ ଇଣ୍ଡିଆମେଣ୍ଟର ଓଡ଼ିଶା ବନ୍ଦ ପ୍ରଭାବ




**ବୋଲଗଡ଼, ୮/୧୦(ନିପ୍ର):** ଇଣ୍ଡିଆ ମେଣ୍ଟ ପକ୍ଷରୁ ଆଜି ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ବୋଲଗଡ଼ ବ୍ଲକରେ ଆଂଶିକ ସଫଳ ହୋଇଛି। କଂଗ୍ରେସ ନେତା ତାରା ପ୍ରସାଦ ପଟ୍ଟନାୟକ, ସିପିଆଇ ସମ୍ପାଦକ ଅମୀୟ ପଟ୍ଟନାୟକ ଏବଂ ଆରିଫ ଉଦ୍ଦିନ ଖାଁଙ୍କ ନେତୃତ୍ୱରେ ଶତାଧିକ ଆନ୍ଦୋଳନକାରୀ ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିବା ସହ ବ୍ଲକ, ତହସିଲ କାର୍ଯ୍ୟାଳୟ, ବ୍ୟାଙ୍କ ଓ ଡାକଘର ସମ୍ମୁଖରେ ପିକେଟିଂ କରି ସେଗୁଡ଼ିକୁ ବନ୍ଦ ରଖିଥିଲେ। ଏହି ସମୟରେ ଖଣିଜ ଆଇନ ବାତିଲ, ମୁଖ୍ୟ ନିର୍ବାଚନ କମିଶନରଙ୍କ ବରଖାସ୍ତ ଏବଂ ବନ୍ୟା ପ୍ରପୀଡ଼ିତଙ୍କୁ ସହାୟତା ଦାବିରେ ନାରାବାଜି କରାଯାଇଥିଲା। ସ୍ଥାନୀୟ ବ୍ୟବସାୟୀମାନେ ଏହି ବନ୍ଦକୁ ନୈତିକ ସମର୍ଥନ ଜଣାଇଥିବା ବେଳେ ବୋଲଗଡ଼ ଓ ବାଙ୍କୋଇ ପୋଲିସ ବାହିନୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

**ଆସିକା:** ରାଜ୍ୟ କଂଗ୍ରେସର ଆହ୍ୱାନ କ୍ରମେ ଆଜି ଆସିକା କଂଗ୍ରେସ ଓ ସିପିଆଇଏମ୍ ପକ୍ଷରୁ ହୋଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଛି। କଂଗ୍ରେସ ନେତା ଦେବକାନ୍ତ ଶର୍ମା ଏବଂ ଆଇନଜୀବୀ ବିଦେଶୀ ନାହାକଙ୍କ ନେତୃତ୍ୱରେ ଶହ ଶହ କର୍ମୀ ବିଜୁ ପଟ୍ଟନାୟକ ଛକ ଓ ବସଷ୍ଟାଣ୍ଡ ଭଳି ମୁଖ୍ୟ ସ୍ଥାନଗୁଡ଼ିକରେ ରାସ୍ତାରୋକ କରିଥିଲେ। ଏହି ଆନ୍ଦୋଳନ ଯୋଗୁଁ ବ୍ରହ୍ମପୁର, ଭୁବନେଶ୍ୱର ଓ ନୟାଗଡ଼ ଆଦି ରୁଟ୍‌ରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ସହରର ସମସ୍ତ ଦୋକାନ ବଜାର, ସ୍କୁଲ, କଲେଜ, ବ୍ୟାଙ୍କ ଓ ସରକାରୀ ସଂସ୍ଥା ସମ୍ପୂର୍ଣ୍ଣ ସ୍ତବ୍ଧ ଥିଲା। ବୈଠକରେ ଖଣିଜ ଆଇନ ପ୍ରତ୍ୟାହାର ଓ ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିବା ବେଳେ ପ୍ରାୟ ୨୫ ବର୍ଷ ପରେ କଂଗ୍ରେସର ଏଭଳି ବଡ଼ ଜନସମାଗମ ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ରାଜନୈତିକ ଚର୍ଚ୍ଚାର ବିଷୟ ପାଲଟିଛି।

**ଧାମନଗର:** ଇଣ୍ଡିଆ ମେଣ୍ଟ ପକ୍ଷରୁ ଆଜି ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ଭଦ୍ରକ ଜିଲ୍ଲା ଧାମନଗର ଅଞ୍ଚଳରେ ମିଶ୍ରିତ ଭାବେ ଦେଖିବାକୁ ମିଳିଛି । ସକାଳୁ ଧାମନଗର ମୁଖ୍ୟ ବଜାର, ବିଜୁ ପଟ୍ଟନାୟକ ଛକ, ଧୁଷୁରୀ, ଅଶୁରାଳୀ ଓ ଦୋବଲ ବଜାର ଆଦି ସ୍ଥାନରେ ମେଣ୍ଟର କର୍ମୀମାନେ ପିକେଟିଂ କରିଥିଲେ । ବନ୍ଦ ଯୋଗୁଁ ଦୋକାନ ବଜାର ପ୍ରାରମ୍ଭିକ ଭାବେ ବନ୍ଦ ରହିବା ସହ ଯାନବାହନ ଚଳାଚଳ ଆଂଶିକ ବାଧାପ୍ରାପ୍ତ ହୋଇଥିଲା, ଯାହାଫଳରେ ସ୍କୁଲ ବସ୍ ଓ ଅଟୋ ଅଟକି ରହିଥିଲା । ତେବେ ଜରୁରୀକାଳୀନ ଚିକିତ୍ସା ସେବାକୁ ଏହି ବନ୍ଦରୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଥିଲା।

**ପାରଳାଖେମୁଣ୍ଡି:** ଇଣ୍ଡି ଗଠବନ୍ଧନ ପକ୍ଷରୁ ଆଜି ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାର ଆଂଶିକ ପ୍ରଭାବ ପାରଳାଖେମୁଣ୍ଡି ସହରରେ ପରିଲକ୍ଷିତ ହୋଇଛି। କଂଗ୍ରେସ, ସିପିଆଇ, ସିପିଏମ୍, ସିପିଆଇ(ଏମଏଲ) ଏବଂ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍‌ର ନେତା ଓ କର୍ମୀମାନେ ସହରର ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ସ୍କୁଲ ଓ କଲେଜ ସମ୍ମୁଖରେ ପିକେଟିଂ କରି ବନ୍ଦ ପାଳନ କରିଥିଲେ। ଏହି ଆନ୍ଦୋଳନରେ ଜିଲ୍ଲା କଂଗ୍ରେସ ସଭାପତି ଶଙ୍କର ପ୍ରଧାନ, ପି. ପାପାରାଓ, ଜସ୍ମିନ୍ ଶେଖ, ଫରୱାର୍ଡ ବ୍ଲକ୍‌ର ପାଇଲା ମୁରଲୀକୃଷ୍ଣ, ସିପିଆଇ(ଏମଏଲ)ର ତିରୁପତି ଗମାଙ୍ଗ ଏବଂ ସିପିଏମ୍‌ର ବି. ଚଳପତି ରାଓଙ୍କ ସମେତ ମେଣ୍ଟର ବହୁ ପ୍ରମୁଖ ନେତୃବୃନ୍ଦ ସକ୍ରିୟ ଅଂଶଗ୍ରହଣ କରିଥିଲେ।

**ଭାପୁର:** ବିରୋଧୀଙ୍କ ଆତ୍ମଘୋଷିତ ଭୋଟଚୋର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେସ କୁମାରଙ୍କ ଇସ୍ତଫା ଦାବିରେ ଇଣ୍ଡିଆ ମେଣ୍ଟ ଭାପୁର ଶାଖା ତରଫରୁ ଧର୍ମଘଟ ଡାକରାରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏମ.ଏମ.ଡି.ଆର.ବିଲକୁ ତୁରନ୍ତ ପ୍ରତ୍ୟାହୃତ କରିବା ସହିତ ଶିକ୍ଷା ବିଭାଗର ଗୁରୁତର ତ୍ରୁଟି ପାଇଁ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ଇସ୍ତଫା ଦାବୀ ଏବଂ ବନ୍ୟା ପ୍ରପୀଡ଼ିତ ଲୋକ ମାନଙ୍କୁ ସହାୟତା ଦାବିରେ ଧର୍ମଘଟ ହୋଇଥିଲା। ବରିଷ୍ଠ ଆଇନଜିବୀ ତଥା କୃଷକ ନେତା ଗଙ୍ଗାଧର ପଣ୍ଡାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ବିକ୍ଷୋଭ କରିଥିଲେ।

**ରେଢ଼ାଖୋଲ:** ଇଣ୍ଡିଆ ମେଣ୍ଟ ଓ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରାକୁ ସମର୍ଥନ ଜଣାଇ ଆଜି ରେଢ଼ାଖୋଲ ସହରରେ କଂଗ୍ରେସ କମିଟି ପକ୍ଷରୁ ଜୋରଦାର ପ୍ରତିବାଦ କରାଯାଇଛି। ସକାଳୁ ସହରର ପ୍ରମୁଖ ଭୀମଭୋଇ ଛକଠାରେ କଂଗ୍ରେସ କର୍ମୀମାନେ ରାସ୍ତା ମଝିରେ ବସି ରହି 'ଚକାଜାମ' କରିବା ସହ ସମସ୍ତ ପ୍ରକାର ଯାନବାହନ ଚଳାଚଳକୁ ସମ୍ପୂର୍ଣ୍ଣ ଠପ୍ କରିଦେଇଥିଲେ। ବନ୍ଦ ପ୍ରଭାବରେ ସହରର ଦୋକାନ ବଜାର ମଧ୍ୟ ବନ୍ଦ ରହିଥିବାରୁ ସାଧାରଣ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା। ତେବେ ଆନ୍ଦୋଳନ ଚାଲିଥିବା ସମୟରେ ପୋଲିସ ହସ୍ତକ୍ଷେପକୁ କେନ୍ଦ୍ର କରି ପରିସ୍ଥିତି କିଛି ସମୟ ପାଇଁ ବେଶ୍ ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା।

**ବାଙ୍କୀ:** ରାଜ୍ୟ କଂଗ୍ରେସର ଆହ୍ୱାନକ୍ରମେ ଆଜି ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରାର ବ୍ୟାପକ ପ୍ରଭାବ ବାଙ୍କୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଦେଖିବାକୁ ମିଳିଛି। ବନ୍ଦ ପ୍ରଭାବରେ ବାଙ୍କୀ ସହର ସମେତ କଳାପଥର, ପତନୀ ଛକ, ବୈଦ୍ୟେଶ୍ୱର, ବ୍ରାହ୍ମପୁରା ଏବଂ କିଆପଲ୍ଲୀ ତାରିଣୀ ଛକ ଅଞ୍ଚଳର ସମସ୍ତ ଦୋକାନ ବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବା ଯୋଗୁଁ ସାଧାରଣ ଜନଜୀବନ ପ୍ରଭାବିତ ହୋଇଛି। ପୂର୍ବତନ ବିଧାୟକ ତଥା ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ଡକ୍ଟର ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ସକାଳୁ ବିଭିନ୍ନ ପ୍ରମୁଖ ଛକରେ ପିକେଟିଂ କରିବା ସହ ବାଉଁଶ ବାନ୍ଧି ରାସ୍ତା ଅବରୋଧ କରିଥିଲେ। ଏହାପରେ ଡକ୍ଟର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରି ବନ୍ଦକୁ ଶାନ୍ତିପୂର୍ଣ୍ଣ ସଫଳ କରିବାରେ ସହଯୋଗ କରିଥିବା ବାଙ୍କୀବାସୀଙ୍କୁ ଧନ୍ୟବାଦ ଜଣାଇଥିଲା।

**ଟାଙ୍ଗୀ:** ୪ ଦଫା ଦାବି ନେଇ ଇଣ୍ଡି ମେଣ୍ଟ ପକ୍ଷରୁ ଆଜି ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରାର ବ୍ୟାପକ ପ୍ରଭାବ ଟାଙ୍ଗୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଦେଖିବାକୁ ମିଳିଛି । ବନ୍ଦ ପ୍ରଭାବରେ ଟାଙ୍ଗୀ ସହର ସମେତ ଚାନ୍ଦପୁର, କୁହୁଡି, ଭୂଷଣ୍ଡପୁର, ବାଲିପାଟପୁର, କନ୍ତଳବାଇ, ମଙ୍ଗଳାଯୋଡି ଓ ସୁନ୍ଦରପୁର ଆଦି ବିଭିନ୍ନ ଅଞ୍ଚଳରେ ଜନଜୀବନ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି । ଟାଙ୍ଗୀ ବ୍ଲକ କଂଗ୍ରେସ ଓ ସିପିଆଇ(ଏମ୍) ପକ୍ଷରୁ ଏକ ମିଳିତ ରାଲି ସ୍ଥାନୀୟ ଶ୍ରୀ ବଳରାମଦେବଙ୍କ ମନ୍ଦିର ପରିସରରୁ ବାହାରି ସହର ପରିକ୍ରମା କରିଥିଲା । ଆନ୍ଦୋଳନକାରୀମାନେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ସ୍କୁଲ, କଲେଜ,



ସରକାରୀ କାର୍ଯ୍ୟାଳୟ ଓ ରାଷ୍ଟ୍ରାୟତ ବ୍ୟାଙ୍କଗୁଡ଼ିକୁ ପିକେଟିଂ କରି ସମ୍ପୂର୍ଣ୍ଣ ବନ୍ଦ କରିଥିଲେ । ଜରୁରୀକାଳୀନ ସେବାକୁ ବାଦ୍ ଦେଲେ ସମସ୍ତ ଯାତ୍ରୀବାହୀ ବସ୍ ଓ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ରହିଥିଲା। ଏହି ବନ୍ଦ ରାଲିରେ ବ୍ଲକ କଂଗ୍ରେସ ସଭାପତି ଶିଶିର କୁମାର ପଟ୍ଟନାୟକ, ଟାଙ୍ଗୀ ଏନଏସି କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ସିପିଆଇ(ଏମ୍) ନେତା ଗିରିଶ ଚନ୍ଦ୍ର ମହାରଣା, ମନୋଜ ପଟ୍ଟନାୟକ, ନିଳକଣ୍ଠ ସିଂ ଓ ବାସୁଦେବ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

**ଭଦ୍ରକ:** ଇଣ୍ଡି ମେଣ୍ଟ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରାର ଗଭୀର ପ୍ରଭାବ ଆଜି ଭଦ୍ରକ ଜିଲ୍ଲାରେ ଦେଖିବାକୁ ମିଳିଛି । ବନ୍ଦ ପ୍ରଭାବରେ ସହରର ସମସ୍ତ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ କୋର୍ଟ ସମ୍ମୁଖରେ ପିକେଟିଂ ଯୋଗୁଁ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଥିଲା । ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି, ସିପିଆଇ(ଏମ୍) ନେତା ଦିବ୍ୟସିଂହ ନାୟକ ଓ ସିପିଆଇ(ଏମ୍‌ଏଲ୍) ନେତା ସମର ବଳଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବନ୍ତ ଛକଠାରେ ଟାୟାର ଜାଳି ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ, ଯାହାଫଳରେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ଯୁବ କଂଗ୍ରେସ ସଭାପତି ବଳରାମ ରାଉତଙ୍କ ନେତୃତ୍ୱରେ ଏକ ବିଶାଳ ବାଇକ୍ ରାଲି ବାହାରି ଚରମ୍ପା ରେଳ ଷ୍ଟେସନରେ ବ୍ୟାରିକେଡ୍ ଭାଙ୍ଗି ପ୍ରବେଶ କରିବା ସହ ରେଳରୋକ କରିଥିଲା, ଯାହାଦ୍ୱାରା କେତେକ ଟ୍ରେନ୍ ଚଳାଚଳ ବିଳମ୍ବିତ ହୋଇଥିଲା।

**କୁଚିଣ୍ଡା:** ଇଣ୍ଡି ମେଣ୍ଟ ଡାକରାରେ କଂଗ୍ରେସ ଦଳ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦର ବ୍ୟାପକ ପ୍ରଭାବ ଆଜି ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡରେ ଦେଖିବାକୁ ମିଳିଛି । ସକାଳୁ କଂଗ୍ରେସ କର୍ମୀମାନେ ପିକେଟିଂ କରି ସହରର ସମସ୍ତ ଦୋକାନ ବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଏବଂ ପୋଷ୍ଟ ଅଫିସ୍ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ। ବନ୍ଦ ଯୋଗୁଁ ଯାତ୍ରୀବାହୀ ବସ୍ ସମେତ ସମସ୍ତ ପ୍ରକାର ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଥିଲା । ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ପ୍ରତ୍ୟାହାର, ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଓ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ସମେତ ବନ୍ୟା ବିପନ୍ନଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ ଦାବିରେ ଏହି ବନ୍ଦ ପାଳନ କରାଯାଇଛି। ଆନ୍ଦୋଳନକାରୀମାନେ ୪୯ ନମ୍ବର ଜାତୀୟ ରାଜପଥ ବାଇପାସ୍ ଛକ ଏବଂ ବସଷ୍ଟାଣ୍ଡ ଭଳି ପ୍ରମୁଖ ସ୍ଥାନଗୁଡ଼ିକରେ ଶାନ୍ତିପୂର୍ଣ୍ଣ ଭାବେ ରାସ୍ତାରୋକ କରିଥିଲେ ।



**ଜଟଣୀ:** ଇଣ୍ଡିଆ ମେଣ୍ଟ ଓ ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନକ୍ରମେ ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦର ବ୍ୟାପକ ପ୍ରଭାବ ଆଜି ଜଟଣୀ ସହରରେ ଅନୁଭୂତ ହୋଇଛି । ପିସିସି ସମ୍ପାଦକ ଅଶୋକ ମଙ୍ଗରାଜଙ୍କ ନେତୃତ୍ୱରେ କଂଗ୍ରେସ ଓ ସିପିଆଇଏମ୍‌ର କର୍ମୀମାନେ ସକାଳ ୭ଟାରେ ସୀତାରାମ ଛକଠାରେ ଏକତ୍ରିତ ହୋଇ ପିକେଟିଂ କରିବା ସହ ରାସ୍ତା ଅବରୋଧ କରିଥିଲେ । ଖଣିଜ ଆଇନ ପ୍ରତ୍ୟାହାର, ନିର୍ବାଚନ କମିଶନରଙ୍କ ବହିଷ୍କାର, ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଏବଂ ବନ୍ୟା ବିପନ୍ନଙ୍କୁ ସହାୟତା ଦାବିରେ ଏହି ପ୍ରତିବାଦ କରାଯାଇଛି । ବନ୍ଦ ଯୋଗୁଁ ସହରର ଦୋକାନ ବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ରହିଥିଲା । ତେବେ ସାଧାରଣ ଲୋକଙ୍କ ସୁବିଧା ପାଇଁ ସ୍କୁଲ, ମେଡିକାଲ ଓ ଅତ୍ୟାବଶ୍ୟକ ଜରୁରୀକାଳୀନ ପରିବହନ ସେବାକୁ ବନ୍ଦରୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ଶିବ ପ୍ରସାଦ ଦାସ, ସିପିଆଇଏମ୍ ନେତା ନିରଞ୍ଜନ ବେହେରା ଓ ମନ୍ମଥ ଡାକୁଆଙ୍କ ସମେତ ବହୁ ସଂଖ୍ୟାରେ କର୍ମୀ ସାମିଲ ଥିଲେ ।

**ତିଗିରିଆ:** ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବହିଷ୍କାର ଏବଂ ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି କଂଗ୍ରେସ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଆଜି ତିଗିରିଆ ଅଞ୍ଚଳରେ ସଫଳ ହୋଇଛି । ଦଳର ଏହି ଆହ୍ୱାନକୁ ସମର୍ଥନ ଜଣାଇ ସ୍ଥାନୀୟ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ନିଜ ନିଜର ଦୋକାନ ବଜାର ସ୍ୱତଃସ୍ଫୂର୍ତ୍ତ ଭାବେ ବନ୍ଦ ରଖିଥିଲେ । ବନ୍ଦ ପାଳନ ବେଳେ କଂଗ୍ରେସ କର୍ମୀମାନେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକୁ ପିକେଟିଂ କରି ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ। ଆନ୍ଦୋଳନକାରୀମାନେ ତିଗିରିଆ ମୁଖ୍ୟ ବଜାର ଠାରେ ରାସ୍ତା ଉପରେ ବସି ରହି ୬୫ ନମ୍ବର ରାଜ୍ୟ ରାଜପଥକୁ ସମ୍ପୂର୍ଣ୍ଣ ଅବରୋଧ କରିଥିଲେ, ଯାହାଫଳରେ ଗାଡ଼ି ଚଳାଚଳ କିଛି ସମୟ ପାଇଁ ଠପ୍ ହୋଇଯାଇଥିଲା । ତେବେ ପରବର୍ତ୍ତୀ ସମୟରେ ପୋଲିସର ପ୍ରତ୍ୟକ୍ଷ ହସ୍ତକ୍ଷେପ ଓ ବୁଝାସୁଝା ପରେ ରାସ୍ତାରୁ ଅବରୋଧ ହଟିଥିଲା ଏବଂ ଯାନବାହନ ଚଳାଚଳ ପୁନଃ ସ୍ୱାଭାବିକ ହୋଇଥିଲା ।

**ପାରଳାଖେମୁଣ୍ଡି:** କେନ୍ଦ୍ର ସରକାରଙ୍କ ଆଇନ ଓ ଭୋଟ ଚୋରି ଅଭିଯୋଗରେ ଇଣ୍ଡି ମେଣ୍ଟର ଓଡ଼ିଶା ବନ୍ଦ ଡାକରା । ଗଜପତି ଜିଲ୍ଲାରେ ଦୋକାନ ବଜାର ସ୍କୁଲ କଲେଜ ଅଫିସ ବ୍ୟାଙ୍କ ଓ ଯାନବାହନ ଚଳାଚଳ ବନ୍ଦ ପ୍ରଭାବରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହୋଇ ଥିଲେ। ବିଭିନ୍ନ ସ୍ଥାନରେ ରାସ୍ତା ରୋକ କଲେ ବିକ୍ଷୋଭକାରୀମାନେ।

**ଭବାନୀପାଟଣା:** ଇଣ୍ଡିଆ ମେଣ୍ଟ ଓ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବିଭିନ୍ନ ଦାବି ନେଇ ଆଜି ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରାର ବ୍ୟାପକ ପ୍ରଭାବ କଳାହାଣ୍ଡି ଜିଲ୍ଲାରେ ଦେଖିବାକୁ ମିଳିଛି। କଂଗ୍ରେସ, କମ୍ୟୁନିଷ୍ଟ ଦଳ, ସମାଜବାଦୀ ପାର୍ଟି ଏବଂ ସିପିଆଇ(ଏମ୍)ର କର୍ମୀମାନେ ସକାଳୁ ଭବାନୀପାଟଣା ସହରର ବିଭିନ୍ନ ପ୍ରମୁଖ ଛକରେ ପିକେଟିଂ କରି ବନ୍ଦ ପାଳନ କରିଥିଲେ। ବନ୍ଦ ପ୍ରଭାବରେ ଯାତ୍ରୀବାହୀ ବସ୍ ସମେତ ଯାନବାହନ ଚଳାଚଳ, ଦୋକାନ ବଜାର, ସ୍କୁଲ, କଲେଜ, ବ୍ୟାଙ୍କ ଓ ସରକାରୀ କାର୍ଯ୍ୟାଳୟଗୁଡ଼ିକ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଆନ୍ଦୋଳନକାରୀମାନେ ଭବାନୀପାଟଣା ସହରର କଲେଜ ଛକ, ନକଟିଗୁଡ଼ା ଛକ, ଘୋଡ଼ାଘାଟ ଛକ ଓ ହସ୍ପିଟାଲ ଛକ ଆଦି ମୁଖ୍ୟ ରାସ୍ତାଗୁଡ଼ିକୁ ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଅବରୋଧ କରି ରଖିଥିଲେ।

**ଗୁଣପୁର:** ଇଣ୍ଡିଆ ମେଣ୍ଟ ପକ୍ଷରୁ ୪ ଦଫା ଦାବି ନେଇ ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରାର ବ୍ୟାପକ ପ୍ରଭାବ ଆଜି ଗୁଣପୁର ସହରରେ ଦେଖିବାକୁ ମିଳିଛି । ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଏବଂ ସିପିଆଇ (ଏମ୍‌ଏଲ୍) ଲିବରେସନ ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ମିଳିତ ନେତୃତ୍ୱରେ ମେଣ୍ଟର କର୍ମୀମାନେ ଗୁଣପୁର ବାଇପାସ୍ ଛକଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଏହାଫଳରେ ସାଧାରଣ ଯାତାୟାତ ସହ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା ।

**ଆଠଗଡ:** ଇଣ୍ଡିମେଣ୍ଟର ଆହ୍ୱାନକ୍ରମେ ୪ ଦଫା ଦାବି ନେଇ ଆଜି ଆଠଗଡ଼ କଂଗ୍ରେସ ପକ୍ଷରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ସମ୍ପୂର୍ଣ୍ଣ ସଫଳ ହୋଇଛି । ବନ୍ଦ ପ୍ରଭାବରେ ସ୍ଥାନୀୟ ଅଞ୍ଚଳରେ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଏବଂ ଚାରିଚକିଆ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ତେବେ ସାଧାରଣ ଲୋକଙ୍କ ସୁବିଧା ପାଇଁ ଜରୁରୀକାଳୀନ ସେବାଗୁଡ଼ିକୁ ଏହି ବନ୍ଦରୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଥିଲା। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବହିଷ୍କାର, ଏମ୍‌ଏମ୍ଡିଆର୍ ବିଲ୍ ରଦ୍ଦ, ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଏବଂ ବନ୍ୟା ବିପନ୍ନଙ୍କୁ ପର୍ଯ୍ୟାପ୍ତ ସହାୟତା ପ୍ରଦାନ ଦାବିରେ ଏହି ପ୍ରତିବାଦ କରାଯାଇଛି ।

# ପୂର୍ବତଟ ରେଳପଥର ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ



**ଭୁବନେଶ୍ୱର,୮/୧୦(ପିଆଇବି):** ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ରେ ପଣ୍ୟ ବୋଝେଇ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ୧୨୦.୭୬ ମିଲିୟନ ଟନ୍(ଏମ୍‌ଟି) ପଣ୍ୟ ବୋଝେଇ କରିଛି। ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଏହା ୧୧୬.୭୮ ମିଲିୟନ ଟନ୍ ଥିବାବେଳେ, ଚଳିତ ବର୍ଷ ପଣ୍ୟ ବୋଝେଇରେ ୩.୪% ଅଭିବୃଦ୍ଧି ହାସଲ ହୋଇଛି। ପୂର୍ବତଟ ରେଳପଥ ଦ୍ୱାରା ନିରନ୍ତର ଏବଂ ସମନ୍ୱିତ ପ୍ରଚେଷ୍ଟା, ଦକ୍ଷ ପଣ୍ୟ ପରିବହନ ପରିଚାଳନା ଏବଂ ପଣ୍ୟ ବୋଝେଇ କାର୍ଯ୍ୟର ନିରବଚ୍ଛିନ୍ନତା ସୁନିଶ୍ଚିତ କରିବା ଦ୍ୱାରା ଏହି ଅଭିବୃଦ୍ଧି ସମ୍ଭବ ହୋଇପାରିଛି। ପ୍ରଭାବଶାଳୀ ଯୋଜନା, ବିଭିନ୍ନ ହିତଧାରୀଙ୍କ ସହ ଘନିଷ୍ଠ ସମନ୍ୱୟ ଏବଂ ମଣ୍ଡଳଗୁଡ଼ିକରେ ପଣ୍ୟ ପରିବହନ କାର୍ଯ୍ୟର ସୁଦକ୍ଷ ପରିଚାଳନା ମାଧ୍ୟମରେ ପୂର୍ବତଟ ରେଳପଥ ପଣ୍ୟ ବୋଝେଇ ଓ ପରିବହନକୁ ସ୍ଥିର ରଖିବା ସହ ସାମଗ୍ରିକ ପଣ୍ୟ ପରିବହନ ପ୍ରଦର୍ଶନରେ ଅଭିବୃଦ୍ଧି ହାସଲ କରିଛି। ମଣ୍ଡଳଗୁଡ଼ିକର ଉଲ୍ଲେଖନୀୟ ପ୍ରଦର୍ଶନ ତିନୋଟି ମଣ୍ଡଳ ମଧ୍ୟରୁ, ଖୋର୍ଦ୍ଧା ରୋଡ୍ ମଣ୍ଡଳ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ୮୭.୬୪ ମିଲିୟନ ଟନ୍ ପଣ୍ୟ ବୋଝେଇ କରି ଗତବର୍ଷ ତୁଳନାରେ ୧.୭% ଅଭିବୃଦ୍ଧି ହାସଲ କରିଛି। ରାୟଗଡ଼ା ମଣ୍ଡଳ ୧୯.୯୭ ମିଲିୟନ ଟନ୍ ପଣ୍ୟ ବୋଝେଇ କରି ୮.୮% ଅଭିବୃଦ୍ଧି ହାସଲ କରିଥିବାବେଳେ, ସମ୍ବଲପୁର ମଣ୍ଡଳ ୧୩.୧୫ ମିଲିୟନ ଟନ୍ ପଣ୍ୟ ବୋଝେଇ କରି ୭.୩% ଅଭିବୃଦ୍ଧି ହାସଲ କରିଛି।

# ଅନୁଗୋଳ ଓ ଢେଙ୍କାନାଳରେ ଟାଟାଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ 'ରାଷ୍ଟ୍ରୀୟ ପୋଷଣ ମାସ'



**ଅନୁଗୋଳ, ୮/୧୦(ନିପ୍ର):** ଟାଟା ଷ୍ଟିଲ ଫାଉଣ୍ଡେସନ୍ (ଟିଏସ୍ଏଫ୍) ପକ୍ଷରୁ ଅନୁଗୋଳ ଜିଲ୍ଲା ବଣଁରପାଳ ବ୍ଲକର ନୂଆହତା ଏବଂ ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକର ମଙ୍ଗଳପୁର, ବଳରାମପୁର, ସିମିନଇ, ନାଧରା ଓ କଳଙ୍ଗା ପଞ୍ଚାୟତରେ ନବମ 'ରାଷ୍ଟ୍ରୀୟ ପୋଷଣ ମାସ' ମହାସମାରୋହରେ ପାଳିତ ହୋଇଯାଇଛି। 'ଆମ ଅଙ୍ଗନବାଡ଼ି, ଆମ ଦାୟିତ୍ୱ' ବିଷୟବସ୍ତୁ ଉପରେ ଆଧାରିତ ଏହି ଅଭିଯାନରେ ପ୍ରାୟ ୫୪୦ ଜଣ ଗର୍ଭବତୀ, ପ୍ରସୂତି ମହିଳା ଓ କିଶୋରୀ ଅଂଶଗ୍ରହଣ କରିଥିଲେ। ବିଶେଷ କରି କଳଙ୍ଗା ପଞ୍ଚାୟତର ଜୁଆଙ୍ଗ ସମ୍ପ୍ରଦାୟ ପାଇଁ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଖାଦ୍ୟ ବିବିଧତା, ସଠିକ୍ ପୋଷଣ, ସ୍ତନ୍ୟପାନ ଏବଂ ସ୍ୱଚ୍ଛତା ଉପରେ ଆଲୋଚନା କରାଯିବା ସହ ଅପପୁଷ୍ଟି ନିରାକରଣ ଓ 'ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା' ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ସଚେତନତା ବୃଦ୍ଧି ପାଇଁ ଏକ ସ୍ୱତନ୍ତ୍ର ନାଟକ, ପୋଷଣ ପ୍ରଦର୍ଶନୀ, କୁଇଜ୍ ଏବଂ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ୱାସ୍ଥ୍ୟ ସୁପରଭାଇଜର ସନ୍ତୋଷ କୁମାର ମହାରଣା, ମାତୃପ୍ରସାଦ ମହାପାତ୍ର, ଏଏନ୍‌ଏମ୍, ଆଶା ଓ ଅଙ୍ଗନବାଡ଼ି କର୍ମୀମାନେ ପ୍ରମୁଖ ସହଯୋଗ କରିଥିଲେ।

# ବିରୋଧୀଙ୍କ ବନ୍ଦ ପାଳନ ସମ୍ପୂର୍ଣ୍ଣ ବିଫଳ, ହିଂସାତ୍ମକ ଆଚରଣ ନିନ୍ଦନୀୟ: ଅନୀଲ ବିଶ୍ୱାଳ



**ଭୁବନେଶ୍ୱର, ୮/୧୦(ନିପ୍ର):** କଂଗ୍ରେସ ଓ ବାମ ଦଳ ଦ୍ୱାରା ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାକୁ ରାଜ୍ୟବାସୀ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ସାରା ଓଡ଼ିଶାରେ ଜନଜୀବନ ସ୍ୱାଭାବିକ ଥିଲା ବୋଲି ବିଜେପି ରାଜ୍ୟ ମୁଖପାତ୍ର ଶ୍ରୀ ଅନୀଲ ବିଶ୍ୱାଳ ଏକ ପ୍ରେସ୍ ବିବୃତିରେ କହିଛନ୍ତି। ଯେଉଁ ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ରାସ୍ତାକୁ ଓହ୍ଲାଇଥିଲେ, ତାହାକୁ ସାଧାରଣ ଲୋକଙ୍କ ସମର୍ଥନ ମିଳିନାହିଁ ଏବଂ କେତେକ ସ୍ଥାନରେ କଂଗ୍ରେସ ଓ ବାମ ଦଳର କର୍ମୀମାନେ ଆତଙ୍କରାଜ ସୃଷ୍ଟି କରି ସାଧାରଣ ଜନତାଙ୍କୁ ଭୟଭୀତ କରିଥିବା ସେ ଅଭିଯୋଗ କରିଛନ୍ତି। ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ନାଁରେ କୋର୍ଟ ଓ ଡାକ୍ତରଖାନା ଯାଉଥିବା ଲୋକଙ୍କ ସମେତ ସ୍କୁଲ ପିଲା ଏବଂ ଗର୍ଭବତୀ ମହିଳାମାନଙ୍କୁ ମଧ୍ୟ ଅଟକାଇ ଅରାଜକ ଆଚରଣ ପ୍ରଦର୍ଶନ କରାଯାଇଛି, ଯାହା ସୁପ୍ରିମକୋର୍ଟଙ୍କ ବନ୍ଦ ବିରୋଧୀ ରାୟର ସ୍ପଷ୍ଟ ଉଲ୍ଲଙ୍ଘନ। ଭୋଟ ଚୋରିର ନାରା ଦେଉଥିବା କଂଗ୍ରେସ ଓ ବାମ ଦଳ ନିର୍ବାଚନ ପରେ ନିର୍ବାଚନ ନିଜର ଭୋଟ ପ୍ରତିଶତ ହରାଉଛନ୍ତି । ବାସ୍ତବରେ ଓଡ଼ିଶାର ଜନସାଧାରଣ ଆଉ ଚୋରଙ୍କୁ ଭୋଟ ଦେଉନାହାନ୍ତି ଏବଂ ଆଜିର ଏହି ବିଫଳ ବନ୍ଦ ହିଁ ବିରୋଧୀଙ୍କ ପ୍ରତି ଲୋକଙ୍କ ଉଚିତ ଜବାବ ବୋଲି ସେ ପ୍ରକାଶ କରିଛନ୍ତି ।

# ପୁରୀ ଜିଲ୍ଲା ସ୍କୁଲରେ ବିଶ୍ୱ ଦୃଷ୍ଟି ଦିବସ

**ପୁରୀ,୮/୧୦(ନିପ୍ର):** ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲା ସ୍କୁଲ୍ ପରିସରରେ ଜିଲ୍ଲା ସ୍ତରୀୟ ବିଶ୍ୱ ଦୃଷ୍ଟି ଦିବସ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏହି ଅଭିଯାନର ମୁଖ୍ୟ ଆଭିମୁଖ୍ୟ 'ନିଜ ଆଖିକୁ ଭଲ ପାଆନ୍ତୁ ଓ ଏହାର ଯତ୍ନ ନିଅନ୍ତୁ' ରଖାଯାଇଥିଲା। ଶ୍ରୀ ଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ପ୍ରଫେସର ଡାକ୍ତର ରାଜେନ୍ଦ୍ର କୁମାର ବେହେରା ଏଥିରେ ମୁଖ୍ୟ ଅତିଥି ଏବଂ ଚକ୍ଷୁ ଚିକିତ୍ସା ବିଶେଷଜ୍ଞ ଡାକ୍ତର ଅର୍ଚ୍ଚନା ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡିଜିଟାଲ୍ ଯୁଗରେ ଚକ୍ଷୁ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚକ୍ଷୁ ଯତ୍ନ ସମ୍ପର୍କିତ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ କରାଯାଇଥିଲା। ଏହି ଅବସରରେ ମୋବାଇଲ-କମ୍ପ୍ୟୁଟର ବ୍ୟବହାର ସମୟରେ ଆଖିକୁ ବିରତି ଦେବା, ଆଖିର ସମସ୍ୟାକୁ ଅଣଦେଖା ନକରି ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବା ଏବଂ ବର୍ଷକୁ ଅନ୍ତତଃ ଥରେ ଚକ୍ଷୁ ପରୀକ୍ଷା କରାଇବା ପାଇଁ ଜରୁରୀ ପରାମର୍ଶ ଦିଆଯାଇଥିଲା।

# ଓଡ଼ିଶା ବନ୍ଦ ବେଳେ ବିଜେପି-କଂଗ୍ରେସ ମୁହାଁମୁହିଁ




**ହିଞ୍ଜିଳିକାଟୁ, ୮/୧୦(ନିପ୍ର):** ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ସମୟରେ ହିଞ୍ଜିଳିଠାରେ ଗ୍ୟାସ ଗାଡ଼ି ଅଟକାଇବାକୁ କେନ୍ଦ୍ର କରି ବିଜେପି ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ପ୍ରବଳ ଧସ୍ତାଧସ୍ତି ଓ ମାରପିଟ୍ ହୋଇଥିବା ଅଭିଯୋଗ ହୋଇଛି । କଂଗ୍ରେସ ଜିଲ୍ଲା ଉପସଭାପତି ସୁନାରାମ ସାବତ ବନ୍ଦ କରାଉଥିବା ବେଳେ ବିଜେପି ମଣ୍ଡଳ ସଭାପତି ରବୀନ୍ଦ୍ର ପାଣିଗ୍ରାହୀ ଏହାର ଭିଡିଓ ରେକର୍ଡିଂ କରିବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଘଟଣା ପରେ ହିଞ୍ଜିଳି ପୋଲିସ କଂଗ୍ରେସ ନେତା ଶ୍ରୀ ସାବତଙ୍କୁ ଥାନାରେ ଅଟକ ରଖିବା ପ୍ରତିବାଦରେ ଏବଂ ଅଭିଯୁକ୍ତ ବିଜେପି ନେତାଙ୍କ ଗିରଫ ଦାବିରେ ଜିଲ୍ଲା ସଭାପତି ଦଣ୍ଡପାଣି ପାତ୍ର ଓ ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ପାଢ଼ୀଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ହିଞ୍ଜିଳି ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି । ବିଜେପିର ଏଭଳି ଆଚରଣକୁ ବିଜେଡି ଓ ଆପ୍ ନେତୃବୃନ୍ଦ ମଧ୍ୟ ତୀବ୍ର ନିନ୍ଦା କରିବା ସହ ଥାନା ଅଧିକାରୀ ଶ୍ରୀନିବାସ ସେଠୀଙ୍କୁ ଭେଟି ନିରପେକ୍ଷ ତଦନ୍ତ ପାଇଁ ଦାବି କରିଛନ୍ତି ।

# ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିର୍ବାଚନ ସ୍ଥଗିତ

**ଯାଜପୁର, ୮/୧୦:** ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ବଡ ଆହ୍ୱାନ । ଅପ୍ରିତୀକର ପରିସ୍ଥିତି ଉପୁଜିବାରୁ ଲଢିପାରିବେନି ନିର୍ବାଚନ । ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିର୍ବାଚନ ସ୍ଥଗିତ । ବୋମା ମାଡ ପରେ ଛାତ୍ର ସଂସଦ ନିର୍ବାଚନ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଛନ୍ତି କଲେଜ ଅଧକ୍ଷ । ଅନିର୍ଦ୍ଦିଷ୍ଟ କାଳ ପାଇଁ କଲେଜ ସାଇନ-ଏ-ଡାଏ ଘୋଷଣା କରାଗଲା । ଏଥି ସହ ଆସନ୍ତାକାଲି ସକାଳ ସୁଦ୍ଧା ପିଲାଙ୍କୁ ହଷ୍ଟେଲ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନା ଥାଉ କି, ଗତକାଲି ରାତିରେ ପ୍ରିନ୍ସପାଲଙ୍କ ଚାମ୍ବରରେ ବୋମାମାଡ ହୋଇଥିଲା ।ଏହି ଖବର ପ୍ରିନ୍ସପାଲ ତୁରନ୍ତ ଯାଜପୁର ରୋଡ ପୋଲିସକୁ ସୂଚନା ଦେଇଥିଲେ । ସୂଚନା ପାଇ ଯାଜପୁର ରୋଡ ଥାନା ଅଧିକାରୀ ଆଶିଷ କୁମାର ସାହୁ ଘଟଣା ସ୍ଥଳରେ ପହଞ୍ଚି ଅଫୁଟା ବୋମା ଗୁଡିକୁ ଜବତ କରିଥିଲେ ।


**AFFIDAVIT**

I, Laxmi Muduli, aged about 32 years, W/o Prahallad Muduli, Resident of Dhadriguda, Konga, Jeypore,Dist. Koraput - 764055, Odisha, do hereby declare that by virtue of an Affidavit executed before the Notary Public, Bhubaneswar on dated 07.10.2026, I have changed the name of my minor son from Sima Muduli to Somesh Muduli. Henceforth, my minor son shall be known and addressed as Somesh Muduli for all official, legal, educational, and future purposes.

Sd/-Laxmi Muduli

**AFFIDAVIT**

By virtue of an affidavit sworn before The Executive Magistrate, Pipili dtd.05.10.2026, I, Pravasini Pradhan W/o-Bishnu Prasad Tanga, At/Po-Dandamukundapur, Ps-Pipili, Dist-Puri, Pin-752104 do hereby declare that, I have changed the name of my daughter's from Bishnuprava Ray to Bishnuprava Tanga. Henceforth she shall be known as Bishnuprava Tanga for all purposes.

Sd/-Pravasini Pradhan

**AFFIDAVIT**

By virtue of an affidavit sworn before The Executive Magistrate, Nimapara affidavit no.11 dt.21.09.2026, I Rashmirekha Moharana W/o-Balaram Moharana, At-Mouzibeg, Po/Ps-Balanga, Dist-Puri, Odisha, Pin-752105 do hereby declare that, I have changed the name of my son's from Sbhubhrajit Moharana to Subhrajit Moharana. Henceforth he will be known as Subhrajit Moharana for all purposes.

Sd/-Rashmirekha Moharana

**AFFIDAVIT**

By virtue of an affidavit sworn before the Executive Magistrate, Banpur, dated 01/10/2026, I, Magu Pradhan s/o-Bauri Pradhan,At-Matiapokhari, p.o-Sanahantuad, p. S. -Banpur, Dist-Khordha, Odisha, pin- 752031,declare that I have changed my name from Maguni Pradhan to Magu Pradhan. Henceforth, I shall be known as Magu Pradhan For all purposes.

Sd-Magu Pradhan

**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/KUR/EP/2026-27/11, ତା.06.10.2026ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି ।

କ୍ରମ ସଂ. 01 : ଟେଣ୍ଡର ସଂ. 81266391, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଆଇଟମ୍ ବିବରଣୀ ଅନୁଯାୟୀ ମାଇକ୍ରୋ କଣ୍ଟ୍ରୋଲର ଆଧାରିତ ଇଲେକ୍ଟ୍ରୋନିକ ଭିଡ଼ ଇଣ୍ଡିକେଟିଙ୍ଗ ଏବଂ ରେକର୍ଡିଙ୍ଗ ସିଷ୍ଟମର ଯୋଗାଣ, ସଂସ୍ଥାପନ ଓ ପ୍ରଚଳନ, ପରିମାଣ : 20 ସେଟ୍ ।

କ୍ରମ ସଂ. 02 : ଟେଣ୍ଡର ସଂ. KUR-TADK-2026-1, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଅନୁସୂଚୀ ଅନୁଯାୟୀ ଶ୍ରମ ଦିବସ ଆଧାରରେ 32 ଜଣ ପରିଚାରକ (Attendant)ମାନଙ୍କ ସେବା ଭଡ଼ା ସୂତ୍ରରେ ନେବା, ପରିମାଣ : ଅନୁସୂଚୀ ଅନୁଯାୟୀ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 02.11.2026, 1500 ଘଟିକାରେ (କ୍ରମ ସଂ. 1 ପାଇଁ) ଏବଂ 26.10.2026, 1500 ଘଟିକାରେ (କ୍ରମ ସଂ. 2 ପାଇଁ) ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-486/R/26-27

**OFFICE OF THE MUNICIPAL COUNCIL, TALACHER**

DIST :- ANUGOLA 13001/2105/2627

Phone No.- (06760) 240259 E-Mail ID : e.o.talcher@gmail.com

No.323/ Date. 05/10/2026

**EXPRESSION OF INTEREST**

Expression of Interest in sealed cover are invited from the intending Architectural farms/Regd. Engineering farms/ Consultant farms for "Preparation of DPR for Different Projects under Talacher Municipality". The cost of paper schedule is Rs.2,000 /- in shape of cash which will be available in the office of the undersigned and EMD is Rs.5,000/- only (refundable) which will be submitted in shape of demand draft to be drawn in favour of Executive Officer, Talacher Municipality.

The date of sale of EOI schedule paper is from 07.10.2026 to 15.10.2026 up to 5.00 P.M. The last date of receipt of the EOI on dt.16.10.2026 up to 01:00 PM and the same will be opened on the same day at 03.30 P.M. in presence of the participator or their authorized representative. They should attach the experience certificate of similar nature of work, GST certificate, PAN card, Registration certificate of the farm along with the EOI schedule.

Preference will be given to the bidder having experience of Preparation of Plan, Design, Estimate, Rate Analysis, Detail project report, Soil testing, Price quote for each 10m depth bore and soil testing Successful report from a Govt. approved laboratory. Price inclusive of all labour and transportations etc. bidders have to submit the DPR within in 15 days from the date of execution of agreement. Payment will be made in phased manner after completion of technical sanction and administrative approval from competent authority. They should quote the rate on percentage basis over the estimated cost. The authority reserves the right to reject any or all the quotations without assigning any reason thereof.

OIPR 13001/13077/1/26-27/0032 Sd/- Executive Officer, Talacher Municipality


Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ